

୭୭ତମ ସାଧାରଣତନ୍ତ୍ର ଦିବସ
ଅବସରରେ 'ସକାଳ' ପରିବାର
ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT JEYPORE ■ SAMBALPUR ■ PANIKOILI ■ BHUBANESWAR

◆VOLUME- 43 ◆ISSUE-211 ◆MONDAY ◆26 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୧୧ ◆ସୋମବାର ◆୨୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



# ଶୁଭାଂଶୁ ଶୁକ୍ଳାଙ୍କୁ ଅଶୋକ ଚକ୍ର

## ଦିବଂଗତ ଅଭିନେତା ଧର୍ମେନ୍ଦ୍ରଙ୍କୁ ମିଳିବ ପଦ୍ମବିଭୂଷଣ ସମ୍ମାନ

## ଅଲ୍‌କା ୟାଗ୍‌ନିକ୍, ମାମୁଟ୍ଟୀ, ବିଜୟ ଅମୃତ୍‌ରାଜଙ୍କୁ ପଦ୍ମଭୂଷଣ




■ ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ଅପୂର୍ବ ସାହସ ଓ ବୀରତ୍ୱର ପରାକାଷ୍ଠା ଦେଖାଇ ମହାକାଶ କେନ୍ଦ୍ରରେ ପାଦ ଥାପିଥିବା ପ୍ରଥମ ଭାରତୀୟ ତଥା ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଳାଙ୍କୁ ଦେଶର ଶାନ୍ତି ସମୟର ସର୍ବୋଚ୍ଚ ସାମରିକ ସମ୍ମାନ 'ଅଶୋକ ଚକ୍ର' ପ୍ରଦାନ କରାଯିବ। ସେହିପରି ଦିବଂଗତ ଅଭିନେତା ଧର୍ମେନ୍ଦ୍ର, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କେ ଟି ଥୋମାସ୍, କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ଏସ୍ ଅଚ୍ୟୁତାନନ୍ଦନ୍, ଶାସ୍ତ୍ରୀୟ ଭାୟୋଲିନ ବାଦକ ଏନ. ରାଜମ୍ ଏବଂ ବିଶିଷ୍ଟ ଲେଖକ ପି. ନାରାୟଣନ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି।


ଶୁଭାଂଶୁ ଶୁକ୍ଳା


ଧର୍ମେନ୍ଦ୍ର ସିଂହ ଦେଓଲ

୭୭ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରବିବାର ସନ୍ଧ୍ୟାରେ କେନ୍ଦ୍ର ସରକାର ▶ପୃଷ୍ଠା-୭

## ୪ ଓଡ଼ିଆଙ୍କୁ ମିଳିବ ପଦ୍ମଶ୍ରୀ


■ ଭୁବନେଶ୍ୱର, ୨୫।୧(ସମିସ): ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ 'ପଦ୍ମ ପୁରସ୍କାର' (ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ) ଘୋଷଣା କରାଯାଇଛି। ୨୦୨୬ ପାଇଁ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବାକୁ ରାଷ୍ଟ୍ରପତି ଅନୁମୋଦନ କରିଥିବାବେଳେ ଓଡ଼ିଶାରୁ ୪ ଜଣ ସ୍ଥାନ ପାଇଛନ୍ତି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ର ଏବଂ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯିବ। ଲଗାତାର ୩ ବର୍ଷ ଧରି ଓଡ଼ିଶାରୁ ୪ ଜଣ ଲେଖାଏଁ ପ୍ରତିଭାବାନ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାରରେ ▶ପୃଷ୍ଠା-୭

## ଆଗୁଆ ପଞ୍ଚାୟତ ନିର୍ବାଚନକୁ କମିସନଙ୍କ 'ନା'

# ନିର୍ଦ୍ଧାରିତ ସମୟରେ ହେବ ନିର୍ବାଚନ

■ ଭୁବନେଶ୍ୱର, ୨୫।୧ (ସମିସ): ରାଜ୍ୟରେ ଆଗୁଆ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବନାହିଁ। ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ନିର୍ଦ୍ଧାରିତ ୫ ବର୍ଷ ପୂରଣ କରିବା ପରେ ଧାର୍ଯ୍ୟ ସମୟରେ ନିର୍ବାଚନ କରାଯିବ। ରବିବାର ରାଜ୍ୟ ନିର୍ବାଚନ କମିସନର ମଧୁସୂଦନ ପାଢ଼ୀ ସ୍ପଷ୍ଟ ଭାବରେ ଏହା ପ୍ରକାଶ କରିବା ପରେ ଦିନକ ତଳେ ଆରମ୍ଭ ହୋଇଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ରାଜ୍ୟରେ ୫୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ୱାର୍ଡମେମ୍ବର ପଦ ଖାଲି ପଡ଼ିଛି। ବର୍ଷବର୍ଷ ଧରି ଏହାର ନିର୍ବାଚନ କରାଯାଉ ନାହିଁ; ଏପରିକି ନିର୍ବାଚନ ପାଇଁ ବିଜ୍ଞପ୍ତି ପକାଶ କରି ଏହାକୁ ପୁଣି ପ୍ରତ୍ୟାହାର କରାଯାଇଛି। ଏପରି ସମୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ସଂକ୍ରାନ୍ତରେ ଶାସକ ଦଳ ସଭାପତି କିପରି ଆକଳନ କଲେ ତାହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଏ ସମ୍ପର୍କରେ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି।

**ଦିନକ ତଳେ ଆଗୁଆ ନିର୍ବାଚନ ସମ୍ଭାବନା ଥିବା କହିଥିଲା ବିଜେପି**

**ବିଜେପି ପାର୍ଟି ଅଫିସରେ ନିର୍ବାଚନ ଘୋଷଣାକୁ ବିରୋଧୀଙ୍କ ନିନ୍ଦା**

ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ମନମୋହନ ସାମଲ ସୂଚନା ଦେଇଥିଲେ। ସେ କହିଥିଲେ ଯେ ସାରା ଦେଶରେ ଫେବ୍ରୁଆରୀ ମାସରେ ଜନଗଣନା ଆରମ୍ଭ ହେବ। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ୨୦୨୭ ମସିହା ଫେବ୍ରୁଆରୀ ମାସରେ ହେବାକୁ ଥିବାବେଳେ ଏହାର ୨ରୁ ୩ ମାସ ଆଗରୁ ନିର୍ବାଚନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତି କରୁଛନ୍ତି। ତେଣୁ ଯେଉଁମାନେ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ରହିଛନ୍ତି, ସେମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ ▶ପୃଷ୍ଠା-୭

## 'ସକାଳ'ର ଛୁଟି

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୨୭ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ (ବୁଧବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# କେନ୍ଦୁଝରରେ ଟ୍ରିପଲ୍-ମର୍ଡର୍

■ ଆନନ୍ଦପୁର, ୨୫।୧ (ସମିସ): ଗୋଟିଏ କି ଦୁଇଟି ନୁହେଁ, ଏକାଥରେ ଗଡ଼ିଛି ତିନିତିନିଟି ମୁଣ୍ଡ। ଗୋଟିଏ ପରିବାରର ୩ ଜଣଙ୍କୁ ପିଟିପିଟି ହତ୍ୟା କରାଯାଇଛି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଖାଳିଆମେଣ୍ଟା ପଞ୍ଚାୟତର ନିଆଳିଝରଣ ଗ୍ରାମରେ ରବିବାର ସଂଧ୍ୟାରେ ଏପରି ଏକ ଜଘନ୍ୟ ଘଟଣା ଘଟିଛି। ଏହି ଖବର ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକମାନେ ହେଲେ, ଜିତେନ୍ଦ୍ର ସୋରେନ୍, ତାଙ୍କ ସ୍ତ୍ରୀ ମାଳତୀ ସୋରେନ୍ ଓ ଝିଅ‌ାରି ଡାବିରି ସୋରେନ୍। ସେହିପରି ଏହି ଅଘଟଣରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ହେଉଛି। ନିକଟ ଅତୀତରେ ଜିତେନ୍ଦ୍ର, ମାଳତୀ ଓ ତାଙ୍କ ଝିଅାରି ଡାବିରି ନିଜର ଧର୍ମ ପରିବର୍ତ୍ତନ କରିଥିଲେ। ସେତେବେଳେ ଏହାକୁ କିଛି ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଏହା ହତ୍ୟାକାଣ୍ଡର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେହିପରି ଜମିବାଡ଼ି ବିବାଦ ଓ ଗୁଣିଗାରେଡ଼ିକୁ ନେଇ ମଧ୍ୟ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି। ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉରା କରୁଛି। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।



# ଅଫେରା ରାଇଜରେ ଅଭିଜିତ

■ ଭୁବନେଶ୍ୱର, ୨୫।୧ (ସମିସ): ଅଫେରା ରାଇଜରେ ଅଭିଜିତ ଦା'। ଓଡ଼ିଶା ସଂଗୀତ ଜଗତର ବାଦ୍‌ଶାହ ଅଭିଜିତ ମଜୁମଦାରଙ୍କ ରବିବାର ସକାଳେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ସେ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ। ଗତ ବର୍ଷ ସେପ୍ଟେମ୍ବର ୪ ତାରିଖରେ ପରିବାରଲୋକ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଦୀର୍ଘ ଦିନ ଧରି ଆଇସିୟୁରେ ଚିକିତ୍ସା କରାଯାଇଥିଲା। ଅବସ୍ଥାରେ ଉନ୍ନତି ହେବାରୁ ଗତ ନଭେମ୍ବର ୧୦ ତାରିଖରେ ତାଙ୍କୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେ ଧୀରେଧୀରେ ସୁସ୍ଥ ହେଉଥିବାରୁ ଏମ୍‌ସ କର୍ତ୍ତୃପକ୍ଷ ତାଙ୍କୁ ଡିସ୍‌ଚାର୍ଜ କରିବାକୁ ଚିନ୍ତା କରୁଥିଲେ। କିନ୍ତୁ ଦୁଇ ଦିନ ତଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏମ୍‌ସ ଡାକ୍ତରୀଦଳଙ୍କ ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ଅଭିଜିତଙ୍କୁ ବଞ୍ଚାଇ ପାରି ନଥିଲେ। ଆଜି ▶ପୃଷ୍ଠା-୭

**ଓଡ଼ିଆ ସଙ୍ଗୀତ ଜଗତ ସ୍ତବ୍ଧ**




ଦେଶ ବିଦେଶ
ସକାଳ
THE SAKALA
www.sakalaepaper.com

## ପ୍ରମୁଖ ଜେନେରାଲଙ୍କ ବିରୋଧରେ ଚାଲିବ ତଦନ୍ତ | ଚୀନ୍ ରାଷ୍ଟ୍ରପତିଙ୍କୁ ହତ୍ୟା ଷଡ଼ଯନ୍ତ୍ର

ବେଜିଂ, ୨୫।୧ (ଏଜେନ୍ସି): ଅନ୍ୟ ଦେଶର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରୁଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ହତ୍ୟା ଷଡ଼ଯନ୍ତ୍ର ହେଉଛି । ଏହାକୁ ନେଇ ପୁଣି ଚୀନ୍ ସେନାରେ ହଇଚଇ ଖେଳି ଯାଇଛି। ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ)ର ସବୁଠାରୁ ଶକ୍ତିଶାଳୀ ଜେନେରାଲଙ୍କ ମଧ୍ୟରୁ ଅନ୍ୟତମ ତଥା ରାଷ୍ଟ୍ରପତି ଜିନପିଙ୍ଗ ଘନିଷ୍ଠ ଝାଙ୍ଗ ୟୁସିଆକୁ ତଦନ୍ତ ପରିସରକୁ ନେବା ପରେ ଏହି ଆଶଙ୍କା ବଢ଼ିବାରେ ଲାଗିଛି। ଚୀନ୍ ପ୍ରତିରକ୍ଷା ମନ୍ତ୍ରାଳୟ ଏହି ତଦନ୍ତ ହେଉଥିବା ସ୍ପଷ୍ଟ କରିଛି। ରାଷ୍ଟ୍ରପତିଙ୍କୁ ୟୁସିଆ ହତ୍ୟା ଷଡ଼ଯନ୍ତ୍ର କରୁଥିଲେ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ ଜିନପିଙ୍ଗଙ୍କୁ ସେ କ୍ଷମତାଚ୍ୟୁତ କରିବା ପାଇଁ ଚାହୁଁଥିଲେ। ମାତ୍ର ୟୁସିଆ ନିଜେ ଜିନପିଙ୍ଗଙ୍କ ଜାଲରେ ଫସି ଯାଇଥିଲେ। ତାଙ୍କ ବିରୋଧରେ ଅନୁଶାସନ ଏବଂ ଆଇନ ଉଲ୍ଲଙ୍ଘନ ଅଭିଯୋଗ ଲାଗିଛି।

ସୂଚନା ଅନୁଯାୟୀ, ଚୀନର ସବୁଠାରୁ ଶକ୍ତିଶାଳୀ ସାମରିକ ସଂସ୍ଥା କେନ୍ଦ୍ରୀୟ ସାମରିକ କମିଶନର ଉପାଧ୍ୟକ୍ଷ ତଥା ସାମରିକ ବିଭାଗରେ ଏକ ଉଚ୍ଚ ପଦବୀରେ ଝାଙ୍ଗ୍ କାର୍ଯ୍ୟ କରୁଛନ୍ତି। ସେ ଜିନପିଙ୍ଗଙ୍କ ଅଧୀନରେ ସେନାର ପ୍ରତ୍ୟକ୍ଷ କମାଣ୍ଡରେ ଥିଲେ । ୭୫ ବର୍ଷ ବୟସ ୟୁସିଆ ୧୯୬୮ରେ ସେନାରେ ଯୋଗ ଦେଇଥିଲେ। ଚୀନ୍ ସାମରିକ ବାହିନୀର ଜଣେ ଅଭିଜ୍ଞ ଜେନେରାଲ ଭାବେ ସେ ପରିଚିତ। ଚୀନ ବିଶେଷଜ୍ଞ ତଥା ମାନବାଧିକାର କର୍ମୀ ଜେନିଫର ଜେଙ୍ଗଙ୍କ ଦାବି କହିଛନ୍ତି ଯେ ଜିନପିଙ୍ଗଙ୍କୁ ହଟାଇବା ପାଇଁ ପ୍ରୟାସ କରାଯାଇଥିଲା। ପୁରୁଣା କମ୍ୟୁନିଷ୍ଟ ନେତାମାନଙ୍କ ସହ ମିଶି କ୍ଷମତା ପରିବର୍ତ୍ତନ ଚାହୁଁଥିବା ଲୋକଙ୍କ ମଧ୍ୟରେ ୟୁସିଆ ଥିଲେ। ପୂର୍ବତନ ରାଷ୍ଟ୍ରପତି ହୁ ଜିନତାଓ, ପୂର୍ବତନ ପ୍ରଧାନମନ୍ତ୍ରୀ ୱେନ୍ ଜିଆବାଓ ଏବଂ ୟୁସିଆ ପ୍ରମୁଖ ଜିନପିଙ୍ଗଙ୍କୁ ହଟାଇ ତାଙ୍କ କ୍ଷମତା ହ୍ରାସ କରିବାକୁ ଚାହୁଁଥିଲେ। ଚୀନକୁ ଡେଙ୍ଗ ଜିଆଓପିଙ୍ଗ ଯୁଗକୁ ଫେରାଇ ଆଣିବା ତାଙ୍କର ଲକ୍ଷ୍ୟ ଥିଲା। ମାତ୍ର ଭୁଲ ସମୟରେ ଭୁଲ ପଦକ୍ଷେପ ନେଇ ଧରା ପଡ଼ିଥିଲେ। ଏହି ଷଡଯନ୍ତ୍ରକୁ ବିଫଳ କରିବା ପାଇଁ ଜିନପିଙ୍ଗ ଜାଣିଶୁଣି ମେଡିକାଲରେ ଭର୍ତ୍ତି ହୋଇଥିଲେ।


ୟୁସିଆଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ହେପାଜତକୁ ନିଆଯାଇଥିଲା। ସେ ଚାରି ଜଣ ସୁରକ୍ଷାକର୍ମୀଙ୍କ ସହ ଏଠାରେ ପହଞ୍ଚି ଥିବାବେଳେ ଶହେରୁ ଅଧିକ ଲୋକେ ତାଙ୍କୁ ଘେରି ନେଇଥିଲେ।

## ଶଙ୍କରାଚାର୍ଯ୍ୟଙ୍କ ମନ୍ତବ୍ୟ | ଯେତେ ସମସ୍ୟା ସୃଷ୍ଟି କଲେ ବି ପଛଘୁଞ୍ଚା ଦେବିନି

ପ୍ରୟାଗରାଜ, ୨୫।୧ (ଏଜେନ୍ସି): ପ୍ରୟାଗରାଜରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ କୁମ୍ଭମେଳା ପ୍ରଶାସନ ମଧ୍ୟରେ ବିବାଦ ଥମିବାର ନା ଧରୁନି। ଗତ ୭ ଦିନ ହେଲା ଶଙ୍କରାଚାର୍ଯ୍ୟ ଅନଶନ କରୁଥିବାବେଳେ ଶନିବାର ରାତିରେ ତାଙ୍କ ଶିବିରରେ କିଛି ଲୋକ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏମାନେ ଯୋଗୀଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ଏବେ ମାମଲା ଥାନାରେ ପହଞ୍ଚିଛି। ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କୁହାଯାଇଛି। ଏହି ଘଟଣାକୁ ନେଇ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯେତେ ସମସ୍ୟା ସୃଷ୍ଟି କଲେ ବି ପଛଘୁଞ୍ଚା ଦେବି ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଗୋସୁରକ୍ଷା କଥା କହୁଥିବାରୁ ଆମକୁ ଆକ୍ରମଣ କରାଯାଉଛି। ବିଜେପି ଆମକୁ ସହିପାରୁ ନାହିଁ। ଯେତେ ସମସ୍ୟା ସୃଷ୍ଟି କଲେ ବି ପଛକୁ ହଟିବାର ନାହିଁ। ଯେତେ ଜୁଲମ କରିବେ ସେତେ ମଜବୁତର ସହ ପଦକ୍ଷେପ ନେବୁ।

**ବିବାଦକୁ ସୁଯୋଗ ଭାବୁଛନ୍ତି ଉପ-ମୁଖ୍ୟମନ୍ତ୍ରୀ**

**ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି କେଶବ ମୌର୍ଯ୍ୟ**




ଅନ୍ୟପଟେ ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ଏହି ବିବାଦକୁ ସୁଯୋଗ ଭାବେ ଦେଖୁଥିବା ଚର୍ଚ୍ଚା ହେଉଛି। ସେ ଶଙ୍କରାଚାର୍ଯ୍ୟଙ୍କ ଆଧାର କରି ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଶଙ୍କରାଚାର୍ଯ୍ୟ ତୀବ୍ର ସମାଲୋଚନା କରୁଥିବାବେଳେ କେଶବ ନୂଆ ପନ୍ଥା ଆପଣାଇଛନ୍ତି। ସେ ବିବାଦର ଅନ୍ତ କରାଇବାକୁ ଶଙ୍କରାଚାର୍ଯ୍ୟଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ ସ୍ୱାମୀଙ୍କ ପାଦ ତଳେ ପଡ଼ି କ୍ଷମା ମାଗିବି ବୋଲି କହିଛନ୍ତି। ପୂର୍ବରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଶଙ୍କରାଚାର୍ଯ୍ୟ କହିଥିଲେ। ସାଧୁସନ୍ଥଙ୍କ ଏହି ଭାବନାକୁ ସମ୍ମାନ କରାଯିବା ଉଚିତ ବୋଲି କେଶବ କହିଛନ୍ତି।



ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ସାଧାରଣତନ୍ତ୍ର ଦିବସ ପରେଡ୍‌ର ଅଭ୍ୟାସ

## ସାମ୍ବାଦିକ ମାର୍କ ଟୁଲିଙ୍କ ପରଲୋକ

ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ବରିଷ୍ଠ ସାମ୍ବାଦିକ ମାର୍କ ଟୁଲିଙ୍କ ପରଲୋକ ହୋଇଛି। ନୂଆଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ରବିବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଏହି ସାମ୍ବାଦିକ କିଛି ଦିନ ଧରି ଅସୁସ୍ଥ ଥିଲେ। ସାକେତର ମ୍ୟାକ୍ସ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ମାର୍କ ଟଲିଙ୍କ ଜନ୍ମ କୋଲକାତାରେ ହୋଇଥିଲା। ସେ ୨୨ ବର୍ଷ ଧରି ବିବିସିର ନୂଆଦିଲ୍ଲୀ ବ୍ୟୁରୋ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ସେ ବିବିସି ରେଡିଓ ୪ କାର୍ଯ୍ୟକ୍ରମ 'ସମଥିଙ୍ଗ୍ ଅଣ୍ଡରଷ୍ଟୁଡ'ର ଜଣେ ପ୍ରସିଦ୍ଧ ଲେଖକ ଏବଂ ଉପସ୍ଥାପକ ମଧ୍ୟ ଥିଲେ। ସେ ୧୯୮୦ ଦଶକରେ ଖଲିସ୍ତାନୀ ଆତଙ୍କବାଦୀ ଭିଣ୍ଡରାୱାଲାର ସାକ୍ଷାତକାର ନେଇଥିଲେ। ତାଙ୍କୁ ୨୦୦୨ ମସିହାରେ ନାଇଟ୍ ଉପାଧି ଦିଆଯାଇଥିଲା। ୨୦୦୫ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ମାର୍କ ଟଲି ଭାରତ ଉପରେ ଅନେକ ପୁସ୍ତକ ଲେଖିଛନ୍ତି। ଏହା ମଧ୍ୟରେ ନୋ ଫୁଲ୍ ଷ୍ଟପ୍ସ ଇନ୍ ଇଣ୍ଡିଆ, ଇଣ୍ଡିଆ ଇନ୍ ସ୍ଲୋ ମୋସନ୍ ଏବଂ ଦି ହାର୍ଟ ଅଫ୍ ଇଣ୍ଡିଆ ସାମିଲ ରହିଛି। ଭାରତର ସ୍ୱର ଭାବେ ପରିଚିତ ଟଲି ଦୀର୍ଘ ବର୍ଷ ଧରି ଭାରତୀୟ ରାଜନୀତି, ସମାଜ ଏବଂ ସଂସ୍କୃତିର ଗଭୀର ବିଶ୍ଲେଷଣ କରି ବିଶ୍ୱକୁ ପରିଚିତ କରାଇଥିଲେ। ତାଙ୍କ ମୃତ୍ୟୁରେ ଗଣମାଧ୍ୟମରେ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଟଲିଙ୍କ ପିତା ଏକ ରେଲୱେ କମ୍ପାନୀର ନିର୍ଦ୍ଦେଶକ ଥିଲେ। ସେ ବ୍ରିଟିଶ ଉପନିବେଶବାଦ ପରିବାରରୁ ଆସିଥିଲେ। ପିଲାବେଳେ ଭାରତରେ କିଛି ବର୍ଷ ବିତାଇବା ପରେ ଟଲି ଇଂଲଣ୍ଡ ପଳାଇ ଯାଇଥିଲେ। ଭାରତୀୟ ସଂସ୍କୃତି ତାଙ୍କ ଉପରେ ଗଭୀର ପ୍ରଭାବ ପକାଇ ଥିଲା।



## ଆକ୍ରମଣ ଭୟ: ବଙ୍କରରେ ଖାମନେଇ

ତେହରାନ, ୨୫।୧ (ଏଜେନ୍ସି): ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନକୁ ଦଳିଦେବା ପାଇଁ ଇରାନ ସରକାର ଭଡ଼ାଟିଆ ସେନା ଲଗାଇ ଆନ୍ଦୋଳନକାରୀଙ୍କୁ ହତ୍ୟା କରି ଚାଲିଛନ୍ତି। ପ୍ରତିଶ୍ରୁତି ଦେଇ ଆମେରିକା ହାତ ଟେକିଦେବାରୁ ଏଭଳି ସ୍ଥିତି ହେଲା ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଏପରି ସମୟରେ ଆମରିକା ନୌସେନା ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ କ୍ୟାରିଅର ଷ୍ଟ୍ରାଇକ୍ ଗ୍ରୁପ୍ ଇରାନ ଅଭିମୁଖେ ବଢ଼ି ଚାଲିଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଜୋରଦାର ସଂଘର୍ଷ ହେବାର ଆଶଙ୍କା ରହିଛି। ଆମରିକାର ଏଭଳି ସମରସଜ୍ଜା ଦେଖି ଇରାନ ପିଳେହି ପାଣି ହୋଇଯାଇଛି। ଆମେରିକାକୁ ଡରେଇବା ପାଇଁ ବୃଥା ଧମକ ଦେଇଚାଲିଛି। ୱାଶିଂଟନ ଆକ୍ରମଣ କଲେ ଆଖପାଖରେ ଥିବା ଆମେରିକା ଘାଟୀଗୁଡ଼ିକୁ ଧ୍ୱଂସ କରିଦେବୁ ବୋଲି କୁହାଯାଇଛି। ଯୁଦ୍ଧର କଳା ବାଦଲ ଅଞ୍ଚଳକୁ ଘେରି ରହିଥିବା ବେଳେ ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଭୟରେ ଲୁଚି ରହିଛନ୍ତି। ସେ ଆମେରିକା କାର୍ଯ୍ୟାନୁଷ୍ଠାରୁ ବଞ୍ଚିବା ଲାଗି ମାଟି ତଳେ ଥିବା ବଙ୍କର (ଏଏଫୁପି)ରେ ଆଶ୍ରୟ ନେଇଛନ୍ତି। ଏହା ଏକ ବୁଲେଟ ପ୍ରୁଫ ଗଡ଼ ଭଳି। କୌଣସି ଆକ୍ରମଣ ଏହାକୁ ଭେଦି ପାରିବ ନାହିଁ। ଦୀର୍ଘ ଦିନ ହେଲା ତାଙ୍କୁ ସାର୍ବଜନୀନ ଭାବେ ଦେଖା ଯାଇ ନାହିଁ। ଏବେ ତାଙ୍କ ପୁଅ ସରକାର ଚଲାଉଛନ୍ତି।

ରିପୋର୍ଟ ଅନୁଯାୟୀ, ଆମେରିକା ଯେକୌଣସି ସମୟରେ ଏୟାର ଷ୍ଟ୍ରାଇକ୍ କରିପାରେ ବୋଲି ଇରାନର ବରିଷ୍ଠ ସାମରିକ ଅଧିକାରୀମାନେ ଖାମନେଇଙ୍କୁ ସୂଚନା ଦେଇଥିଲେ। ଏବେ ୮୬ ବର୍ଷୀୟ ଖାମନେଇ ତେହେରାନର ଏକ ବଙ୍କରରେ ଲୁଚି ରହିଛନ୍ତି। ଏହି ବଙ୍କରଟି ଅନେକ ଗୁପ୍ତ ଭୂତଳ ସୁଡ଼ଙ୍ଗ ସହିତ ସଂଯୁକ୍ତ ରହିଛି। ଆମେରିକା ଯୁଦ୍ଧ ଜାହାଜ ମଧ୍ୟପ୍ରାଚ୍ୟ ଅଭିମୁଖେ ମାଡ଼ି ଚାଲିଛି। ଏହା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଏବେ ଖାମନେଇ ନିଜ ପ୍ରଶାସନିକ କାର୍ଯ୍ୟକୁ ସାନପୁଅ ମାସୁଦ ଖାମନେଇ (୫୩)ଙ୍କୁ ହସ୍ତାନ୍ତର କରିଛନ୍ତି। ସେ ସରକାରଙ୍କ କାର୍ଯ୍ୟନିର୍ବାହୀ ଶାଖା ଓ କ୍ଷମତାର ଅନ୍ୟାନ୍ୟ ଅଂଶ ମଧ୍ୟରେ ମୁଖ୍ୟ ଯୋଗାଯୋଗକାରୀର ଭୂମିକା ନିର୍ବାହ କରୁଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ ଯେ ଆମେରିକା ମଧ୍ୟପ୍ରାଚ୍ୟକୁ ଯୁଦ୍ଧଜାହାଜ ପଠାଉଛି। ଇରାନ ପ୍ରତି ଏହା ଏକ କଠୋର ଚେତାବନୀ ବୋଲି ଟ୍ରମ୍ପ କହିଥିଲେ। ଅନ୍ୟପଟେ ଆମେରିକା ଆଗରେ ମୁଣ୍ଡ ନୁଆଁଇବାକୁ ଇରାନ ମନା କରିଦେଇଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନ କହିଥିଲେ ଯେ ଆମେରିକା କିମ୍ବା ଇସ୍ରାଏଲ ଇରାନର ସର୍ବୋଚ୍ଚ ନେତାଙ୍କ ଉପରେ ଆକ୍ରମଣ ତାହାକୁ ଯୁଦ୍ଧ ଘୋଷଣା ବୋଲି ଧରାଯିବ।

## ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଅଡୁଆ ବଢ଼ିଲା

**୧୩.୫ କୋଟିର ଠକେଇ ମାମଲା ରୁଜୁ**

ମୁମ୍ବଇ, ୨୫।୧ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଅଡୁଆ କମ୍ ହେବାର ନା ଧରୁନି। ଏବେ ସେ ପୁଣି ଆଉ ଏକ ଠକେଇ ମାମଲାରେ ଫସିଛନ୍ତି। ବିକ୍ରମ ଏବଂ ତାଙ୍କ ଝିଅ କୃଷ୍ଣା ଭଟ୍ଟଙ୍କ ବିରୋଧରେ ମୁମ୍ବଇର ଭର୍ସୋଭା ଥାନାରେ ଠକେଇ ମାମଲା ରୁଜୁ ହୋଇଛି। ପୁନେର ଫିଲ୍ମ ଫାଇନାନ୍ସର ଶିବରାଜ ପୃଥ୍ୱୀରାଜ ଖାୱାଡେ ଅଭିଯୋଗ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବାପଝିଅ ଉଭୟେ ତାଙ୍କୁ ୧୩.୫ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ ୨୦୨୧ରେ ଆଗାମୀ ଫିଲ୍ମରେ ନିବେଶ କରିବାକୁ ଖାୱାଡେଙ୍କୁ ବିକ୍ରମ ରାଜି କରାଇ ନେଇଥିଲେ। ନିବେଶ ଟଙ୍କା ଶୀଘ୍ର ଫେରାଇ ଦେବେ ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ଏ ବାବଦକୁ ଚଳଚ୍ଚିତ୍ର ନିର୍ମାତା ତାଙ୍କଠାରୁ ମୋଟ ୧୩.୫୦ କୋଟି ଟଙ୍କା ନେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟ ପରେ ବି ମୂଳ ଟଙ୍କା କିମ୍ବା କୌଣସି ଲାଭ ଦିଆଯାଇ ନ ଥିଲା। ୨୦୨୧ର ଘଟଣା ହୋଇଥିବାରୁ ଆଇପିସିର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମାମଲାର ଗମ୍ଭୀରତାକୁ ଦେଖି ମୁମ୍ବଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବଲ୍ୟୁ)କୁ ଏହାକୁ ସ୍ଥାନାନ୍ତର କରାଯାଇଛି। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୭ରେ ବିକ୍ରମ ଭଟ୍ଟ ଏବଂ ତାଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କୁ ରାଜସ୍ଥାନ ପୁଲିସ ୩୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ଗିରଫ କରିଥିଲା। ଏକ ବ୍ୟବସାୟିକ ଚୁକ୍ତି ସହିତ ଜଡିତ ଆର୍ଥିକ ଅନିୟମିତତାନେଇ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

## ବାଂଲାଦେଶରେ ଥମୁନି ହିନ୍ଦୁ-ବିରୋଧୀ ହିଂସା

ଢାକା, ୨୫।୧ (ଏଜେନ୍ସି): ସଂଖ୍ୟାଲଘୁଙ୍କ ପାଇଁ ବାଂଲାଦେଶ ନର୍କ ପାଲଟି ଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ବିତାଡ଼ିତ ହେବା ପରଠାରୁ ଆରମ୍ଭ ହୋଇଥିବା ହିଂସା ଜଣଙ୍କ ପରେ ଜଣେ ହିନ୍ଦୁଙ୍କ ଜୀବନ ନେଇ ଚାଲିଛି। ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାରଙ୍କ ସ୍ଥାଣୁତା ଏବଂ ନିର୍ବାଚନ ଘୁଞ୍ଚାଇବାର ଚକ୍ରାନ୍ତ ହିନ୍ଦୁଙ୍କ ଜୀବନକୁ ବିପଦମ ମୟ କରିଦେଇଛି। କ୍ରମାଗତ ଭାବେ ହିନ୍ଦୁଙ୍କୁ ନିଶାଣ କରାଯାଉଛି। ଏହି କ୍ରମରେ ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ଜିଅନ୍ତା ଜାଳି ହତ୍ୟା କରାଯାଇଛି। ନରସିନ୍ଦି ସହର ସ୍ଥିତ ପୁଲିସ ଲାଇନକୁ ଲାଗି ରହିଥିବା ମସଜିଦ ମାର୍କେଟ ଅଞ୍ଚଳରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ୨୩ ବର୍ଷୀୟ ଚଞ୍ଚଳ ଚନ୍ଦ୍ର ଭୌମିକଙ୍କୁ ଅତି ନୃଶଂସ ଭାବେ ମାରି ଦିଆଯାଇଛି। ଶୁକ୍ରବାର ରାତିରେ ଗ୍ୟାରେଜ ଭିତରୁ ଭୌମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ପରିବାର ସଦସ୍ୟ ଏହାକୁ ସୁଚିନ୍ତିତ ଷଡ଼ଯନ୍ତ୍ର କହିଛନ୍ତି। ଏହାକୁ ମିଶାଇ ବାଂଲାଦେଶରେ ଗତ ୪୦ ଦିନ ମଧ୍ୟରେ ୧୦ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୧୮ ରେ ମୟମନସିଂ ଜିଲ୍ଲାରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ପିଟି ପିଟି ହତ୍ୟା କରିଥିଲା। ତାଙ୍କ ମୃତଦେହକୁ ଗଛରେ ଝୁଲାଇ ନିଆଁ ଲଗାଇ ଦିଆଯାଇଥିଲା।

**ହିନ୍ଦୁ ଯୁବକଙ୍କୁ ଜିଅନ୍ତା ଜାଳି ହତ୍ୟା**

ସୂଚନା ଅନୁଯାୟୀ, ଚଞ୍ଚଳ ଯେଉଁ ଗ୍ୟାରେଜରେ କାମ କରୁଥିଲା ସେଠାରୁ ତାଙ୍କ ମୃତଦେହ ମିଳିଛି। ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ଏବେ ସିସିଟିଭି ଫୁଟେଜର ଯାଞ୍ଚ କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଘଟଣା ସମୟରେ ଚଞ୍ଚଳ ଗ୍ୟାରେଜ ଭିତରେ ଶୋଇଥିଲେ। ରାତିରେ କେହି ବାହାରୁ ସଟରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଶୀଘ୍ର ଭିତରେ ବ୍ୟାପି ଯାଇଥିଲା। ସେମାନେ ବାହାରେ ଥାଇ ଭୌମିକ ଛଟପଟ ହେଉଥିବାର ଦେଖିଥିଲେ। ପ୍ରାଣ ହରାଇବା ପରେ ସେଠାରୁ ପଳାଇ ଥିଲେ। ଚଞ୍ଚଳ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୂର୍ବରୁ ତାଙ୍କ ବାପାଙ୍କ ମୃତ୍ୟୁ ହୋଇସାରିଥିଲା। ସେ ତାଙ୍କ ଅସୁସ୍ଥ ମାଆ, ଅକ୍ଷମ ବଡ଼ ଭାଇ ଓ ସାନ ଭାଇଙ୍କ ପେଟ ପୋଷୁଥିଲେ। କାହା ସହ ଚଞ୍ଚଳଙ୍କ କୌଣସି ଶତ୍ରୁତା ନ ଥିଲା।

## ଟ୍ରମ୍ପଙ୍କୁ ମେଲୋନିଙ୍କ ବିରୋଧ

ୱାଶିଂଟନ, ୨୫।୧ (ଏଜେନ୍ସି): ଆଫଗାନିସ୍ତାନ ଯୁଦ୍ଧରେ ନାଟୋର ଭୂମିକାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ମନ୍ତବ୍ୟକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି। ନାଟୋ ଦେଶ ଗୁଡ଼ିକୁ ଏହାକୁ ନେଇ ଚାପା ଅସନ୍ତୋଷ ପ୍ରକାଶ କରିବା ପରେ ଟ୍ରମ୍ପ ନିଜ ସୁର ବଦଳାଇ ସ୍ଥିତିକୁ ସମ୍ଭାଳିବାକୁ ପ୍ରୟାସ କରିଛନ୍ତି। ସେ ଶନିବାର ବ୍ରିଟିଶ ସୈନିକଙ୍କୁ ପ୍ରଶଂସା କରିଛନ୍ତି। ଆଫଗାନିସ୍ତାନ ଯୁଦ୍ଧରେ ଦେଇଥିବା ବଳିଦାନକୁ ମନେ ପକାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଲେଖିଛନ୍ତି ବ୍ରିଟେନର ମହାନ ଏବଂ ଅତ୍ୟନ୍ତ ସାହସୀ ସୈନିକମାନେ ସବୁବେଳେ ଆମେରିକା ସହିତ ରହିବେ। ଆଫଗାନିସ୍ତାନରେ ୪୫୭ ଜଣ ବ୍ରିଟିଶ ସୈନିକଙ୍କ ମୃତ୍ୟୁ ଘଟିଛି। ଅନେକ ଗୁରୁତର ଆହତ ହୋଇଛନ୍ତି। ସେମାନେ ବିଶ୍ୱର ସର୍ବଶ୍ରେଷ୍ଠ ଯୋଦ୍ଧାମାନଙ୍କ ମଧ୍ୟରେ ଅନ୍ୟତମ। ଏହା ପୂର୍ବରୁ ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ଯେ ଆଫଗାନିସ୍ତାନରେ ନାଟୋ ଦେଶଙ୍କ ସୀମିତ ଭୂମିକା ଥିଲା। ସେମାନେ ସମ୍ମୁଖରୁ ଦୂରରେ ରହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ନାଟୋ ସହଯୋଗୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କରିଥିଲା।



ଅନ୍ୟପକ୍ଷରେ ଟ୍ରମ୍ପଙ୍କ ମନ୍ତବ୍ୟକୁ ୨୦୦୧ ସେପ୍ଟେମ୍ବର ୧୧ ଆକ୍ରମଣ ପରେ ନାଟୋ ଦେଖାଇଥିବା ଏକତା ପ୍ରତି ଅପମାନ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଛନ୍ତି। ସେ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିଦେଇଛନ୍ତି। ସେ କହିଛନ୍ତି ଯେ ଆକ୍ରମଣ ପରେ ନାଟୋ ଇତିହାସରେ ପ୍ରଥମ ଥର ପାଇଁ ଧାରା ୫ ସକ୍ରିୟ କରାଯାଇଥିଲା। ଏହାକୁ ସମସ୍ତେ ସମର୍ଥନ ଦେଇଥିଲେ। ଆମେ ଆଫଗାନିସ୍ତାନରେ ହଜାର ହଜାର ସୈନ୍ୟଙ୍କୁ ମୁତୟନ କରିଥିଲୁ।

## ମହାକାଶରେ ଘର ତୋଳିବ ଭାରତ

ନୂଆଦିଲ୍ଲୀ, ୨୫।୧(ଏଜେନ୍ସି): ଖୁବ୍‌ଶୀଘ୍ର ମହାକାଶରେ ଭାରତ ନିଜର ଘର ଅର୍ଥାତ ସ୍ପେଶ୍ ଷ୍ଟେସନ ସ୍ଥାପନ କରିବ। ଏଥିପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପ୍ରସ୍ତୁତି ଆରମ୍ଭ କରିବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଏହାର ମୂଳ ମଡ୍ୟୁଲ ନିର୍ମାଣ ପାଇଁ ଭାରତୀୟ କମ୍ପାନୀଗୁଡିକଠାରୁ ଆବେଦନ ଆମନ୍ତ୍ରଣ କରାଯାଇଛି। ୨୦୨୮ ରେ ଭରାତୀୟ ମହାକାଶ ଷ୍ଟେସନର ପ୍ରଥମ ମଡ୍ୟୁଲ୍ ଉତ୍କ୍ଷେପଣ ହେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ପୃଥିବୀର ନିମ୍ନ କକ୍ଷରେ ସ୍ଥାନିତ କରାଯିବ। ଏହା ମହାକାଶ ଯାତ୍ରାରେ ଇସ୍ରୋର ଏକ ଅତ୍ୟନ୍ତ ମହତ୍ୱାକାଂକ୍ଷୀ ମିଶନ। ଏହା ଦ୍ୱାରା ଭାରତକୁ ଏକ ସ୍ଥାୟୀ ମହାକାଶ ବେସ୍ ମିଳିବ। ଏଠାରେ ମହାକାଶ ବୈଜ୍ଞାନିକ, ମହାକାଶଚାରୀମାନେ ବିଭିନ୍ନ ଗବେଷଣା କରିପାରିବେ। ଏଥିରେ ସଫଳ ହେଲେ ଭାରତ ବିଶ୍ୱର ବଛା ବଛା ଦେଶଗୁଡ଼ିକ ମଧ୍ୟରେ ସ୍ଥାନିତ ହେବ। ଏହି ଷ୍ଟେସନଟି ପୃଥିବୀଠାରୁ ପ୍ରାୟ ୪୦୦-୫୦୦ କିମି ଉଚ୍ଚତାରେ ଅବସ୍ଥିତ ହେବ। ଏଥିରେ ଏକା ସମୟରେ ୩-୪ ଜଣ ମହକାଶଚାରୀ ରହିପାରିବେ। ୨୦୩୫ ସୁଦ୍ଧା ମିଶନର ସମସ୍ତ ୫ଟି ମଡ୍ୟୁଲ ସମ୍ପୂର୍ଣ୍ଣ ଭାବେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ମଡ୍ୟୁଲ ୩.୮ ମି ବ୍ୟାସ ଓ ୮ ମି ଉଚ୍ଚ ହେବ। ଏଗୁଡ଼ିକ ଉଚ୍ଚ-ଶକ୍ତି ସମ୍ପନ୍ନ ଆଲୁମିନିୟମ ମିଶ୍ରଧାତୁରୁ ନିର୍ମିତ ହେବ।

**ପ୍ରସ୍ତୁତି ଆରମ୍ଭ କଲା ଇସ୍ରୋ**



## ଜୀବନ ପାଇଁ ୧୫ ମିନିଟ୍‌ର କଷ୍ଟ ଦେଇଥିଲା ଆମେରିକା

କାରାକସ, ୨୫।୧ (ଏଜେନ୍ସି): ଭେନେଜୁଏଲାର କାମଚଳା ରାଷ୍ଟ୍ରପତି ଡେଲସି ରୋଡ୍ରିଗିଜ ଆମେରିକାର କ୍ରୁର ମୁଖା ଖୋଲି ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରିବା ପାଇଁ ଆମେରିକା ରାତି ଅଧରେ ନେଇଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ କିଭଳି ମନ୍ତ୍ରୀମାନଙ୍କୁ ଧମକ ଦିଆଯାଇଥିଲା ତାହା କହିଛନ୍ତି। ପ୍ରଘଟ ହୋଇଥିବା ଏକ ଭିଡିଓରେ ଡେଲସି କହୁଛନ୍ତି ଯେ ମାଦୁରୋଙ୍କୁ ଧରିବା ସମୟରେ ତାଙ୍କୁ ଏବଂ ତାଙ୍କ କ୍ୟାବିନେଟ ସହଯୋଗୀଙ୍କୁ ୧୫ ମିନିଟର କଷ୍ଟ ଦେଇଥିଲା। ଏହି ସମୟ ମଧ୍ୟରେ ଆମେରିକା ସର୍ତ୍ତ ନ ମାନିଲେ ଗୁଳି କରିଦିଆଯିବ ବୋଲି କୁହାଯାଇଥିଲା। ତେଣୁ ବାଧ୍ୟ ହୋଇଥିବା ସେମାନେ ଏହି ସର୍ତ୍ତକୁ ସ୍ୱୀକାର କରିଥିଲେ। ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏକ ବୈଠକର ଭାଇରାଲ ହୋଇଥିବା ଲିକ୍ ଭିଡିଓରେ ଏହି ଦାବି କରାଯାଇଛି। ଆମେରିକା ସେନା କାର୍ଯ୍ୟାନୁଷ୍ଠାନର ସାତ ଦିନ ପରେ ଭେନେଜୁଏଲାରେ ଏହି ବୈଠକ ହୋଇଥିଲା।

**ଭେନେଜୁଏଲା କାମଚଳା ରାଷ୍ଟ୍ରପତିଙ୍କ ଖୁଲାସା**

**ଟ୍ରମ୍ପଙ୍କୁ ଡେଲ୍‌ସି ସହଯୋଗ କରୁଥିବା ଦାବି**


ରିପୋର୍ଟ ଅନୁଯାୟୀ, ମାଦୁରୋଙ୍କୁ ଗିରଫ ପରେ ଡେଲସିଙ୍କ ଭାଇ ଜର୍ଜ ରୋଡ୍ରିଗେଜ ଓ ଗୃହମନ୍ତ୍ରୀ ଡିଓସଡାଡୋ କାବେଲୋଙ୍କୁ ଧମକ ଦିଆଯାଇଥିଲା। ଆମେରିକାର ସଶସ୍ତ୍ର ବାହିନୀ ତାଙ୍କୁ ଜାଣିଶୁଣି ଭୁଲ୍ ସୂଚନା ଦେଇଥିଲେ। ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ହତ୍ୟା କରାଯାଇଥିବା କୁହାଯାଇଥିଲା। ମାତ୍ର ପରେ ଉଭୟଙ୍କୁ ଅପହରଣ କରି ଆମେରିକା ନିଆଯାଇଥିବା ଜଣା ପଡ଼ିଥିଲା। ତେଣୁ ଡେଲ୍ସି ଭେନେଜୁଏଲାର ରାଜନୈତିକ ସ୍ଥିତିକୁ ସଜାଡ଼ିବା ପାଇଁ ଉଚିତ ମଣିଥିଲେ। ଏଭଳି କଠିନ ପରିସ୍ଥିତିରେ ଦାୟିତ୍ୱ ଗ୍ରହଣ କରିବା ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ଆଉ ଏକ ବଡ଼ ବିପର୍ଯ୍ୟୟ କିମ୍ବା ସାମରିକ ଆକ୍ରମଣରୁ ଭେନେଜୁଏଲାର ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଆମେରିକା ସର୍ତ୍ତ ମାନିଥିଲେ।

ଅନ୍ୟପକ୍ଷରେ ଡେଲସିଙ୍କ ବିରୋଧ କରାଯାଉଛି। ତାଙ୍କୁ ଆମେରିକାର ସହଯୋଗୀ କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ରାଷ୍ଟ୍ରପତି କାଳ୍ପନିକ କାହାଣୀ ଗଢୁଛନ୍ତି। ଆଭ୍ୟନ୍ତରୀଣ ସହଯୋଗ ବିନା ମାଦୁରୋଙ୍କୁ କ୍ଷମତାରୁ ହଟାଇବା ସମ୍ଭବ ହୋଇନଥାନ୍ତା। ଆରମ୍ଭରୁ ରୋଡ୍ରିଗେଜ୍ ଏଥିରେ ସାମିଲ ଥାଇପାରନ୍ତି। ସେହିପରି ଟ୍ରମ୍ପଙ୍କୁ ସହଯୋଗ କରିବାକୁ ରୋଡ୍ରିଗେଜ୍ ଓ ତାଙ୍କ ଭାଇ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ।

**ପଶ୍ଚିମବଙ୍ଗ ଏସ୍‌ଆଇଆର୍: ୧.୨୫ କୋଟି ନାମ ସାର୍ବଜନୀନ**

## ଗଣତନ୍ତ୍ରକୁ ଦୁର୍ବଳ କରୁଛନ୍ତି ଇସି: ମମତା

କୋଲକାତା, ୨୫।୧ (ଏଜେନ୍ସି): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ କମିଶନ (ଇସି) ଏସଆଇଆର ତାଲିକାରେ ତାର୍କିକ ବିସଙ୍ଗତି ତଥା ଲଜିକାଲ ଡିସ୍କ୍ରେପେନ୍ସି ଥିବା ଲୋକଙ୍କ ତାଲିକା ଜାରି କରିଛନ୍ତି। ଇସିଙ୍କ ୱେବସାଇଟରେ ଏହାକୁ ଅପଲୋଡ୍ କରାଯାଇଛି। ପଞ୍ଚାୟତ, ବ୍ଲକ ଏବଂ ୱାର୍ଡ କାର୍ଯ୍ୟାଳୟରେ ଏହାକୁ ପୋଷ୍ଟ କରାଯିବ। ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ନେଇ ଇସି ଦ୍ୱନ୍ଦ୍ୱରେ ଥିଲେ। କାରଣ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଏଲଓଙ୍କୁ ଜରୁରୀ ସଫ୍ଟୱେୟାର ମିଳି ପାରି ନ ଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସିଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ବିଜେପି ଇଙ୍ଗିତରେ ଇସି ଦେଶରେ ଗଣତନ୍ତ୍ରକୁ ଦୁର୍ବଳ କରୁଥିବା ମମତା କହିଛନ୍ତି।




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-211 ♦MONDAY ♦26 JANUARY 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୨୧୧ ♦ସୋମବାର ♦୨୬ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


■ କଡ଼ା ସମାଲୋଚନା ପରେ ନଇଁଲେ କୋରାପୁଟ ଜିଲ୍ଲାପାଳ

## ବିବାଦୀୟ 'ଆଇଁଷ' ବିଜ୍ଞପ୍ତି ପ୍ରତ୍ୟାହାର

■ ଭୁବନେଶ୍ୱର/କୋରାପୁଟ,୨୫।୧(ସମିସ): ସାଧାରଣତନ୍ତ୍ର ଦିବସରେ ଆମିଷ ଖାଦ୍ୟ ବିକ୍ରି ବନ୍ଦ ନିଷ୍ପତ୍ତିକୁ ରାଜ୍ୟବ୍ୟାପୀ ସମାଲୋଚନା ହେବା ପରେ ଶେଷରେ ନଇଁଛି କୋରାପୁଟ ଜିଲଲା ପ୍ରଶାସନ। ଗତ ୨୩ ତାରିଖରେ ଜାରି ବିବାଦୀୟ 'ଆଇଁଷ' ବିଜ୍ଞପ୍ତିକୁ କୋରାପୁଟ ଜିଲଲାପାଳ ପ୍ରତ୍ୟାହାର କରିଛନ୍ତି। ରବିବାର ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାବ୍ୟାପୀ ମାଂସ, ଚିକେନ, ମାଛ, ଅଣ୍ଡା ସହ ଅନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ହୋଇପାରିବ ନାହିଁ ବୋଲି କୋରାପୁଟ ଜିଲ୍ଲାପାଳ ୨୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଯାଇଥିଲା। ମାତ୍ର ଜିଲ୍ଲା ପ୍ରଶାସନର ଏପରି ନିର୍ଦ୍ଦେଶନାମାକୁ କୋରାପୁଟ ଜିଲ୍ଲା ସହ ସାରା ରାଜ୍ୟରେ କଡ଼ା ସମାଲୋଚନା କରାଯାଇଥିଲା। ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ଅବସରପ୍ରାପ୍ତ ପ୍ରଶାସକ, ସାଧାରଣ ଲୋକେ ଏପରି ନିଷ୍ପତ୍ତିକୁ ପାଗଳାମୀ ବୋଲି ଆଖ୍ୟା ଦେଇଥିଲେ। ଆଇନରେ ଏପ୍ରକାରର କୌଣସି ବ୍ୟବସ୍ଥା ନ ଥିବା ବେଳେ ଲୋକଙ୍କ ଆହାର କ'ଣ ହେବ ତାହା ନିର୍ଦ୍ଧାରଣ କରିବାକୁ ଜିଲ୍ଲାପାଳଙ୍କୁ କିଏ ଅଧିକାର ଦେଲା ବୋଲି ପ୍ରଶ୍ନ ଉଠିଥିଲା। ଏପରିକି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କୋରାପୁଟ ଜିଲ୍ଲାପାଳଙ୍କୁ ଏହି ପ୍ରସଙ୍ଗରେ ତାଗିଦ୍ କରିଥିଲେ। ଚାରିଆଡ଼ୁ ସମାଲୋଚନା ଓ ଉପରୁ ତାଗିଦ ପରେ ଜିଲ୍ଲାପାଳ ଶେଷରେ ତାଙ୍କର ପୂର୍ବ ଆଦେଶକୁ ପ୍ରତ୍ୟାହାର କରିଛନ୍ତି।

## ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ



■ କୋଣାର୍କ,୨୫।୧(ସମିସ): ମାଘ ଶୁକ୍ଳ ସପ୍ତମୀ ତିଥି, ରବିବାର ପ୍ରତ୍ୟୁଷରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ ଚଳିତବର୍ଷ ମାଘ ବୁଡ଼ରେ ମହାବିଭ୍ରାଟ ସୃଷ୍ଟି ହୋଇଛି। ପରମ୍ପରା ଅନୁଯାୟୀ, ପ୍ରତ୍ୟୁଷରୁ ମାହେନ୍ଦ୍ର ମେଳାରେ ତୀର୍ଥ ଜଳରେ ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ତୀର୍ଥସ୍ନାନ କରିଥାଆନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଚାରିପଟେ ବ୍ୟାରିକେଡ୍ ନିର୍ମାଣ କରାଯାଇ ପୁଲିସ୍ ସୁରକ୍ଷା ମଧ୍ୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ତୀର୍ଥରେ ପ୍ରବେଶ କରିବାର ବ୍ୟବସ୍ଥା କରାଯାଇଥାଏ। ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁଙ୍କ ତୀର୍ଥ ପ୍ରବେଶ ନିମନ୍ତେ ପୁଲିସ ପକ୍ଷରୁ ତୋପ ଫୁଟାଇ ସୂଚନା ଦିଆଯାଇଥାଏ। କିନ୍ତୁ ଚଳିତବର୍ଷ ପୁଲିସ ସୁରକ୍ଷା ଢିଲା ଯୋଗୁଁ ତ୍ରିଶମ୍ଭୁଙ୍କ ମହାସ୍ନାନ ପୂର୍ବରୁ ରାତି ୩ଟା ୪୫ ମିନିଟ୍‌ରେ ଦୁଇଟି ଗେଟ୍ ଦେଇ ଶ୍ରଦ୍ଧାଳୁଙ୍କୁ ପୂର୍ବ ସୂଚନା ବିନା ତୀର୍ଥସ୍ନାନ ନିମନ୍ତେ ଛାଡ଼ି ଦିଆଯାଇଥିଲା। ପ୍ରାୟ ୫୦୦ରୁ ଅଧିକ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ସ୍ନାନ କରୁଥିବା ପୁରୀ ଏସ୍‌ପିଙ୍କ ନଜରକୁ ଆସିଥିଲା। ଏହାପରେ ହୁଇସିଲ୍ ମାରି ଅଧା ଗାଧୁଆ ଅବସ୍ଥାରେ ଶ୍ରଦ୍ଧାଳୁମାନଙ୍କୁ ତୀର୍ଥ ପୁଷ୍କରିଣୀରୁ ବାହାର କରାଯାଇଥିଲା। ଶ୍ରୀଜୀଉଙ୍କ ମହାସ୍ନାନ ନୀତି ସମ୍ପନ୍ନ ପରେ ପୁଲିସ୍ ପ୍ରଶାସନ ପକ୍ଷରୁ ତୋପ ସଙ୍କେତ ଦିଆଯାଇଥିଲା।

### ସୁରକ୍ଷା ବ୍ୟବସ୍ଥା ଢିଲା; ଭାଙ୍ଗିଲା ପରମ୍ପରା

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସେବାୟତମାନେ ମାଧିପୁର ଗ୍ରାମର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ସନ୍ଥପୁରର ଈଶାଣେଶ୍ୱର ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ଆଡ଼ମ୍ବର ଶୋଭାଯାତ୍ରାରେ ଅଣାଯାଇ ରାତି ୩ଟାରେ ଚନ୍ଦ୍ରଭାଗା ତୀର୍ଥ ପୂଜା ମଣ୍ଡପରେ ବିଜେ କରାଯାଇଥିଲା। ରବିବାର ଭୋର୍ ୩ଟା ୫୫ରେ ଶ୍ରୀଜୀଉମାନଙ୍କ ପୂଜାର୍ଚ୍ଚନା ଓ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରଦ୍ଧାଳୁମାନେ ତୀର୍ଥ ପୁଷ୍କରିଣୀରେ ପ୍ରବେଶ କରିବା ମାତ୍ରେ ନିମ୍ନଭାଗରେ ଜମି ରହିଥିବା କୁଡ଼କୁଡ଼ ଆବର୍ଜନା ଉପରକୁ ଉଠି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଥିଲା। ଗାଧୋଇବା ତ ଦୂରର କଥା, ଅଧିକାଂଶ ଶ୍ରଦ୍ଧାଳୁ ମୁଣ୍ଡରେ ପାଣିଛିଞ୍ଚି ଅସନ୍ତୋଷ ଚିତ୍ତରେ ଫେରୁଥିବା ପରିଲକ୍ଷିତ ହୋଇଥିଲା।

### ଦେଶବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

# ଦେଶର ବିକାଶରେ ମହିଳାଙ୍କ ଯୋଗଦାନ ବଢ଼ିଛି

■ ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ସେ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଦେବା ସହିତ ଏହି ଉତ୍ସବ ଦେଶବାସୀଙ୍କ ରାଷ୍ଟ୍ରୀୟ ଏକତା ତଥା ଗୌରବ ଭାବନାକୁ ମଜବୁତ କରୁଛି ବୋଲି କହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଶାନ୍ତି ବାର୍ତ୍ତା, ବିକାଶରେ ଅଲଗା ଅଲଗା କ୍ଷେତ୍ରର ଭୂମିକା, ନାରୀ ଶକ୍ତି, ଅପରେସନ ସିନ୍ଦୂର, ଭୋଟର ଦିବସ ଏବଂ ପରିବେଶ ସଂରକ୍ଷଣ ଉପରେ ଅଭିଭାଷଣ ରଖିଛନ୍ତି।

ପରିବେଶ ସଂରକ୍ଷଣକୁ ଏବେ ସର୍ବାଧିକ ପ୍ରାଧାନ୍ୟ ଦେବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି। ପରିବେଶ ସମ୍ବନ୍ଧିତ ଅନେକ କ୍ଷେତ୍ରରେ ଭାରତ ବିଶ୍ୱର ମାର୍ଗଦର୍ଶନ କରିବା ଗର୍ବର ବିଷୟ। ପ୍ରକୃତି ସହିତ ମିଶି ଚଳିବା ଭାରତୀୟ ସଂସ୍କୃତିର ଅଂଶବିଶେଷ। ଏହି ଜୀବନଶୈଳୀ ବିଶ୍ୱ ସମୁଦାୟକୁ ଦିଆଯାଇଥିବା ବାର୍ତ୍ତା 'ଲାଇଫଷ୍ଟାଇଲ ଫର ଏନଭାରମେଣ୍ଟ' ତଥା ଲାଇଫର ଆଧାର। ପରବର୍ତ୍ତୀ ପିଢି ପାଇଁ ପୃଥିବୀ ମାତାର ସମ୍ବଳକୁ ଉପଲବ୍ଧ ରଖିବା ନିମନ୍ତେ ଆମକୁ ପ୍ରୟାସ କରିବାକୁ ହେବ। ରାଷ୍ଟ୍ରପତି ଶାନ୍ତିକୁ ନେଇ କହିଛନ୍ତି ଯେ ଆମ ସଂସ୍କୃତିରେ ସର୍ବଦା ଶାନ୍ତି ବଜାୟ ରଖିବାକୁ ପ୍ରାର୍ଥନା କରାଯାଇଥାଏ। ବିଶ୍ୱରେ ଶାନ୍ତି ରହିଲେ ହିଁ ମାନବତାର ଭବିଷ୍ୟତ ସୁରକ୍ଷିତ ରହିବ। ଆଜି ବିଶ୍ୱର ଅନେକ ସ୍ଥାନରେ ଅଶାନ୍ତି ବ୍ୟାପି ରହିଥିବାବେଳେ ଭାରତ ଶାନ୍ତି ଏବଂ ଭାଇଚାରାର ବାର୍ତ୍ତା ପ୍ରସାର କରୁଛି। ତେଣୁ ଆମେ ଭାରତ ମାଟିରେ ଜନ୍ମଗ୍ରହଣ କରି ଗର୍ବିତ।



ରାଷ୍ଟ୍ରପତି କହିଛନ୍ତି ଯେ ଏହି ବର୍ଷ ଗଣତନ୍ତ୍ର ଦିବସ ସହିତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ମଧ୍ୟ ପାଳନ କରାଯାଉଛି। ଗଣତନ୍ତ୍ର ଦିବସର ଏହି ପବିତ୍ର ଦିନ ଆମକୁ ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କରିବା ଏବଂ ବୁଝିବାର ସୁଯୋଗ ଦେଉଛି। ସମୟ ସହିତ ଆମ ଦେଶର ଅବସ୍ଥା ପରିବର୍ତ୍ତନ ହୋଇଛି। ଆମେ ନିଜେ ଆମ ଦେଶର ଭବିଷ୍ୟତ ଗଢ଼ିବା। ଏବେ ଦେଶର ବିକାଶରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଛି। ୫୭ କୋଟି ଜନଧନ ଆକାଉଣ୍ଟ ମଧ୍ୟରୁ ୫୬ ପ୍ରତିଶତ ମହିଳାଙ୍କର ରହିଛି। ୧୦ କୋଟିରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି।

■ ଖୁବଶୀଘ୍ର ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ ଭାରତ
■ ପରବର୍ତ୍ତୀ ପିଢି ପାଇଁ ସମ୍ବଳକୁ ସଂରକ୍ଷିତ ରଖିବାକୁ ହେବ

ଝିଅମାନେ କ୍ରୀଡ଼ାରେ ରେକର୍ଡ କରିଛନ୍ତି। ମହିଳା କ୍ରିକେଟ ଦଳ ଆଇସିସି କ୍ରିକେଟ ବିଶ୍ୱକପ୍ ଏବଂ ଦୃଷ୍ଟିହୀନ ବିଶ୍ୱକପ୍ ଜିତିଛି। ନାରୀ ଶକ୍ତି ଆଇନ ଦେଶର ମହିଳାମାନଙ୍କୁ ଆହୁରି ସଶକ୍ତ କରିବ। ଭାରତୀୟ ଅର୍ଥନୀତି ବିଶ୍ୱର ଦ୍ରୁତଗତିରେ ବଢୁଥିବା ଅର୍ଥବ୍ୟବସ୍ଥା ହୋଇଛି। ବିଶ୍ୱରେ ଅନିଶ୍ଚିତତା ଲାଗି ରହିଥିବାବେଳେ ଭାରତର କ୍ରମାଗତ ଭାବେ ଆର୍ଥିକ ବିକାଶ କରିଚାଲିଛି। ଖୁବଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି।

ସୁରକ୍ଷାକୁ ନେଇ ରାଷ୍ଟ୍ରପତି କହିଛନ୍ତି ଯେ ଆମ ପୁଲିସ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସର ଯବାନ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ତତ୍ପର ଅଛନ୍ତି। ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ଦେଶବାସୀଙ୍କ ସେବା ପାଇଁ ତତ୍ପର ଅଛନ୍ତି। ଇଞ୍ଜିନିୟରମାନେ ଦେଶର ବିକାଶରେ ଯୋଗଦାନ ଦିଅନ୍ତି। ଆମର ସମ୍ବେଦନଶୀଳ ନାଗରିକମାନେ ଦେଶକୁ ମଜବୁତ କରୁଛନ୍ତି। କୃଷକଙ୍କ ଶକ୍ତି ଯୋଗୁଁ କୃଷି ଉତ୍ପାଦ ବିଦେଶକୁ ରପ୍ତାନି ହେଉଛି। ସମ୍ବେଦନଶୀଳ ନାଗରିକ ଦେଶକୁ ସଶକ୍ତ କରୁଛନ୍ତି। ଚାଷୀଙ୍କ ପାଇଁ କୃଷି ଉତ୍ପାଦ ବିଦେଶକୁ ପଠାଯାଉଛି। ସରକାର ବଞ୍ଚିତ ବର୍ଗଙ୍କ ଯୋଜନାକୁ କ୍ରମାଗତ ଭାବେ ବଢ଼ାଇ ଚାଲିଛନ୍ତି। ମହିଳା ସକ୍ରିୟ ଏବଂ ସାମର୍ଥ୍ୟବାନ ହେବା ଦେଶର ବିକାଶ ପାଇଁ ଜରୁରୀ। ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ହେଉଥବା ପ୍ରୟାସ ଯୋଗୁଁ ଅନେକ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି।

## ଇରାନରେ ଫସିଛନ୍ତି ଚୌଦ୍ୱାରର ଅନୁପମ

■ ଚୌଦ୍ୱାର, ୨୫।୧(ସମିସ): ଜନ୍ମମାଟିରେ ରୋଜଗାର ନପାଇ ଚାଲିଯାଇଥିଲେ ବିଦେଶ ମାଟିକୁ। ଚିନ୍ତା କରିଥିଲେ, ବିଦେଶରେ ଭଲ ରୋଜଗାର କରି ପରିବାରକୁ ଭଲରେ ରଖିବା ପାଇଁ। ସେଥିପାଇଁ ସେ ଭାରତ ଛାଡ଼ି ଚାଲିଯାଇଥିଲେ ଇରାନ ଦେଶକୁ। ବର୍ତ୍ତମାନ ଇରାନରେ ଯୁଦ୍ଧ ପରିସ୍ଥିତି ଦେଖି ସେଠାରେ ଥିବା ଭାରତୀୟମାନେ ଭୟଭୀତ ହୋଇ ପଡ଼ିବା ସହ ଜନ୍ମମାଟିକୁ ଫେରିବା ପାଇଁ ଆକୁଳ ନିବେଦନ କରିଛନ୍ତି। ସେହିଭଳି କଟକ ଜିଲ୍ଲା ଚୌଦ୍ୱାର କଳିଙ୍ଗଛକ ଅଞ୍ଚଳର ସ୍ୱର୍ଗତ ମଦନଗୋପାଳ ରଜକଙ୍କ ପୁଅ ଅନୁପମ ରଜକ(୫୫) କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ଇରାନର ମର୍କଜୀ ରାଜ୍ୟର ସାଭେ ସହରସ୍ଥିତ କାଭେଠାରେ ସେରାମ ପାର୍ସ ଫେରୋ ଫୌଲାଦ ସଂସ୍ଥାରେ ଜେନେରାଲ ମ୍ୟାନେଜର ଭାବେ ୨୦୨୫ ମସିହା ମାର୍ଚ୍ଚ ୨୨ ତାରିଖରେ ନିଯୁକ୍ତି ପାଇଥିଲେ। ହେଲେ ଉକ୍ତ ସଂସ୍ଥାରେ ୨୪ ମାସ ପର୍ଯ୍ୟନ୍ତ ନିରନ୍ତର କାର୍ଯ୍ୟ କରିବା ପାଇଁ ଚୁକ୍ତି ମଧ୍ୟ କରିଥିଲେ। ସେଠାରେ ସେ ମାସିକ ୧ଲକ୍ଷ ୨୫ ହଜାର ଟଙ୍କା (ଭାରତୀୟ ମୁଦ୍ରା) ବେତନରେ କାର୍ଯ୍ୟ କରୁଥିଲେ। ଏବେ ସେଠାରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ପରେ ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସେ ଆକୁଳ ନିବେଦନ କରିଥିଲେ ମଧ୍ୟ ସଂସ୍ଥା କର୍ତ୍ତୃପକ୍ଷ ତାଙ୍କୁ ଛାଡୁ ନଥିବା ସମ୍ପର୍କରେ ତାଙ୍କ ବାଲ୍ୟବନ୍ଧୁ ଡାକ୍ତର ଅକ୍ତର ହୁସେନ ଖାନଙ୍କୁ ଜଣାଇଥିଲେ।



■ କର୍ମସଂସ୍ଥାନ ଖୋଜିବା ପାଇଁ ବିଦେଶ ଯାଇଥିଲେ
■ ଜନ୍ମମାଟିକୁ ଫେରାଇ ଆଣିବାକୁ ଆକୁଳ ନିବେଦନ

ଏବେ ଇରାନରେ ଯୁଦ୍ଧ ପରିସ୍ଥିତି ଆରମ୍ଭ ହୋଇଯାଇଥିବା ବେଳେ ଅନୁପମଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଠିକ୍ ନ ଥିବା ସେ ସୂଚନା ଦେଇଛନ୍ତି। ସେ ଆଉ ଇରାନରେ ରହିବାକୁ ଚାହୁଁ ନଥିବା ମଧ କହିଛନ୍ତି। ମାତ୍ର ସଂସ୍ଥାର ଚୁକ୍ତି ଅନୁଯାୟୀ ୨୪ମାସ ପର୍ଯ୍ୟନ୍ତ ସେ କାର୍ଯ୍ୟରେ ନିରନ୍ତର ରହିବାକୁ ବାଧ୍ୟତାମୂଳକ। ପରେ ଚାହିଲେ ୪ ସପ୍ତାହ ପର୍ଯ୍ୟନ୍ତ ଛୁଟି ନେଇପାରିବେ। ଏହି ସମୟରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରିବେ। ଯଦି ପୁନର୍ବାର ସେଠାରେ ଅବସ୍ଥାପିତ ହେବାକୁ ଚାହିଁବେ ତେବେ ସ୍ୱଦେଶ ଯାଇ ପୁନର୍ବାର ଇରାନ ଫେରିବାର ଖର୍ଚ୍ଚ ସଂସ୍ଥା ବହନ କରିବ। ତେଣୁ ଏହି ଚୁକ୍ତି ପୂର୍ବରୁ ତାଙ୍କୁ ଛଡ଼ାଯିବ ନାହିଁ; ଯଦି କର୍ମଚାରୀଜଣଙ୍କ କୌଣସି କାରଣବଶତଃ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁବେ, ଏୟାର ଟିକେଟ ଓ ଭିସା ଚାର୍ଜ ବାବଦ ୬୦ ହଜାର ଟଙ୍କା (ଭାରତୀୟ ମୁଦ୍ରା) କମ୍ପାନୀକୁ ସେ ପ୍ରଦାନ କରିବେ। ହେଲେ ଏଭଳି ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଯିବା ପାଇଁ ଅନୁମତି ନ ଦେବାରୁ ସେ ସେଠାରେ ଫସି ରହିଥିବା ତାଙ୍କ ବାଲ୍ୟବନ୍ଧୁଙ୍କୁ ଜଣାଇଥିଲେ। ଏନେଇ ଡାକ୍ତର ଖାନ ଗଣମାଧ୍ୟମକୁ ସୂଚନା ଦେବା ସହ ଭାରତ ସରକାର ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଆଣିବାକୁ ତାଙ୍କର ଅନ୍ୟ ବନ୍ଧୁମାନେ ମଧ୍ୟ ନିବେଦନ କରିଛନ୍ତି।

## ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ପକ୍ଷରୁ ୧୦ ଜିଲ୍ଲାରେ ସଭାପତି ନିଯୁକ୍ତ

■ ଭୁବନେଶ୍ୱର,୨୫।୧(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଯୁବ ଜନତା ଦଳ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ୧୦ଟି ଜିଲ୍ଲାରେ ସଭାପତି ଘୋଷଣା କରାଯାଇଛି। ଏନେଇ ଦଳ ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଦେବଗଡ଼ ଜିଲ୍ଲାରେ ଯୁବ ବିଜେଡି ସଭାପତି ଭାବେ ପ୍ରତାପ କୁମାର ଦେବଙ୍କୁ ନିଯୁକ୍ତି ମିଳିଥିବା ବେଳେ ଗଜପତିରେ ଲେଙ୍କା ସିମାଦ୍ରୀ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ଝାରସୁଗୁଡ଼ାରେ ରବିନ ପାଣ୍ଡେ, କନ୍ଧମାଳରେ ରାକେଶ କୁମାର ମିଶ୍ର, କେନ୍ଦୁଝରରେ ରାକେଶ କୁମାର ରାମ, ନୟାଗଡରେ ଦୁର୍ଯ୍ୟୋଧନ ବେହେରା, ରାୟଗଡାରେ ଧୀରେନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁରରେ ପ୍ରଦୋଷ ମହାନ୍ତି, ସୋନପୁରରେ ଅଶୋକ ନନ୍ଦ ଏବଂ ସୁନ୍ଦରଗଡରେ ସୟଦ ସବାଜ ହୁସେନ ଯୁବ ବିଜେଡି ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଅପରପକ୍ଷେ ଦେବଗଡ଼ ଜିଲ୍ଲାରେ ଛାତ୍ର ବିଜେଡି ସଭାପତି ଭାବେ ଭବାନୀଶଙ୍କର ସାହୁଙ୍କୁ ନିଯୁକ୍ତି ମିଳିଥିବା ବେଳେ ଗଜପତି ଜିଲ୍ଲା ସଭାପତି ଭାବେ ବିଶ୍ୱଜିତ ତ୍ରିପାଠୀଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାବେ ଶିବାଶିଷ ପଟ୍ଟନାୟକ, କନ୍ଧମାଳ ଜିଲ୍ଲାରେ ସୁନିଲ କୁମାର ସେଠୀ, କେନ୍ଦୁଝର ଜିଲ୍ଲାରେ ଅମରେନ୍ଦ୍ର ଧଳ, ନୟାଗଡରେ ଅମରେଶ୍ୱର ଜେନା, ରାୟଗଡାରେ ଉଦୟ ହିମିରିକା, ସମ୍ବଲପୁରରେ ଶୁଭ୍ରାଂଶୁ ଶେଖର ପାଢ଼ୀ, ସୋନପୁରରେ ଅଭିଷେକ ଶର୍ମା ଓ ସୁନ୍ଦରଗଡ଼ରେ ଆଦିତ୍ୟ ନାଥ ଗିରିଙ୍କୁ ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।




ସତ୍ୟମେବ ଜୟତେ

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି।

(ଡ. ହରି ବାବୁ କମ୍ଭମପାଟି)

OIPR-

DADLS-83



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ।
ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ମତଦାତା ଦିବସ

# ଯୁବପିଢ଼ି ଗଣତନ୍ତ୍ରର ଭବିଷ୍ୟତ: ଜିଲ୍ଲାପାଳ



କେନ୍ଦ୍ରାପଡ଼ା,୨୫।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପିଢ଼ି କିପରି ସୁସ୍ଥ ଓ ସୁଦୃଢ଼ ଗଣତନ୍ତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ, ସେଥିପାଇଁ ଦିଗଦର୍ଶନ ଦେଇଥିଲେ। ନିର୍ଭୀକ ଓ ନିରପେକ୍ଷ ମତଦାନ ହେଉଛି ଗଣତନ୍ତ୍ରର ମୂଳ ଆଧାର ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ବାଦ ଓ ସଂଶୋଧନ ସମ୍ପର୍କରେ ବିଭିନ୍ନ ମାର୍ଗଦର୍ଶିକା ଉପସ୍ଥାପନ କରିଥିଲେ। ଉପଜିଲ୍ଲାପାଳ ଅରୁଣ ନାୟକ ଦିବସର ତାତ୍ପର୍ଯ୍ୟ ବ୍ୟାଖ୍ୟା କରି ସୁସ୍ଥ ଗଣତନ୍ତ୍ର ପାଇଁ ସଚେତନ ମତଦାନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଉପସ୍ଥିତ ଥିଲେ। ଏ ଅବସରରେ ସକାଳ ୮ଟା ୩୦ ମିନିଟରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପୂର୍ବରୁ ଆୟୋଜିତ ରଚନା, ବକ୍ତୃତା, ଚିତ୍ରାଙ୍କନ ଓ ସ୍ଲୋଗାନ ଲେଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ନିର୍ବାଚନମଣ୍ଡଳୀରେ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ବୁଥସ୍ତରୀୟ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ନୂତନ ଭାବେ ଭୋଟର ତାଲିକାରେ ସାମିଲ ହୋଇଥିବା ମତଦାତାଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଡେପୁଟି କଲେକ୍ଟର ରମେଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲୁକେଶ୍ୱର ନୋଡାଲ ବିଦ୍ୟାପୀଠର ପ୍ରକୃତି ଶିବିର



ଡେରାବିଶ, ୨୫।୧(ସମିସ): ବାଲୁକେଶ୍ୱର ନୋଡାଲ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଫର ଏନଭାଇରନମେଣ୍ଟାଲ ଷ୍ଟଡିଜ୍ ଭୁବନେଶ୍ୱରର ଅନୁଦାନରେ ଆୟୋଜିତ ଏହି ଶିବିରରେ ପିଲାମାନେ ରାଜନଗରର ନିକଟସ୍ଥ ପେଣ୍ଠ ସମୁଦ୍ର କୂଳ ଓ ପେଣ୍ଠ ଖାଡ଼ି ଜଙ୍ଗଲରେ ପରିଭ୍ରମଣ କରି ପ୍ରତ୍ୟକ୍ଷ ଅନୁଭୂତି ପ୍ରାପ୍ତ କରିବା ସୁଯୋଗ ପାଇଥିଲେ। ଜଙ୍ଗଲ ପଥରେ ଭ୍ରମଣ କରିବା ଅବସରରେ ପିଲାମାନେ ଦେଉଁଶିଙ୍ଗା ହରିଣ, ସମ୍ବର, ଠେକୁଆ ଓ ଆବଦ୍ଧଭୂମିରେ ଥିବା ବିଭିନ୍ନ ଜାତିର ପକ୍ଷୀ ଦେଖି ଆନନ୍ଦ ଅନୁଭବ କରିବା ସହ ଲୁଣା ଜଙ୍ଗଲର ଆବଶ୍ୟକତାକୁ ଅତି ନିକଟରୁ ବୁଝିଥିଲେ। ପ୍ରକୃତି କୋଳରେ ଚିତ୍ରାଙ୍କନ କରିବା ସହ କୁଇଜ୍ କାମ ମଧ୍ୟ କରିଥିଲେ। ସମୁଦ୍ର କୂଳରେ ସଫେଇ କାର୍ଯ୍ୟ ଓ ପରିବେଶ ସଚେତନତା ନୃତ୍ୟ ପରିବେଷଣ କରିଥିଲେ।

## ଗହୀରମଥାରୁ ଟ୍ରଲର ଜବତ, ୧୬ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୫।୧(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଦଳ ମା' ଜଗତ ଜନନୀ ନାମକ ଟ୍ରଲରକୁ ଜବତ କରିବା ସହ ୧୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ ମଲ୍ଲିକ ଓ ବନ ବିଭାଗ କର୍ମଚାରୀ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ୨ଟି ଜିପିଏସ, ୩ଟି ଭିଏଚଏଫ, ଗୋଟିଏ ଫିସ୍ ଫାଇଣ୍ଡର, କୋଡ୍ ନେଟ ୧ଟି, ଇଲିସି ନେଟ ୧ଟି, ଟୋନ ନେଟ ୧ଟି ଓ ୫୦ କିଲୋ ମାଛ ଜବତ କରିଛନ୍ତି। ମତ୍ସ୍ୟଜୀବୀ ବଳରାମ ଦାସ, ଲକ୍ଷଣ ମଲ୍ଲିକ, କୃଷ୍ଣା ମଲ୍ଲିକ, ବିଜୟ ମଲ୍ଲିକ, ସଞ୍ଜୟ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ଜର୍ମାନ ସିଂ, ମୋହନ ସିଂ, କାଳୀଚରଣ ପଧୁରିଆ, ମହେଶ ସିଂ, ଦୀପକ ବେହେରା, ହେମନ୍ତ ମହନ୍ତ, ଧନୁ ଟୁଡୁ, କୁନା ସାହୁ, ଅନିରୁଦ୍ଧ ସିଂ, କର୍ମାନ ସିଂ ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି। ଗିରଫ ମତ୍ସ୍ୟଜୀବୀ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଅଟନ୍ତି।

## ବ୍ରଜସୁନା ଠାକୁରାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



ମହାକାଳପଡ଼ା,୨୫।୧(ସମିସ): ଦଶମୌଜିସ୍ଥ ବଡ଼କୂଳଠାରେ ଆଜି ପବିତ୍ର ମାଘ ସପ୍ତମୀ ତିଥିରେ ମା' ବଜ୍ରସୁନା ଠାକୁରାଣୀଙ୍କ ୨୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶହ ଶହ ଶ୍ରଦ୍ଧାଳୁ କଳସ ଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ବଡ଼କୂଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଲୁଣା ନଦୀର ପବିତ୍ର ଜଳ କଳସରେ ଧରି ମହାଯଜ୍ଞ ସ୍ଥଳକୁ ଆସିଥିଲେ। ବାଇଶିମୌଜା ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ମା' ବଜ୍ରସୁନାଙ୍କ ପୀଠରେ ଯଜ୍ଞ ପାଇଁ ବିଜ୍ଞ କର୍ମକାଣ୍ଡବିତ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ଆରମ୍ଭ ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ମହାଯଜ୍ଞ ସ୍ଥଳରେ ଆଳତୀ, ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଆଦି ଆୟୋଜିତ ହେଉଥିବାବେଳେ ୨୯ ତାରିଖରେ ମହାଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବେପାରୀଙ୍କ ପରଲୋକ



ପଞ୍ଚୁପାଣ୍ଡବ,୨୫।୧(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଦୀର୍ଘ ୩୦ ବର୍ଷ ଧରି ହାଟରେ ପରିବା ବେପାର କରୁଥିବା ଦୀନବନ୍ଧୁ ସାହୁ (୬୨)ଙ୍କ ପରଲୋକରେ ବେପାରୀଙ୍କ ଦ୍ୱାରା ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିବାବେଳେ ଆଜି ସକାଳ ପ୍ରାୟ ୮ଟା ସମୟରେ ଛାତି ଯନ୍ତ୍ରଣା ହେବାରୁ ପରିବାର ଲୋକେ ମାହାଙ୍ଗା ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକରେ ବ୍ୟବସାୟୀ ମହେନ୍ଦ୍ର ମଣ୍ଡଳ, ଉମାକାନ୍ତ ପାଣ୍ଡବ, ନିରଞ୍ଜନ ମହାନ୍ତି, ଭରତ ମଣ୍ଡଳ, ଅତିଥି ମଣ୍ଡଳ, ଶୈଳେନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।


## ଲକ୍ଷ୍ମୀନାରାୟଣପୁରରେ ହାଣ୍ଡି ବାଡ଼ିଆ ପର୍ବ

ଡେରାବିଶ, ୨୫ ।୧(ସମିସ): ଲକ୍ଷ୍ମୀନାରାୟଣପୁର ଗାଁରେ ଦେଖିବାକୁ ମିଳିଛି ନିଆରା ପରମ୍ପରା। ଏହି ଗାଁର ୬୦ରୁ ଉର୍ଦ୍ଧ୍ୱ ପରିବାରର ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ଲୋକ ନିଆରା ଢଙ୍ଗରେ ହାଣ୍ଡିବାଡ଼ିଆ ପର୍ବ ପାଳନ କରିଥା'ନ୍ତି। ମାଘମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ ଅବସରରେ ଶୁକ୍ରବାର ଏହି ଗାଁର ଗ୍ରାମଦେବତୀ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଏହି ହାଣ୍ଡିବାଡ଼ିଆ ପର୍ବରେ ସମସ୍ତେ ଏକାଠି ହୋଇଥା'ନ୍ତି। ଗ୍ରାମର ସତ୍ୟବ୍ରତ ସିଂ କହିଛନ୍ତି, ଗାଁ ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଦୀର୍ଘ ୫୦ ବର୍ଷ ହେବ ଏହି ପରମ୍ପରା ଚାଲିଆସୁଛି।



ଗ୍ରାମ ଦେବତୀଙ୍କ ପୀଠରେ ଗାଁର ପ୍ରତ୍ୟେକ ପରିବାରର ମହିଳା ଅଲଗା ଅଲଗା ଚୁଲି ତିଆରି କରି ନୂଆ ମାଟି ହାଣ୍ଡିରେ ଖାଦ୍ୟ ପ୍ରସ୍ତୁତି କରିଥା'ନ୍ତି। ଖାଦ୍ୟ ପ୍ରସ୍ତୁତି ପରେ ଗ୍ରାମଦେବତୀଙ୍କୁ ଏହି ଖାଦ୍ୟ ନୈବିଦ୍ୟ କରାଯାଇଥାଏ ଓ ପରେ ଯେଉଁ ଖାଦ୍ୟ ପ୍ରସ୍ତୁତ କରିଥା'ନ୍ତି ସେଥିରୁ କିଛି କିଛି ଏକ ନୂଆ ମାଟି ହାଣ୍ଡିରେ ପୂରାଇ ରଖିଥା'ନ୍ତି। ପରେ ଗ୍ରାମବାସୀ ସମୂହ ଭୋଜିରେ ଗ୍ରାମଦେବତୀଙ୍କୁ ନୈବିଦ୍ୟ ହୋଇଥିବା ପ୍ରସାଦକୁ ଖାଇଥା'ନ୍ତି। ଖାଇସାରିବା ପରେ ନୂଆ ମାଟି ହାଣ୍ଡିରେ ପୂରାଇ ରଖାଯାଇଥିବା ଖାଦ୍ୟ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଏକାଠି କରି ସେହି ହାଣ୍ଡିଗୁଡ଼ିକୁ ଭଙ୍ଗାଯାଇଥାଏ ବୋଲି ଗ୍ରାମର ମହିଳା କମଳା ବାରିକ କହିଛନ୍ତି। ସେ କହିଛନ୍ତି, ଏଠାରେ ପୂର୍ବରୁ ବର ଓ କଦମ୍ବ ଗଛ ଥିଲା। ଗଛ ତଳେ ଆମେ ମାଟି ହାଣ୍ଡିରେ ରୋଷେଇ କରୁଥିଲୁ। ରୋଷେଇ ପରେ ଗୋଟିଏ ହାଣ୍ଡିରେ ପୂରାଇ ଏହାକୁ ବାଡ଼ାଉଥିଲୁ। ଯାହା ହାଣ୍ଡିବାଡ଼ିଆ ପର୍ବ ବୋଲି କୁହାଯାଏ। ଆଧୁନିକ ଯୁଗରେ ଗାଁରେ ଏଭଳି ପରମ୍ପରା ଆପାତତଃ ଦେଖାଯାଉଥିବାବେଳେ ଲକ୍ଷ୍ମୀନାରାୟଣପୁର ଗାଁର ଲୋକେ ପୁରୁଷ ପୁରୁଷ ଧରି ଏହି ପରମ୍ପରାକୁ ବଜାୟ ରଖିବା ଏକ ଭଲ ପରମ୍ପରା ବୋଲି ଗ୍ରାମର ଯୁବତୀ ଲୋପାମୁଦ୍ରା ସିଂହ କହିଛନ୍ତି।

## ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ଆଇନ ସଚେତନତା ଶିବିର



କେନ୍ଦ୍ରାପଡ଼ା,୨୫।୧(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ଜିଲ୍ଲା ଉପକାରାଗାର ପରିସରରେ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ରବୀନ୍ଦ୍ର ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବରିଷ୍ଠ ଅଧ୍ୟାପକ ଡକ୍ଟର ଚିରଞ୍ଜୀବୀ ପଣ୍ଡା, ଡକ୍ଟର ତିମିରକାନ୍ତ ପରିଜାଙ୍କ ନେତୃତ୍ୱରେ ଆଇନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାରାଗାର ଅଧିକ୍ଷକ ସୁକାନ୍ତ ରାଉତ କାରାଗାର ପରିଚାଳନା, ଅନ୍ତେବାସୀଙ୍କ ପ୍ରାଥମିକ ସୁବିଧା ଓ ଆଇନ ସମ୍ମତ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଛାତ୍ରଛାତ୍ରୀ କଏଦୀଙ୍କୁ ଆଇନ ସମ୍ମତ ଅଧିକାର, ଦାୟିତ୍ୱ, ଆଇନ ପ୍ରକ୍ରିୟା ଓ ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଭାସ ଦଳାଇ, ସସ୍ମିତା ବେହେରା, ସ୍ୱାତୀ ପ୍ରତୀକ୍ଷା ଦାସ, ଅସିମ ନାୟକ, ଐଶ୍ୱର୍ଯ୍ୟା ରାୟ, ଶୁଭଙ୍କର ବିଶ୍ୱାଳ ଓ ମୋନାଲିସା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପାଳକଣା ଗାଁରେ ବାଲ୍ ସଂସ୍କାର ଅଭିଯାନର ଶୁଭାରମ୍ଭ

## 'ସଂସ୍କାରିତ ଶିଶୁ ହିଁ ସମୃଦ୍ଧ ରାଷ୍ଟ୍ରର ନିର୍ମାତା'

କେନ୍ଦ୍ରାପଡ଼ା,୨୫।୧(ସମିସ): ସଂସ୍କାରିତ ଓ ସୁନାଗରିକ ଗଢ଼ିବା ଉଦ୍ଦେଶ୍ୟରେ ରାଷ୍ଟ୍ରବାଦୀ ସାମାଜିକ ସଂଗଠନ "ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ କୋର ପଞ୍ଚାୟତ ଅନ୍ତର୍ଗତ ପାଳକଣା ଗାଁରେ ବାଲ୍ ସଂସ୍କାର ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ଉଦ୍‌ଘାଟନ କରି ବିଶିଷ୍ଟ କବି ଜ୍ଞାନ ହୋତା କହିଥିଲେ, ସଂସ୍କାରିତ ଶିଶୁ ହିଁ ଏକ ସମୃଦ୍ଧ ଓ ସଶକ୍ତ ରାଷ୍ଟ୍ରର ନିର୍ମାତା। ଶିଶୁଙ୍କୁ ଗଢ଼ିବା ଦାୟିତ୍ୱ କେବଳ ପରିବାରରେ ସୀମିତ ନୁହେଁ; ଏଥିପାଇଁ ସମଗ୍ର ସମାଜ ଏକତ୍ରିତ ଭାବେ ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ କୋର ସରପଞ୍ଚ ଦୀପାଞ୍ଜଳି ଜେନା ଯୋଗଦେଇ କହିଥିଲେ, ବାଲ୍ ସଂସ୍କାର ଅଭିଯାନ ଦେଶ ନିର୍ମାଣରେ ଏକ ମୂଳଭୂତ ଓ ପ୍ରମୁଖ ଭୂମିକା ନିର୍ବାହ କରିବ। ସମ୍ମାନିତ ଅତିଥି ସମାଜସେବୀ ଗଣେଶ



ରାଉତ ଆଧ୍ୟାତ୍ମିକ ସଂସ୍କାର ଶିଶୁଙ୍କ ଚରିତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ବୋଲି କହିଥିଲେ। ଏ ଅବସରରେ ବାଲ୍ ସଂସ୍କାର ଅଭିଯାନର ରାଜ୍ୟ ସଂଯୋଜକ ବୀରେନ୍ଦ୍ର ଦାସ, ପାଳକଣା ବାଲ୍ ସଂସଦର ବାଲ୍ ମିତ୍ର ଜ୍ୟୋତି ମଲ୍ଲିକ ଓ ରଶ୍ମିତା ସାହୁ, ସମାଜସେବୀ ପଦ୍ମଚରଣ ସୂତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଳୟ ସାହୁ, ଭଜନ ସୂତାର, ରଶ୍ମିରଞ୍ଜନ ସ୍ୱାଇଁ, ବିଶ୍ୱପ୍ରକାଶ ସାହୁ, ସରୋଜ ରାଉତ ପ୍ରମୁଖ ପରିଚାଳନା କରିଥିବାବେଳେ ପଙ୍କଜ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ରାଜନଗର,୨୫।୧(ସମିସ): ଗୁପ୍ତି ପଞ୍ଚାୟତ କାନଫୁଲିଆ ଗ୍ରାମର ହଳଧର ଦାସଙ୍କ ଶିଶୁକନ୍ୟା ତଅପୋଇ ଘରପାଖ ପୋଖରୀରେ ଖସିପଡି ମୃତ୍ୟୁବରଣ କରିଛି। ରବିବାର ୩ଟା ୩୦ ମିନିଟ ସମୟରେ ଘର ଆଗରେ ତଅପୋଇ ଖେଳୁଥିଲା। ସମସ୍ତଙ୍କ ଅଲକ୍ଷ୍ୟରେ ସେ ଘର ନିକଟ ପୋଖରୀରେ ଖସିପଡ଼ିଥିଲା। ତଅପୋଇକୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପୋଖରୀରେ ଖୋଜାଖୋଜି କରି ତଅପୋଇକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଗୋବିନ୍ଦପୁର ଦଣ୍ଡାଗଡ଼ାରେ ଦୁର୍ଘଟଣା, ଜଣେ ମୃତ



କେନ୍ଦ୍ରାପଡ଼ା,୨୫।୧(ସମିସ): ପ୍ରଶାସନର ଅବହେଳା ପାଇଁ ଜଣଙ୍କ ଜୀବନ ଯାଇଛି। ଗୋବିନ୍ଦପୁର ଦଣ୍ଡାଗଡ଼ାରେ ଦୁର୍ଘଟଣା ଘଟି କଳାବୁଦାର ଯୁବକ ଇଞ୍ଜିନିୟର ସଞ୍ଜୟ ଶତପଥୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଶନିବାର ସଞ୍ଜୟ ବୁଲେଟ୍‌ରେ ଧର୍ମପତ୍ନୀଙ୍କୁ ଦେଖିବାକୁ ଭୁବନେଶ୍ୱର ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। କେନାଲ ଉପରେ ଥିବା କଲଭର୍ଟ ପାଖରେ ରାସ୍ତାର ସଠିକ୍ ଦିଗ ସ୍ପଷ୍ଟ ନ ଥିବା, କୌଣସି ସତର୍କ ସଙ୍କେତ ବା ସୁରକ୍ଷା ବାଡ଼ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ କଲଭର୍ଟ ନିକଟରେ କୌଣସି ଚିହ୍ନଟ ବା ସତର୍କ ସୂଚନା ନାହିଁ। ବାମ ଓ ଡାହାଣ ପାର୍ଶ୍ୱରେ ଦୁଇଟି ରାସ୍ତା ଥିବାରୁ ଚାଳକ ଭ୍ରମିତ ହେଉଛନ୍ତି। କେନାଲ ପାଖରେ ସୁରକ୍ଷା ବାଡ଼ ଅଭାବ ନାହିଁ। ଏଥିପାଇଁ ପ୍ରଶାସନ ଦାୟୀ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୫।୧(ସମିସ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନ୍ୟୁ ସ୍କୁଲର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଚ୍ଚିଦାନନ୍ଦ




ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ଆଇନ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ନରହରି ଲେଙ୍କା ମୁଖ୍ୟବକ୍ତା, କେନ୍ଦ୍ରାପଡ଼ା ଶ୍ରୀମା ଶ୍ରୀଅରବିନ୍ଦ ସୋସାଇଟି ସମ୍ପାଦକ ଆଇନଜ୍ଞ ଭଗବତୀ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍କୁଲ ପରିସରରେ ଥିବା ଶ୍ରୀମାଙ୍କ ସମାଧି ମନ୍ଦିରରେ ଅତିଥିମାନେ ପୁଷ୍ପ ଅର୍ପଣ କରିବା ପରେ ପ୍ରଥମେ ମାତୃବନ୍ଦନା କରାଯାଇଥିଲା। ଉପଦେଷ୍ଟା ଦିବଂଗତ ସ୍ୱପ୍ନାରାଣୀ ଖଣ୍ଡାୟୀ, ପରିଚାଳନା କମିଟି ସଭ୍ୟ ଶରତ ମହାନ୍ତି ଓ ଶିକ୍ଷାବିତ ଲକ୍ଷ୍ମୀଧର ପାତ୍ରଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟକ୍ଷା ବାସନ୍ତୀ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି କର ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀ ହରପ୍ରିୟା ପ୍ରଧାନ, ଶ୍ରେଷ୍ଠ ନୃତ୍ୟାଙ୍ଗନା ଶ୍ରଦ୍ଧା ମଲିକ ଓ ଶ୍ରେଷ୍ଠ ଅଭିନେତା ରୁଦ୍ରପ୍ରସାଦ ଖଣ୍ଡାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ରବିନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ନୃତ୍ୟଗୁରୁ ଏମ. କେ. ରାଜପ୍ରସାଦ (ନରେଶ)ଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ଚିତ୍ତାକର୍ଷକ ନୃତ୍ୟ ଓ ସଂଗୀତର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନାଟ୍ୟଗୁରୁ ବିଜୟ ଶର୍ମାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ନାଟକ "ଭକ୍ତ ପ୍ରହ୍ଲାଦ' ପରିବେଷଣ କରିଥିଲେ। ଶିକ୍ଷକ ରବିନାରାୟଣ ମିଶ୍ର ଓ ଦେବକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ଶିକ୍ଷୟିତ୍ରୀ ମମତା ସାହୁ, ରୁପାଲୀ ସେଠୀ, ଗୁରବାରୀ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ ମହିଳା କଲେଜର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୨୫।୧(ସମିସ): ପଟ୍ଟାମୁଣ୍ଡାଇ ମହିଳା କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। +୨ କଲେଜ ଅଧ୍ୟକ୍ଷା ଡ ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ନବକୃଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ମହିଳା କଲେଜ ଏକାଠି ହୋଇ କାର୍ଯ୍ୟ କଲେ କଲେଜର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ଆଞ୍ଚଳିକ ଶିକ୍ଷା ପ୍ରାକ୍ତନ ନିର୍ଦ୍ଦେଶକ ରଞ୍ଜିତ କୁମାର ପ୍ରଧାନ ମୁଖ୍ୟବକ୍ତା, +୩ ଅଧ୍ୟକ୍ଷ ଶ୍ରୀଧର ବେହେରା, ଅଧ୍ୟାପିକା ପୁଷ୍ପାଞ୍ଜଳି ମହାନ୍ତି ଓ ସୁକାନ୍ତୀ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଡ. ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଶୁଭଶ୍ରୀ ପ୍ରିୟଦର୍ଶିନୀ ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାର୍ଗୀ ଶର୍ମା ଲିଟେରାରୀ ଓ ସୋନାଲି ଭୂୟାଁଙ୍କୁ ଚାମ୍ପିଅନ ଭାବେ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଅନୁପମା ଦାସ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ମନୋଜ ରାଉତ, ସତ୍ୟଜିତ ରାଉତରାୟ, ଜିତେନ୍ଦ୍ର ବେହେରା, ନିବେଦିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସରିତା ଦାସ, ଜ୍ୟୋତିର୍ମୟୀ ଦାଶ, ଗୀତାଞ୍ଜଳି କର, ପ୍ରତିଭାମୟୀ ଦାସ ସହଯୋଗ କରିଥିଲେ।

## ସାନମୂଳବସନ୍ତ ସରସ୍ୱତୀ ଶିଶୁମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୫।୧(ସମିସ): ସାନମୂଳବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି କୋଷାଧ୍ୟକ୍ଷା ମନସ୍ମିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସପ୍ତ ଶକ୍ତି ସମ୍ମିଳନୀରେ ପଦ୍ମନାଭ ସେବା ସଂସ୍ଥା ବାଳିକା ଉଚ୍ଚବିଦ୍ୟାଳୟ ସହକାରୀ ପ୍ରଧାନଶିକ୍ଷୟିତ୍ରୀ ଅନୀତା ସିଂ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ଜିଲ୍ଲା ସ୍କାଉଟ ଗାଇଡ୍ ସଂଯୋଜିକା ତଥା ମାତୃଭାରତୀ ଅଧ୍ୟକ୍ଷା ଶାନ୍ତିଲତା ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଠନରେ ମାଆ ର ସଂସ୍କାର ସମଗ୍ର ସମାଜରେ ପ୍ରତିଷ୍ଠିତ କରି ଗଢି ତୋଳିଥାଏ ବୋଲି ପ୍ରକାଶ କରିଥିଲେ। ସହକାରୀ ଆଚାର୍ଯ୍ୟା ଶିବାନୀ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଦସ୍ୟା ସୁମିତ୍ରା ବେହେରା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିକ୍ରମଜିତ ସ୍ୱାଇଁଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ପରିଷଦ ଉତ୍ସବ



ପଟ୍ଟାମୁଣ୍ଡାଇ,୨୫।୧(ସମିସ): ଗୌରବମୟ କଳା, ସଂସ୍କୃତି ଅଞ୍ଚଳର ପରିଚୟ ସୃଷ୍ଟି କରିଥାଏ ବୋଲି ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଆଳି ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ସେନାପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରିୟା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପିକା ନିବେଦିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସରୋଜ ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ, କ୍ୟାପଟେନ ମନୋଜ ପରିଡା, ଅମୀୟ ଦାସ, ଅଧ୍ୟାପକ ମନୋଜ ଦାସ ଓ ପ୍ରଦ୍ୟୁମ୍ନ ପ୍ରଧାନ ପରିଚାଳନା କରିଥିଲେ। ପ୍ରୀତିପ୍ରଜ୍ଞା ଦାସ ଓ ସନ୍ଦୀପ ସାହୁ ମେଲୋଡି ପରିବେଷଣ କରିଥିଲେ।

କନିକା ପୂଜ୍ୟପୂଜା ପରିଷଦର ସମାବର୍ତ୍ତନ ଉତ୍ସବ

# 'ସାହିତ୍ୟ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ'

ରାଜକନିକା,୨୫ ।୧(ସମିସ):



ସାହିତ୍ୟ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ସାହିତ୍ୟ ଜୀବନ ଦିଏ, ବାଟ ଦେଖାଏ, ଜୀବନ ଶୈଳୀକୁ ସୁପରିବର୍ତ୍ତନ କରାଏ। ସମାଜ ପ୍ରତି କୃତଜ୍ଞତା ହିଁ ସାହିତ୍ୟ। ବିଜ୍ଞାନ ବିନା ସମାଜ ନାହିଁ, ହେଲେ ସାହିତ୍ୟରୁ ବିଜ୍ଞାନ ସୃଷ୍ଟି ବୋଲି ରବିବାର ନେତାଜୀ ଜୟନ୍ତୀ ପ୍ରରିପ୍ରେକ୍ଷୀରେ କନିକା ପୂଜ୍ୟପୂଜା ପରିଷଦର ଦ୍ୱାଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀର ବରିଷ୍ଠ ସଦସ୍ୟ, ବୈଜ୍ଞାନିକ ତଥା ବିଶିଷ୍ଟ ସାହିତ୍ୟିକ ଇଂ. ଅଭୟ ସୂତାର ମତବ୍ୟକ୍ତ କରିଥିଲେ।

କନିକା ପୂଜ୍ୟପୂଜା ପରିଷଦର ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ବାଘବୁଦା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱ ତଥା ସମ୍ପାଦକ ସାମାଜିକ କର୍ମୀ କପିଳ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀର ବରିଷ୍ଠ ସଦସ୍ୟ ଇଂ. ଅଭୟ ସୂତାର ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନୀଲ ଦାସ, ସମ୍ମାନିତ ଅତିଥି ଭାବେ ବାଘବୁଦା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଶ୍ରୀ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିବା ସହ ବେଦମନ୍ତ୍ର ପାଠ କରିଥିଲେ। ଏ ଅବସରରେ ସାରସ୍ୱତ ସାଧକ ପ୍ରାଧ୍ୟାପକ ଧୀରେନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ବିଧାନ ଦାସ ମାନପତ୍ର ପାଠ କରିଥିଲେ। ସେହିପରି ଅଞ୍ଚଳର ସାମାଜିକ କର୍ମୀ ଦିବଂଗତ ପ୍ରଦ୍ୟୋତ୍ ଦେଓଙ୍କ ଉଦ୍ଦେଶ୍ୟରେ ତାଙ୍କ ସୁପୁତ୍ର ପ୍ରବୀର ଦେଓ, ସମାଜସେବୀ ଦିବଂଗତ ହଳଧର ନାୟକଙ୍କ ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ବ୍ରଜକିଶୋର ନାୟକଙ୍କୁ ମରଣୋତ୍ତର ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ କପିଳ ମିଶ୍ର ଓ ପ୍ୟାରୀମୋହନ ସ୍ୱାଇଁ ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେଶ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ରଖିଥିଲେ। ମୁଖପତ୍ର 'ପ୍ରତିଧ୍ୱନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ କାଳୀସାଦ ନାୟକ ମୁଖପତ୍ରର ସମ୍ପାଦନା ମଣ୍ଡଳୀ ଅଭିମତ ରଖିଥିଲେ। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ, ଦାମୋଦର ଧଳ, ଡକ୍ଟର ଫକୀର ପ୍ରଧାନ, ଡାକ୍ତର ଆଶିଷ ବାରିକଙ୍କ ପ୍ରତିନିଧି ଦେବକାନ୍ତ ବେହେରା, ପ୍ରବୀର ଦେଓ, ରବିନାରାୟଣ ଜେନା, ଫଣୀଭୂଷଣ ବିଶ୍ୱାଳ, ଅକ୍ଷୟ ଦ୍ୱିବେଦୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୋଳ ସାମ୍ବାଦିକ ସଙ୍ଘର ୨୯ତମ ବାର୍ଷିକ ଉତ୍ସବ

**ଖଜୁରିଆକଟା, ୨୫ ।୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସାମ୍ବାଦିକ ସଂଘର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ସାମ୍ବାଦିକ ସଙ୍ଘ ସଭାପତି ସୁମନ୍ତ ଦେହୁରୀଙ୍କ ସଭାପତିତ୍ୱ ତଥା ସମ୍ପାଦକ ପ୍ରଭାତରଞ୍ଜନ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଏମ୍‌କେସିଜିର ପ୍ରଫେସର ତଥା ହିନ୍ଦୋଳ ମାଟିର ସନ୍ତାନ ଡା. ବ୍ରହ୍ମାନନ୍ଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ, ଡା. ଚୈତନ୍ୟ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ଯୋଗଦେଇଥିଲେ । ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଏହି ଅବସରରେ ହିନ୍ଦୋଳ କଳାକାର ସଙ୍ଘ ସଭାପତି ବିମଳ ବିଶ୍ୱାଳ ଚମତ୍କାର ଯାଦୁ ପ୍ରଦର୍ଶନ କରିଥିବା ବେଳେ ସ୍ଥାନୀୟ କଳାକାର ନିଜ କଳାନୈପୁଣ୍ୟତା ଦେଖାଇଥିଲେ । ଅତିଥିଙ୍କ ଦ୍ୱାରା ସମସ୍ତ କଳାକାର, ଶିକ୍ଷାବିତ, ପୂର୍ବ ସୈନିକ, କୃଷକ ସମେତ ବିଭିନ୍ନ କ୍ଷେତ୍ରରେ ହିନ୍ଦୋଳର ଗର୍ବ ବଢ଼ାଇଥିବା ବ୍ୟକ୍ତି, ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ସଂଘର ଉନ୍ନୟନ ପାଇଁ ସାଂସଦ, ବିଧାୟକ ପାଣ୍ଠିରୁ ଅର୍ଥାକ ଅନୁଦାନ ପ୍ରଦାନ କରାଯାଇଥିବା ସାଂସଦ ପାଣି ଘୋଷଣା କରିଥିଲେ । ଏହାକୁ ସାମ୍ବାଦିକମାନେ ସ୍ୱାଗତ କରିଥିଲେ । ଏସଡିପିଓ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟକୁମାର ନନ୍ଦଙ୍କ ସୁଲଳିତ ଦେଶାତ୍ମବୋଧକ ସଙ୍ଗୀତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ସାମ୍ବାଦିକ ସୁଶାନ୍ତ ପତି, ବିମଳ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ସଙ୍ଘର ସଦସ୍ୟମାନେ ସହଯୋଗ କରିଥିଲେ ।



## ୩ ସୁନାଚୋର ଗିରଫ; କାର୍ ଜବତ

**ଭୁବନ, ୨୫ ।୧(ସମିସ)**

ବାରମ୍ବାର ଚୋରିକରି ଆତଙ୍କ ଖେଳାଇଥିବା ଚୋରଙ୍କୁ ଧରିବାରେ ସଫଳ ହୋଇଛି ଭୁବନ ପୁଲିସ । ଗତ ଅଗଷ୍ଟ ୨୫ ରାତିରେ ଧଳପଡ଼ା ପଞ୍ଚାୟତ ମଝିପାଳ ଗ୍ରାମର ଶ୍ୟାମସୁନ୍ଦର ମୁଣ୍ଡାଙ୍କ ଘରୁ ସୁନାଗହଣା ସହ ୬୦ ହଜାର ଟଙ୍କା ଚୋରି ହୋଇଥିଲା । ଏ ନେଇ ଜିଲ୍ଲା ପୁଲିସ ଅଧିକାରୀ ଏବଂ ଭୁବନ ଥାନା ପୁଲିସର ସ୍ୱତନ୍ତ୍ର ଟିମ୍ ଗଠନ କରି ଚୋରଙ୍କ ଉପରେ ନଜର ରଖାଯାଇଥିଲା । ଶନିବାର ଭୁବନ ବାଇପାସରେ ଚୋରମାନେ ଏକ କାରରେ ଆଉ ଏକ ଚୋରି ଯୋଜନା କରୁଥିବା ସମୟରେ ପୁଲିସ ଟିମ ହାତରେ ଧରା ପଡ଼ିଥିଲେ । ତାଙ୍କଠାରୁ ୪୮ ଗ୍ରାମ ସୁନାଗହଣା, ୯୬ ଗ୍ରାମ ରୁପାଗହଣା, ୮ ହଜାର ୧୦ ଟଙ୍କା, ଏକ କାର୍, ୧୨ଟି ମୋବାଇଲ ଫୋନ ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କାଳିଆପାଣି ଥାନା ଚିଙ୍ଗୁଡ଼ିପାଳ ଗ୍ରାମର ସନାତନ ଦେହୁରୀଙ୍କ ପୁଅ ଚନ୍ଦନ ଦେହୁରୀ (୨୪), ଭୁବନ ଏନ୍‌ଏସି ୱାର୍ଡ ନମ୍ବର ୧୦ର ଶ୍ରୀଧର ସାହୁଙ୍କ ପୁଅ ଜିତେନ୍ କୁମାର ସାହୁ (୩୧) ଓ କାଚେରା ସାହିର ନନ୍ଦକିଶୋର ସାହୁଙ୍କ ପୁଅ ଜିତେନ୍ଦ୍ର କୁମାର ସାହୁ ଓରଫ ମୁନା (୩୬) । ଏମାନେ ଭୁବନ ଥାନାର ୬ଟି ଓ କାଳିଆପାଣି ଥାନାର ଗୋଟିଏ ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି ।




୨୦୨୫ ଫେବୃଆରୀରେ ଏମାନେ ବାଲିବୋ ଗ୍ରାମର ଶ୍ରୀକାନ୍ତ ଦାସ ଓ ଯୁଗଳ କିଶୋର ମିଶ୍ର, ଏପ୍ରିଲରେ ମାର୍ଥାପୁରର ଭରତ ମଲ୍ଲିକ, ଜୁଲାଇରେ ଭୂଷଳର ବସନ୍ତ ଖଟୁଆ, ଅଗଷ୍ଟରେ ଡେଙ୍ଗବାହାଳି ଗ୍ରାମର ବାସୁ ସାହୁଙ୍କ ଘରୁ ଚୋରି କରିଥିଲେ । ସେହିପରି କାଳିଆପାଣି ଥାନା ଅନ୍ତର୍ଗତ ଗିରିଙ୍ଗାମାଳିର ରୋହିତ ମହନ୍ତଙ୍କ ଘରୁ ମଧ୍ୟ ଚୋରି କରିଥିବା ସ୍ୱୀକାର କରିଛନ୍ତି ବୋଲି କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଭୁବନ ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ଏସଆଇ ସଞ୍ଜୟ କୁମାର ବେହେରା, ଶେଖ ନୁରୁଲ ହକ ଉପସ୍ଥିତ ଥିଲେ ।

● **ବିଦ୍ୟୁତ୍ ଠିକାଦାରଙ୍କ ସାଙ୍ଘାତିକ ଖେଳ**

## ସଟ୍‌ଡାଉନ୍ ନ ନେଇ ଶ୍ରମିକଙ୍କୁ ଖୁଣ୍ଟରେ ଚଢ଼େଇଥିଲେ

**ଅନୁଗୋଳ, ୨୫ ।୧(ସମିସ):** ଶନିବାର ଅନୁଗୋଳ ଷ୍ଟେଟ ବ୍ୟାଙ୍କ ମେନ୍ ବ୍ରାଞ୍ଚ ପରିସରରେ ଥିବା ଟ୍ରାନ୍ସଫର୍ମରରେ ତ୍ରୁଟି ଯୋଗୁଁ ଲାଇନ୍ ଚାଲିଯାଇଥିଲା । ମରାମତି ପାଇଁ ଟିପିସିଓଡଏଲ ପକ୍ଷରୁ ନିଯୁକ୍ତ ଲାଇନ୍‌ମ୍ୟାନଙ୍କୁ ଡକାଯାଇଥିଲା । ହେଲେ ଦାୟିତ୍ୱରେ ଥିବା ଠିକାଦାରଙ୍କ ଦାୟିତ୍ୱହୀନ ନୀତି ଯୋଗୁଁ ଲାଇନ୍‌ମ୍ୟାନ ଜଣକ ଖୁଣ୍ଟରେ ଚଢ଼ି କାମ କଲାବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା । ତେବେ ଲାଇନମ୍ୟାନ ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି । ପରେ ସଟ୍‌ଡାଉନ୍ ନିଆଯାଇ କାମ କରାଯାଇଥିଲା । ଏଠାରେ ପ୍ରଶ୍ନ ଉଠୁଛି, ଯଦି ଲାଇନ୍‌ମ୍ୟାନ୍‌ଙ୍କ ଜୀବନ ଯାଇଥାନ୍ତା ତେବେ କମ୍ପାନୀ ନା ଠିକାସଂସ୍ଥା କିଏ ଦାୟୀ ହୋଇଥାନ୍ତା । ବିନା ସୁରକ୍ଷା ଉପକରଣରେ ଲାଇନମ୍ୟାନଙ୍କୁ ଖୁଣ୍ଟରେ ଚଢ଼ାଇବା ଭଳି ସାଙ୍ଘାତିକ କାର୍ଯ୍ୟ କରିଥିବା ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



## ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**ଢେଙ୍କାନାଳ, ୨୫ ।୧(ସମିସ):** ସଦର ବ୍ଲକ ବଣସିଂହ ଓ ଚାଉଳିଆ ଖମାର ପଞ୍ଚାୟତ ବଡ଼ନଗନାସ୍ଥିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ମନ୍ଦିର ନିକଟ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀରେ ମାଘସପ୍ତମୀ ଅବସରରେ ବାରୁଣୀ ସ୍ନାନ ତଥା ବାରୁଣୀ ବ୍ରତ କାର୍ଯର୍ୟକ୍ରମ ଅନୁଷ୍ଠିତ ହୋଇଛି । ରବିବାର ସକାଳେ ଗୋବର୍ଦ୍ଧନ ପୀଠ ଶ୍ରୀ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ସଚିବ ତଥା ଆଦିତ୍ୟବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଭକ୍ତ ବ୍ରାହ୍ମଣୀରେ ବୁଡ଼ ପକାଇଥିଲେ । ନଦୀ ପୂଜନ ପରେ ମହାସ୍ନାନ ତଥା ବାରୁଣୀ ବ୍ରତ ହୋଇଥିଲା । ଏହି ଅବସରରେ ଆଦିତ୍ୟ ନାରାୟଣ ସୂର୍ଯ୍ୟଙ୍କୁ ଜଳାର୍ପଣ କରାଯାଇଥିଲା । ପୂର୍ବ କାଳରେ ନାଗା ସାଧୁମାନେ ତୀର୍ଥ ଭ୍ରମଣ କରିବା ସହ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇ ଶ୍ରୀ ଶ୍ରୀ ନାଗନାଥେଶ୍ୱରଙ୍କୁ ଦର୍ଶନ କରିବା ସହିତ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କୁ ଦର୍ଶନ କରୁଥିଲେ । ଏହାକୁ ସ୍ମରଣ କରି ଗତବର୍ଷଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ନାଗନାଥେଶ୍ୱରଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜନ କରାଯାଇଥିଲା । ନାଗନାଥେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ସୁଦାମ ଚରଣ ସାହୁ, ସମ୍ପାଦକ ଅଶୋକ କୁମାର ପଣ୍ଡା, ଆର୍ଯ୍ୟରତ୍ନ ଚକ୍ରଧର, ଶତୃଘ୍ନ ମାଟି, ବିଭୁ ପଟ୍ଟନାୟକ, ଶେଷଦେବ ରାଉତ, ଆଦିତ୍ୟ କୁମାର ପଣ୍ଡା, ରାଜକିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ ।




## ଜିଲ୍ଲାସ୍ତରୀୟ ଗ୍ରାମାଞ୍ଚଳ ଫୁଟବଲ ଲିଗ୍ ଉଦଘାଟିତ

**ଅନୁଗୋଳ, ୨୫ ।୧(ସମିସ):** ସ୍ଥାନୀୟ ପିଟିସି ପଡ଼ିଆରେ ରବିବାର ଅନୁଗୋଳ ଫୁଟବଲର୍ସ ଆସୋସିଏସନ୍ ପକ୍ଷରୁ ଜିଲ୍ଲାସ୍ତରୀୟ ଗ୍ରାମାଞ୍ଚଳ ଫୁଟବଲ ଲିଗ୍-୨୦୨୬ ଉଦଘାଟିତ ହୋଇଛି । ପୂର୍ବତନ ନଗରପାଳ ତଥା ତାମଡ଼ା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ ଡେରା ଓ ଇନ୍ଦିରା କ୍ଲବ୍ ମଧ୍ୟରେ ଖେଳାଯାଇଥିବା ବେଳେ ୧-୧ରେ ଅମୀମାଂସିତ ରହିଥିଲା । ଦ୍ୱିତୀୟ ମ୍ୟାଚ୍ ଡେରେଙ୍ଗ ଓ ପାଲଲହଡ଼ା ପପଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପପଣ୍ଡ ୨-୦ରେ ବିଜୟୀ ହୋଇଛି । ଏହି ପ୍ରତିଯୋଗିତାରେ ୩୨ଟି ଦଳ ଭାଗ ନେଇଛନ୍ତି । ଏଥିରୁ ଶ୍ରେଷ୍ଠ ଖେଳାଳି ଚୟନ କରାଯାଇ ଅନୁଗୋଳ ଜିଲ୍ଲା ଦଳ ଗଠନ କରାଯାଇ ରାଜ୍ୟ ସ୍ତରକୁ ପଠାଯିବ । ସଂଘ ପକ୍ଷରୁ ସଭାପତି ପବନା ସାହୁ ସମ୍ପାଦକ ନିଲୁ ସାହୁ, କୋଷାଧ୍ୟକ୍ଷ ବିନୋଦ ସାହୁଙ୍କ ସମେତ ବସନ୍ତ ଦାସ, ରମେଶ ଚନ୍ଦ୍ର ସାହୁ, ରୁଚିର ଦାସ, ଯୁଧିଷ୍ଠିର ସେଠ, ନୀଳମଣି ରାଉତ, ହୃଦାନନ୍ଦ ପଣ୍ଡା, ପଦ୍ମନାଭ ପ୍ରଧାନ, ଧ୍ରୁବ ପ୍ରଧାନ, ସଂଗ୍ରାମ ବେହେରା, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମୁଖ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ । ବାସୁଦେବ ସାହୁ, ପ୍ରଫୁଲ୍ଲ ଘଡ଼େଇ ଲାଇନ୍‌ରେ ସହାୟତା କରିଥିଲେ ।



## ଟେଲିମେଡିସିନ କାର୍ଯ୍ୟକ୍ରମରେ ସାମିଲ ହେଲେ ଆଇଆଇଏମସି ଛାତ୍ରଛାତ୍ରୀ


● **ସ୍ୱିଜରଲ୍ୟାଣ୍ଡ ଡାକ୍ତର ଢେଙ୍କାନାଳ ଶିଶୁରୋଗୀଙ୍କୁ ପରାମର୍ଶ ଦେଲେ**



**ଢେଙ୍କାନାଳ, ୨୫ ।୧(ସମିସ):** ଢେଙ୍କାନାଳ ଜିଲ୍ଲା ପଣ୍ଡୁଆ ନିକଟରେ ଥିବା ଗୋଦାରବିଲ ସିଏଚସିଏଚ କ୍ଲିନିକରେ ଜ୍ୱର ଓ ଟେଲିମେଡିସିନ ବିଷୟରେ ଆଶାକର୍ମୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଟେଲିମେଡିସିନରେ ସ୍ୱିଜରଲାଣ୍ଡର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. କନାରାଡ ମୁଲର ଓ ବିଟ୍ରିସ ମୁଲର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଶୁମାନଙ୍କୁ ବିଗିଡ଼ି ଯାଇଥିବା ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ । ପିତାମାତାଙ୍କୁ କାଉନସେଲିଂ କରିଥିଲେ । ରୋଗ ଜାଣିବା ପରେ ଔଷଧ ବିଷୟରେ ପରାମର୍ଶ ଦେଇଥିଲେ । ଦିଲୀପ କୁମାର ସାମଲ ସେମାନଙ୍କ ଭାଷାକୁ ଅନୁବାଦ କରି ରୋଗୀମାନଙ୍କୁ ଜଣାଇଥିଲେ । ପରେ ଉକ୍ତ ପଞ୍ଚାୟତର ଆଶାକର୍ମୀମାନଙ୍କୁ ଶିଶୁମାନଙ୍କ ରୋଗ ବିଷୟରେ ଉପସ୍ଥାପନା କରିଥିଲେ । ଶିଶୁମାନଙ୍କ ଜ୍ୱର ବିଷୟରେ ପିତାମାତା ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଜ୍ୱର ହେଲେ ଡାକ୍ତରଙ୍କ ପାଖକୁ ଯିବା ପୂର୍ବରୁ କିଭଳି ଘରେ ଉପଶମ ପାଇପାରିବେ ସେନେଇ ସଚେତନ କରିଥିଲେ । ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଛାତ୍ରଛାତ୍ରୀମାନେ ଅସିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚିନାରାୟଣ ସେଠଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ଟିଭି ଓ ଖବରକାଗଜରେ ପ୍ରକାଶ ପାଇଁ ନ୍ୟୁଜ୍ ପ୍ରସ୍ତୁତ କରିଥିଲେ । ନ୍ୟୁଜ୍ ଲେଟର ସଂଗ୍ରହ କରି ଡକ୍ୟୁମେଣ୍ଟେସନ ରିପୋର୍ଟ, ୟୁଟ୍ୟୁବ ଚାନେଲ ଓ ଭଏସ ଓଭର ପାଠ ପ୍ରସ୍ତୁତ କରିଥିଲେ । ସିସିଏଚ କ୍ଲିନିକ ତରଫରୁ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଆଶାକର୍ମୀମାନଙ୍କୁ ମଧ୍ୟ ତାଲିମ ପ୍ରମାଣପତ୍ର ଦିଆଯାଇଥିଲା ।







ସକାଳ
THE SAKALA





ବ୍ୟକ୍ତିର ତିନୋଟି ଗୁଣ ଦେଖିବା ଉଚିତ - ବୁଦ୍ଧିମତ୍ତା, ସାମର୍ଥ୍ୟ ଓ ସାଧୁତା। ଯଦି ତୃତୀୟ ଗୁଣଟି ତା'ପାଖରେ ନାହିଁ, ତେବେ ଅନ୍ୟ ଦୁଇଟି ଥିଲେ ମଧ୍ୟ ମୂଲ୍ୟହୀନ।
- ୱାରେନ୍ ବଫେଟ୍

# ସମ୍ବିଧାନ ସର୍ବୋପରି

ଆମେ ଆଜି ସମୟର ଏଭଳି ଏକ ବେଳାରେ ଜନରାଜ୍ୟ ଦିବସ ପାଳନ କରୁଛୁ, ଯେତେବେଳେ ଆମ ପବିତ୍ର ସମ୍ବିଧାନ ସ୍ୱୀକୃତ ସହଯୋଗ ଆଧାରିତ ସଂଘୀୟ ଶାସନ ବ୍ୟବସ୍ଥାରୁ 'ସହଯୋଗ'ଟି କ୍ରମଶଃ ଅପସୃତ ହୋଇଚାଲିଛି ଏବଂ 'ବିରୋଧାଭାସ' ତାହାର ସ୍ଥାନ ଅକ୍ତିଆର କରୁଥିବା ଦେଖାଯାଉଛି। ଗତବର୍ଷ କେତେକ ରାଜ୍ୟରେ ରାଜ୍ୟପାଳମାନଙ୍କର ଅତିକ୍ରିୟା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପ୍ରତି ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିଥିଲା। ଏପରିକି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ରାଜ୍ୟପାଳମାନଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତାର ଲକ୍ଷଣରେଖା ବିଷୟରେ ପୁଣି ଥରେ ସ୍ମରଣ କରାଇବାକୁ ପଡ଼ିଥିଲା। ଆଶା କରାଯାଉଥିଲା ରାଜ୍ୟପାଳ-ରାଜ୍ୟ ସରକାର ମଧ୍ୟରେ ସମ୍ପର୍କର ଏଭଳି ଅସୁସ୍ଥ ପରମ୍ପରା ଭାଙ୍ଗିବ। କିନ୍ତୁ ଚଳିତବର୍ଷ ମଧ୍ୟ ସେହି ଅବାଞ୍ଛିତ ଧାରା ଜାରି ରହିଛି ଏବଂ କ୍ରମଶଃ ସାମ୍ବିଧାନିକ ସଙ୍କଟକୁ ଆହୁରି ଜଟିଳ କରୁଛି। ପ୍ରାୟ ୭୬ ବର୍ଷ ପଛକୁ ଫେରିଯାଇ ଆଜିର ତାମିଲନାଡୁ, କେରଳ ଓ କର୍ଣ୍ଣାଟକ ବିଧାନସଭାର ଘଟଣାକ୍ରମକୁ ଅନୁଶୀଳନ କଲେ ଆମ ସଂଘୀୟ ବ୍ୟବସ୍ଥା ଯେ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇସାରିଛି ତାହା ଅସ୍ୱୀକାର କରିହେବ ନାହିଁ।

ଦୁର୍ନୀତିଗ୍ରସ୍ତ ଶାସନ-ପ୍ରଶାସନ ପାଇଁ 'ଛାଟ' ଭାବେ ସ୍ୱୀକୃତ ସିବିଆଇ, ଇଡି ଆଦି ସଂସ୍ଥା ଏବେ କେନ୍ଦ୍ରର ଅସୂୟାମୂଳକ ଓ ଉଦ୍ଦେଶ୍ୟପ୍ରଣୋଦିତ ଅସ୍ତ୍ର ରୂପେ ବ୍ୟବହାର ହେଉଛି। ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଉତ୍ତରଦାୟିତ୍ୱରେ ଥିବା ସାମ୍ବିଧାନିକ ସଂସ୍ଥା କ୍ଷମତାସୀନ ସରକାରର ହାତବାରିସି ହୋଇପଡୁଥିବାର ଅଭିଯୋଗମାନ ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ଅଣଏନ୍‌ଡିଏ ଶାସିତ ରାଜ୍ୟମାନେ ଅଧିକରୁ ଅଧିକ ପ୍ରଭାବିତ ଓ ଅସନ୍ତୁଷ୍ଟ ହେଉଥିବା ଦେଖାଯାଉଛି। ଏପରିକି କେତେକ ରାଜ୍ୟ କେନ୍ଦ୍ର ସହିତ ପ୍ରତ୍ୟକ୍ଷ ମୁକାବିଲା ପାଇଁ ପ୍ରସ୍ତୁତ। କେନ୍ଦ୍ର-ରାଜ୍ୟ ସମ୍ପର୍କର ସମୀକ୍ଷା ପାଇଁ ଗତବର୍ଷ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ସୁପ୍ରିମୋ ଏମ କେ ଷ୍ଟାଲିନ୍ ଏବେ ଆଉ ଦୁଇପାଦ ଆଗକୁ ଯାଇ ଅଣହିନ୍ଦୀ, ବିଶେଷକରି ଦକ୍ଷିଣ ଭାରତୀୟ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମାନ୍ତରାଳ ସମ୍ମାନଜନକ ସର୍ବୋଚ୍ଚ ପୁରସ୍କାରର ବ୍ୟବସ୍ଥା ବିଷୟରେ ଘୋଷଣା କରିଛନ୍ତି। ଆଞ୍ଚଳିକ ଅସ୍ମିତା ଆଧାରରେ ଏହା ଭାରତକୁ ହିନ୍ଦୀ ଓ ଅଣହିନ୍ଦୀ ଆଧାରରେ ଦୁଇଭାଗ କରିଦେବା ଭଳି ହୋଇଛି। ସ୍ୱାଧୀନତା ପରଠାରୁ ଜାତୀୟ ରାଜନୀତିରେ ହିନ୍ଦୀ ଭାଷାଭାଷୀ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ମଧ୍ୟରେ ଯେଉଁ ଅସୂୟାର ମଞ୍ଜିଟିଏ ରୋପିତ ହୋଇ କାଳକ୍ରମେ ଦ୍ରୁମ ପାଲଟିସାରିଛି ସେଥିରେ ଏବେ ଫଳ ଧରିବା ଆରମ୍ଭ କରିଛି କହିଲେ ଅତିଶୟୋକ୍ତି ହେବ ନାହିଁ। ସେହିଭଳି 'ବନ୍ଦେ ମାତରମ୍'କୁ ନେଇ ଯେଉଁ ବିବାଦ ଓ ବିତର୍କ ଉଠିଛି, ତାହା ମାଆକୁ ମଝିରେ ରଖି ସନ୍ତାନମାନେ ଦୁଇପଟୁ ଟଣାଓଟରା କରିବା ଭଳି ପରିବେଶଟିଏ ସୃଷ୍ଟି କରିଛି। କାଳାନ୍ତରର ଏଭଳି ବିତର୍କରୁ ଦୂରେଇ ରହିଥିଲେ ବରଂ ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଅଧିକ ହୋଇଥା'ନ୍ତା।

ଆମ ସମ୍ବିଧାନ କେନ୍ଦ୍ର-ରାଜ୍ୟ ସମ୍ପର୍କ, ସ୍ୱାୟତ୍ତତା ଏବଂ ଯୁଗ୍ମ ଦାୟିତ୍ୱ ଓ ଅଧିକାର ବିଷୟ ସ୍ପଷ୍ଟ କରିଛି। ଅଥଚ ରାଜ୍ୟପାଳମାନଙ୍କର ଅତିକ୍ରିୟା ଯୋଗୁଁ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେଉଛି ଏବଂ ଆଞ୍ଚଳିକ ଅସୂୟା ବଢ଼ିବାରେ ଲାଗିଛି। ଯେତେବେଳେ ସଂଘୀୟ ବ୍ୟବସ୍ଥା ଦଳୀୟ ରାଜନୈତିକ ସ୍ୱାର୍ଥ ସାଧନ ଆଗରେ ବଳି ପଡ଼େ, ସାମ୍ବିଧାନିକ ମୂଲ୍ୟବୋଧ କ୍ଷୁଣ୍ଣ ହୁଏ, ସୁସ୍ଥ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅବନତି ଦେଖାଦିଏ, ଆଞ୍ଚଳିକ ଦଳମାନଙ୍କୁ ବର୍ଷ ବର୍ଷ ଧରି ଅବହେଳା ଓ ପାତରଅନ୍ତରର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ପୁଞ୍ଜିଭୂତ ଅସନ୍ତୋଷ ବିରୋଧାଭାସର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି ବୋଲି କୁହାଯାଇପାରେ। ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ଆହୁରି ପରିପକ୍ୱ ହେବା କଥା। କିନ୍ତୁ ବିରୋଧାଭାସ କେବଳ ଆମ ସମ୍ବିଧାନ ଉଦ୍‌ଘୋଷିତ ଅଖଣ୍ଡ ଭାରତ ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଚାଲିଛି।

ଏଥିସହିତ ବିଭିନ୍ନ କ୍ଷେତ୍ରରେ ଅଧିକାରର ସୁରକ୍ଷା ମଧ୍ୟ ପ୍ରଶ୍ନଘେରକୁ ଆସୁଛି। କ୍ରମବର୍ଦ୍ଧିଷ୍ଣୁ ତଥ୍ୟବଜାରରେ ବ୍ୟକ୍ତିଗତ ଗୋପନୀୟତା ବିପଦରେ ପଡ଼ିଛି। 'ଅର୍ବାନ୍ ନକ୍ସଲାଇଟ୍' ଅଭିଯୋଗରେ ଅଭିବ୍ୟକ୍ତିର କଣ୍ଠରୋଧ ହେଉଥିବା ବେଳେ ସ୍ୱାଧୀନ ଅଭିବ୍ୟକ୍ତି ଅଧିକାରର ମାତ୍ରାଧିକ ଓ ସଂଯମହୀନ ପ୍ରୟୋଗ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରୁଛି। ତେଣୁ ସମ୍ବିଧାନର ମୌଳିକ ଅଧିକାରଗୁଡ଼ିକର ପୁନଃ ସରଳ ଓ ପ୍ରାଞ୍ଜଳ ବ୍ୟାଖ୍ୟାନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଖଣିଜ ରାଜସ୍ୱ ଲୋଭ ଓ ଅର୍ଥନୈତିକ ବିକାଶରେ ଯେଭଳି ଜଳବାୟୁର ଅସ୍ୱାଭାବିକତା ଚରମ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଦୂଷଣ ସଙ୍କଟ ସୃଷ୍ଟି କରୁଛି ତାହା ସମ୍ବିଧାନ ପ୍ରଦତ୍ତ ନାଗରିକର ବଞ୍ଚିବାର ମୌଳିକ ଅଧିକାରକୁ ଛଡ଼ାଇ ନେଇଛି। ଏ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତାଗିଦା ପରେ ମଧ୍ୟ ନିର୍ବିକାର ସରକାରଙ୍କ ନୀତିଗତ ପରିବର୍ତ୍ତନର ସାମାନ୍ୟତମ ଲକ୍ଷଣ ଦେଖାଯାଉନାହିଁ।

ସୁସ୍ଥ ଗଣତନ୍ତ୍ର ଏବଂ ସମ୍ବିଧାନ ପ୍ରଦତ୍ତ ମୌଳିକ ସ୍ୱାଧୀନତାର ସୁରକ୍ଷା ପାଇଁ ସଂଘୀୟ ବ୍ୟବସ୍ଥାର ଭିତ୍ତି ସୁଦୃଢ଼ ରହିବା ଜରୁରୀ। ଏଥିସହିତ ରାଜ୍ୟମାନଙ୍କର ସ୍ୱାୟତ୍ତତା ଓ ଅଧିକାର ମଧ୍ୟ ସୁରକ୍ଷିତ ରହିବା ଅପରିହାର୍ଯ୍ୟ। ଆଶା ଏଭଳି ଏକ ଘଡ଼ିସନ୍ଧି ସମୟରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅଧସ୍ତନ ନ ଭାବି ସହଯୋଗୀ ବୋଲି ମନେ କଲେ ଭାରତୀୟ ଗଣତନ୍ତ୍ରର ଅମୃତକାଳର ଯାତ୍ରା ସଫଳ ହେବ। ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କର ଅଧିକାର ଓ ସ୍ୱାଧୀନତାର ସୁରକ୍ଷା ସୁନିଶ୍ଚିତ ହେବା ସହିତ ଗଣତନ୍ତ୍ର ପ୍ରତି ଆସ୍ଥା ସୁଦୃଢ଼ ହେବ।

# ବୈଚାରିକ-ଜରାଶ୍ରମରେ ଜାତିର ପିତା

**ଗୌରୀପ୍ରସାଦ ମହାପାତ୍ର**

ମୋହନ ଦାସ କରମଚାନ୍ଦ ଗାନ୍ଧୀ - ଜଣେ ବ୍ୟକ୍ତିତ୍ୱ ନା ଏକ ବିଚାର? ସେ ସଂଗ୍ରାମୀ ନା ସାଧକ? ରାଜନେତା ନା ସମାଜସେବୀ? ଜଣେ ବାରିଷ୍ଟର ନା ସାମ୍ବାଦିକ? ଏକ ଆଦର୍ଶ ନା ମୂଲ୍ୟବୋଧ? ସେ ପୂଜ୍ୟ ନା ପୂଜାରୀ? ଏହି ସବୁ ପ୍ରଶ୍ନ ଆଜିର ସମୟରେ ବୋଧହୁଏ ଅର୍ଥହୀନ। କାରଣ ସେ ପ୍ରଶ୍ନାତୀତ ଓ କାଳାତୀତ। ସମୟ ତାଙ୍କୁ ବାନ୍ଧି ରଖିପାରିନି ଶତାବ୍ଦୀର ଏକ କାଳଖଣ୍ଡରେ ଏବଂ ନିର୍ଦ୍ଦିଷ୍ଟ କୌଣସି ଭୌଗୋଳିକ ସୀମା ଭିତରେ। କିନ୍ତୁ ସାମ୍ପ୍ରତିକ କଳୁଷିତ ରାଜନୈତିକ ପରିବେଶରେ ମହାତ୍ମାଙ୍କୁ ଯେତେବେଳେ କ୍ଷମତା-କାତର ଦୃଷ୍ଟିକୋଣରେ ଏକ ସଂକୁଚିତ ବୈଚାରିକ ବଳୟ ଭିତରେ ସୀମାବଦ୍ଧ କରିବାର ଅପଚେଷ୍ଟା ଆରମ୍ଭ ହୋଇଛି ସେତେବେଳେ ଉପରୋକ୍ତ ପ୍ରଶ୍ନ ସବୁ ପୁଣି ଥରେ ସମୀକ୍ଷାର ଅପେକ୍ଷା ରଖୁଛି।

'ଗାନ୍ଧିଜୀ' କେବଳ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ପରିଚୟ ନୁହେଁ, ବିଚାରର ଏକ ପରିବ୍ୟାପ୍ତ ପରିଧି। ସେ ସଂଗ୍ରାମ ଓ ସାଧନାର ଏକ ଅପୂର୍ବ ସମନ୍ୱୟ। ମାନବ ଜାତିର ଆଦର୍ଶ ଓ ମାନବିକତାର ମୂଲ୍ୟବୋଧ। ସେ ପୂଜକ ସତ୍ୟର ଆଉ ପୂଜ୍ୟ ବିଶ୍ୱ ମାନବର। ଶାସନ, ପ୍ରଶାସନ, ରାଜନୀତି, ଅର୍ଥନୀତି, ପରିବାର, ସମାଜ ପାଇଁ 'ଗାନ୍ଧୀ ବିଚାର' ଏକ ସ୍ୱୟଂସଂହିତା। ସେ ବିଶ୍ୱ ସଭ୍ୟତା ଓ ବିକାଶର ମନ୍ତ୍ରଦ୍ରଷ୍ଟା। ଊନବିଂଶ ଓ ବିଂଶ ଶତାବ୍ଦୀର କର୍ମମୟ ଜୀବନ ଓ ଦର୍ଶନ ତାଙ୍କୁ ଏକବିଂଶ ଶତାବ୍ଦୀରେ ମଧ୍ୟ ଜୀବନ୍ତ କରି ରଖିଛି। ଆଗାମୀ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ସମଗ୍ର ବିଶ୍ୱକୁ ଆଲୋକିତ କରି ରଖିଥିବ ତାଙ୍କର ଆଦର୍ଶ, ଚିନ୍ତା ଓ ଚେତନା। ଗାନ୍ଧିଜୀଙ୍କ ସେହି ସଂହିତା ଓ ମନ୍ତ୍ର ଯଦି କାହାର ଅନ୍ତର୍ଦୃଷ୍ଟିରେ ପ୍ରତିଫଳିତ ହୋଇପାରୁନି ତେବେ ତାହା ବୈଚାରିକ ବିଭ୍ରାନ୍ତି ଓ ଅସୁସ୍ଥ ମାନସିକତାର ପରିଚୟ ବୋଲି କହିବାକୁ ହେବ।

'ସର୍ବୋଦୟ ଅର୍ଥନୀତି'ର ତତ୍ତ୍ୱ-ସ୍ରଷ୍ଟାଙ୍କ ଦର୍ଶନ ଓ ଆଦର୍ଶକୁ ଯଦି ପରବର୍ତ୍ତୀ ପିଢ଼ିର ରାଷ୍ଟ୍ରନେତାମାନେ ଅନୁସରଣ କରିଥା'ନ୍ତେ ଏବଂ ରଚନାତ୍ମକ କାର୍ଯ୍ୟକ୍ରମର ସାର୍ବଜନୀନ ପ୍ରୟୋଗ ହୋଇଥା'ନ୍ତା, ତେବେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ କ୍ଷେତ ଛାଡ଼ି କୃଷକମାନେ ରାଜରାସ୍ତାକୁ ଆସୁ ନ ଥା'ନ୍ତେ। କୋଟି କୋଟି ଯୁବକଯୁବତୀଙ୍କୁ ଜୀବନଜୀବିକାର ସନ୍ଧାନରେ ଗାଁ ଛାଡ଼ି ଦାଦନ ଖଟିବାକୁ ସହରାଭିମୁଖୀ ହେବାକୁ ପଡ଼ି ନଥା'ନ୍ତା। ବୁଣାକାରଟିଏ ନିଜ ବସନ ପାଇଁ ସମ୍ବଳ ଯୋଗାଡ଼ କରିବାରେ ଅସହାୟ ହୋଇ ନଥା'ନ୍ତା। ଅର୍ଦ୍ଧରାତ୍ରିରେ ମଧ୍ୟ ମହିଳାମାନେ ନିର୍ଭୟରେ ସୁରକ୍ଷିତ ଭାବେ ଘରକୁ ଫେରିପାରୁଥା'ନ୍ତେ। ଜାତିଆଣ ରାଜନୀତିରେ ଦଳିତ ଓ ନିଷ୍ପେଷିତମାନଙ୍କ ଆର୍ତ୍ତଚିତ୍କାର ଆକୁମାରୀକାଶ୍ମୀର ଶୁଭୁ ନ ଥା'ନ୍ତା। ଦେଶମାତୃକାର



ସେବା, ବଳିଦାନ ଓ ତ୍ୟାଗର ପ୍ରତିଦାନ ପାଇବା ପାଇଁ ସୈନିକଟିଏ କୋର୍ଟକଚେରିକୁ ଯିବାକୁ ପଡୁ ନ ଥା'ନ୍ତା। ଶ୍ୱେତ ବିପ୍ଳବର ବନ୍ୟା ଆଜି ରାଜରାସ୍ତାକୁ ପ୍ଳାବିତ କରୁ ନଥା'ନ୍ତା। ସବୁଜ ବିପ୍ଳବ ଦିଗଭ୍ରଷ୍ଟ ହୋଇ ପରିବେଶ ପାଇଁ ଆତଙ୍କ ସୃଷ୍ଟି କରୁ ନ ଥା'ନ୍ତା। ସରକାରମାନେ ଦେଶ/ରାଜ୍ୟ ଚଳାଇବା ପାଇଁ ମଦ-ରାଜସ୍ୱ ଉପରେ ନିର୍ଭର କରୁ ନ ଥା' ନ୍ତେ କି ବିଦେଶରେ ଯାଇ ପୁଞ୍ଜି ଭିକ୍ଷା କରୁ ନଥା'ନ୍ତେ।

ଆଜି ଯେତେବେଳେ ଭାରତର ଅଶାନ୍ତ ସୀମା ଏବଂ ଗାଁର ଉଜୁଡ଼ି ଯାଇଥିବା ସବୁଜିମା ସେହି ରାଷ୍ଟ୍ରନାୟକଙ୍କୁ ଖୋଜୁଛି; ତାଙ୍କର ବିଚାର, ଦର୍ଶନ ଓ ତତ୍ତ୍ୱ ବିଶ୍ୱାଦୃତ ହେଉଛି, ସେତେବେଳେ ତାଙ୍କ ସ୍ୱପ୍ନର ଭାରତରେ ହିଁ ପ୍ରତିଧ୍ୱନିତ ହେଉଛି ତାଙ୍କର ବୈଚାରିକ-ଉତ୍ତରଣ ଓ ରାଜନୈତିକ-ଅହଂ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘାତର ଗୁଞ୍ଜରଣ। କ୍ଷମତାର ଅଳନ୍ଧୁ ଭିତରେ ସତେଯେମିତି ହଜିଯାଇଛି ମହାମାନ୍ୟବରଙ୍କ ସେହି 'ପରଶମଣି'। ବ୍ୟବସ୍ଥାପିକାର କୋଳାହଳ ଭିତରେ ନିଷ୍ପ୍ରଭ ହୋଇ ଯାଉଛି 'ଗ୍ରାମ ସ୍ୱରାଜ'ର ସ୍ୱର। ଶାସନତନ୍ତ୍ରର କଂଗ୍ରେସ-କାତରତା ମହାତ୍ମାଙ୍କୁ ଦଳୀୟ ରାଜନୀତିର କ୍ଷୁଦ୍ର ପରିଧି ଭିତରେ କାରାବଦ୍ଧ କରିଦେଇଛି। ଏଠାରେ ସ୍ମରଣ କରାଇବା ଉଚିତ ହେବ ଯେ ଭାରତର ଗାନ୍ଧିଜୀ-କୈନ୍ଦ୍ରିକ କଂଗ୍ରେସ ଏବଂ ସ୍ୱାଧୀନୋତ୍ତର କଂଗ୍ରେସ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ବରଂ ମୂଳ ଲକ୍ଷ୍ୟ ପୂରଣ ହୋଇସାରିଥିବାରୁ ସ୍ୱାଧୀନତା ପ୍ରାପ୍ତି ପରେ କଂଗ୍ରେସକୁ ଭାଙ୍ଗି ଦେବା ପାଇଁ ମହାତ୍ମା ପ୍ରସ୍ତାବ ଦେଇ ସେ ଦିଗରେ ଉଦ୍ୟମ ମଧ୍ୟ ଆରମ୍ଭ କରିଥିଲେ। ଗାନ୍ଧିଜୀ କୌଣସି ରାଜନୈତିକ ଦଳର ସ୍ୱତ୍ୱ ନୁହନ୍ତି, ବରଂ ତାଙ୍କ ନାମକୁ ପୁଞ୍ଜି କରି ରାଜନୈତିକ ଦଳମାନେ ନିର୍ବାଚନୀ-ସଫଳତା ପାଇଛନ୍ତି। ବୋଧହୁଏ ଏହି ଫରକକୁ ଦେଖିବାରେ ଅନ୍ତର୍ଦୃଷ୍ଟିର ଅଭାବ ଯୋଗୁଁ ମହାତ୍ମା ଆଜି କଂଗ୍ରେସ-କଳଙ୍କିତ ହୋଇଯାଇଛନ୍ତି। ସତେଯେମିତି ସାମ୍ପ୍ରତିକ ରାଜନୀତିର ବୈଚାରିକ-ଜରାଶ୍ରମରେ ଜାତିର ପିତାଙ୍କ ଅସ୍ତିତ୍ୱକୁ ଥଇଥାନ କରିଦେବା ପାଇଁ ବାଧ୍ୟବାଧକତାର ପରିବେଶ ଓ ପରିସ୍ଥିତିଟିଏ ସୃଷ୍ଟି କରାଯାଇଛି।

ଆଜିର ସ୍ୱାର୍ଥକୈନ୍ଦ୍ରିକ-ସମାଜ ଏବଂ ଉଦ୍ଦାମ-ପ୍ରଚୋଦିତ ରାଜନୀତିରେ ବାର୍ଦ୍ଧକ୍ୟ ଯେପରି ଅବହେଳିତ, ଗାନ୍ଧୀ ବିଚାର ମଧ୍ୟ ସେଭଳି ଅନେକଙ୍କ ପାଇଁ ଅପାଂକ୍ତେୟ ଓ ଅବାଞ୍ଛିତ ମନେ ହେବା ଅସମ୍ଭବ ନୁହେଁ। ଅଧିକନ୍ତୁ ଯେଉଁ ସାତଟି ପାପ - 'ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନା'କୁ ପରିହାର କରିବା ପାଇଁ ଗାନ୍ଧିଜୀ ଉପଦେଶ ଦେଇଥିଲେ ସେହି ପାପଗୁଡ଼ିକ ଆଜି ଭୋଟ-ମେଧ ଯଜ୍ଞରେ ପୂତପବିତ୍ର ହୋଇ ସଫଳ ଜୀବନର ମନ୍ତ୍ର ଭାବେ ବହୁଆଦୃତ ହୋଇସାରିଛି। ଏଭଳି କୌଣସି କ୍ଷେତ୍ର ନାହିଁ, ଯେଉଁଠାରେ ଜାତିର ପିତାଙ୍କୁ ଆମେ ହତାଦର କରୁନାହୁଁ। ଏହି ପୃଷ୍ଠଭୂମିରେ ଯଦି କୌଣସି ଯୋଜନା କିମ୍ବା ଆଇନରୁ ମହାତ୍ମାଙ୍କ ନାମ ବାଦ୍ ପଡ଼େ, ତେବେ ସେଥିରେ ଅଧିକ ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ଯିଏ 'ଗ୍ରାମ ସ୍ୱରାଜ'ର କଥା କହିଥିଲା, ଯିଏ ସମାଜର ସବୁଠାରୁ ଦୁର୍ବଳ ବର୍ଗର ହିତସାଧନ ପାଇଁ 'ପରଶମଣି(ଟାଲିସ୍‌ମ୍ୟାନ୍)' ର ତତ୍ତ୍ୱ ଦେଇଥିଲା, 'ସର୍ବୋଦୟ ଅର୍ଥନୀତି'ର ଉଦ୍‌ଘୋଷଣା କରିଥିଲା, ତା'ର ନାଁ ହିଁ ଶେଷରେ ତା' ଦେଶର ସର୍ବବୃହତ୍ ଓ ସର୍ବାଦୃତ ଗ୍ରାମୀଣ ଯୋଜନାରୁ ବାଦ୍ ପଡ଼ିଲା। ସ୍ୱାଧୀନ ଭାରତରେ ଏହାଠାରୁ ବଳି ବଡ଼ ବିଡ଼ମ୍ବନା ଏବଂ ସ୍ୱାଧୀନତାର ସେନାପତିଙ୍କ ପ୍ରତି ଏହାଠାରୁ ବଡ଼ ଅପମାନ ଆଉ କ'ଣ ହୋଇପାରେ? ଏକବିଂଶ ଶତାବ୍ଦୀର ବିକାଶ ଯାତ୍ରାରେ ମହାତ୍ମା-ସିଦ୍ଧାନ୍ତ ପ୍ରାସଙ୍ଗିକତା ହରାଇବା ତାଙ୍କ ସ୍ୱପ୍ନର ଭାରତ ପ୍ରତି କୃତଜ୍ଞତା ନା କୃତଘ୍ନତା ତାହା ମଧ୍ୟ ବିଚାରସାପେକ୍ଷ।

ଶେଷରେ ବହୁଚର୍ଚ୍ଚିତ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର 'ଲଗେ ରହୋ ମୁନ୍ନା ଭାଇ'ର ସେହି ହୃଦୟସ୍ପର୍ଶୀ ସଂଳାପଟକୁ ମନେ ପକାଇବା, ଯେଉଁଥିରେ ଗାନ୍ଧିଜୀ ମୁନ୍ନା ଭାଇଙ୍କ ଜରିଆରେ ଭାରତୀୟ ନାଗରିକମାନଙ୍କୁ କହୁଛନ୍ତି - 'ଏ ଦେଶରେ ମୋର ଯେତେସବୁ ମୂର୍ତ୍ତି ଅଛି ସବୁତକ ଭାଙ୍ଗିଦିଅ, ସବୁ କାନ୍ଥବାଡ଼ରୁ ମୋର ଫଟୋ ବାହାର କରି ଫୋପାଡ଼ି ଦିଅ, ସବୁ ଅନୁଷ୍ଠାନ-ଛକ-ଗଳି-ରାସ୍ତା-ସ୍ମାରକୀରୁ ମୋର ନାମ ହଟାଇଦିଅ। ଯଦି କେଉଁଠି ରଖିପାରିବ ତେବେ ତୁମ ହୃଦୟରେ ରଖ।' '....ଆଜି ବାପୁଜୀ ଯଦି ବଞ୍ଚିଥା'ନ୍ତେ ତେବେ ଭାବୁଥା'ନ୍ତେ ଦେଶ ତ ଆମ ନିଜର ହୋଇଗଲା; କିନ୍ତୁ ଦେଶକୁ ଚଳାଉଥିବା ଲୋକ ପର ହୋଇଗଲେ... ।' ଏ ସଂଳାପର ପ୍ରାସଙ୍ଗିକତା ଓ ସମ୍ବେଦନଶୀଳତା କେତେ ସେ ବିଚାର ଜନତାଙ୍କର। ପୁଣି ଗାନ୍ଧୀ-ଦର୍ଶନର ସ୍ଥାନ ଆମ ହୃଦୟ-ସିଂହାସନରେ ନା ବୈଚାରିକ ଜରାଶ୍ରମରେ ସେ ନିଷ୍ପତ୍ତିର ଅଧିକାର ମଧ୍ୟ ଆପଣମାନଙ୍କର। ଏବେ ପୁଣି ଥରେ 'ଗାନ୍ଧୀ-ଗିରି'ର ଆବଶ୍ୟକତା ରହିଛି କି? ଏ ପ୍ରଶ୍ନର ଉତ୍ତର ଦେବା ଦାୟିତ୍ୱ ସମୟର।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# କଟକଣା କେବଳ କାଗଜରେ?

**ଅଜିତ୍ କୁମାର ପ୍ରଧାନ**

ଓଡ଼ିଶାରେ ତମାଖୁ ଓ ନିକୋଟିନ୍‌ଯୁକ୍ତ ସମସ୍ତ ଉତ୍ପାଦ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍ୱାସ୍ଥ୍ୟ ସୁରକ୍ଷା, ବିଶେଷକରି କର୍କଟ ଭଳି ମାରାତ୍ମକ ରୋଗରୁ ସାଧାରଣ ଲୋକଙ୍କୁ ବଞ୍ଚାଇବା ଦୃଷ୍ଟିକୋଣରୁ ଏହି ନିଷେଧାଦେଶର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଆନ୍ତର୍ଜାତିକ କର୍କଟ ଗବେଷଣା ସଂସ୍ଥାଙ୍କ ରିପୋର୍ଟ ଏହା ସ୍ପଷ୍ଟ କରିଛି ଯେ ଧୂଆଁହୀନ ତମାଖୁ ସେବନ ଭାରତରେ କର୍କଟ ରୋଗର ଏକ ପ୍ରମୁଖ କାରଣ। ଓଡ଼ିଶାରେ ଧୂଆଁହୀନ ତମାଖୁ ସେବନର ହାର ଜାତୀୟ ହାରଠାରୁ ଦୁଇଗୁଣ ଥିବା ତଥ୍ୟ ନିଶ୍ଚିତ ଭାବେ ଚିନ୍ତାଜନକ। ଏହି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞପ୍ତି ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଦୃଢ଼ ଓ ସାହସିକ ପଦକ୍ଷେପ ବୋଲି କୁହାଯାଇପାରେ।

ତଥାପି, ଏହି ଘୋଷଣା ପରେ ସ୍ୱାଭାବିକ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି। ସବୁଠାରୁ ମୁଖ୍ୟ ପ୍ରଶ୍ନ ହେଉଛି ଏହି କଟକଣା କେବଳ କାଗଜକଲମର ଘୋଷଣାରେ ସୀମିତ ରହିଯିବନି ତ? କାରଣ ଏହା ପୂର୍ବରୁ ମଧ୍ୟ ୨୦୧୩ ମସିହାରେ ଗୁଟ୍‌ଖା ନିଷେଧ ସମୟରେ ଯେଉଁ ଅନୁଭବ ଦେଖାଯାଇଥିଲା, ସେହି



ଅନୁଭବ ଆଜି ମଧ୍ୟ ସର୍ବସାଧାରଣଙ୍କ ସ୍ମୃତିରେ ତାଜା ରହିଛି। ଗୁଟ୍‌ଖା ନିଷିଦ୍ଧ ଘୋଷଣା ପରେ ଆରମ୍ଭରେ କଟକଣା କଠୋର ଭାବରେ ପାଳନ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କମ୍ପାନୀମାନେ ଆଇନର ଫାଙ୍କରୁ ଲାଭ ଉଠାଇ ତମାଖୁ ଓ ପାନମସଲାକୁ ଅଲଗା ଅଲଗା ପ୍ୟାକେଟ୍‌ରେ ବିକ୍ରି କରି ପୁରୁଣା ବ୍ୟବସାୟକୁ ପୁଣି ସଜାଇଥିଲେ। ଫଳସ୍ୱରୂପ, ଗୁଟ୍‌ଖା ନିଷେଧ ହୋଇଥିଲେ ମଧ୍ୟ ତାହାର ପ୍ରଭାବ ଦୀର୍ଘକାଳୀନ ହୋଇପାରିଲା ନାହିଁ।

ଏହି ପୃଷ୍ଠଭୂମିରେ ଦେଖିଲେ, ନୂତନ ନିଷେଧାଦେଶର ପ୍ରଭାବକୁ ନେଇ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ। ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦରୁ ସରକାର ଟିକସ ଆକାରରେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। ଏହି ବିଶାଳ ରାଜସ୍ୱ ହରାଇବାକୁ ସରକାର କେତେଦୂର ପ୍ରସ୍ତୁତ ସେହି ପ୍ରଶ୍ନ ମଧ୍ୟ ଉଠୁଛି। ଅନେକ ସମୟରେ ଦେଖାଯାଇଛି ଯେ ସ୍ୱାସ୍ଥ୍ୟ ଓ ରାଜସ୍ୱ ମଧ୍ୟରେ ସଂଘର୍ଷ ହେଲେ ଶେଷରେ ରାଜସ୍ୱ ହିଁ ପ୍ରାଧାନ୍ୟ ପାଉଛି। ଯଦି ଏହି ନୂତନ ନିଷେଧାଦେଶ କେବଳ କିଛିଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ତା'ପରେ ଧୀରେଧୀରେ ଶିଥିଳ ହୋଇଯାଏ, ତେବେ ଏହା ଲୋକଙ୍କ ସ୍ୱାସ୍ଥ୍ୟକୁ ନୁହେଁ, ବରଂ ସରକାରୀ ନୀତିର ବିଶ୍ୱସନୀୟତାକୁ ମଧ୍ୟ ଆଘାତ ପହଞ୍ଚାଇବ। କାଗଜରେ କଟକଣା ଓ ମାଟିସ୍ତରରେ ଢିଲା - ଏହି ପୁରୁଣା ଧାରା ପୁନରାବୃତ୍ତି ହେଲେ ସର୍ବସାଧାରଣଙ୍କ ଭରସା ଆହୁରି କମିବ।

ତେଣୁ ଏହି ପଦକ୍ଷେପକୁ ସଫଳ କରିବା ପାଇଁ ସରକାର କେବଳ ବିଜ୍ଞପ୍ତି ଜାରି କରିବାରେ ସୀମିତ ରହିଲେ ହେବ ନାହିଁ। କଠୋର ନିରୀକ୍ଷଣ, ନିୟମିତ ଚଢ଼ଉ, ସୀମାନ୍ତ ଅଞ୍ଚଳରେ ଅବୈଧ ଚାଲାଣ ଉପରେ ନଜର ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଆଦି ବିନା ନିଷେଧାଦେଶ କେବଳ ଘୋଷଣାରେ ଅଟକି ଯିବ। ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦ ଉପରେ ଲଗାଯାଇଥିବା ଏହି କଟକଣା ଏକ ଐତିହାସିକ ପଦକ୍ଷେପ ହେବାର ସମ୍ଭାବନା ରଖେ। କିନ୍ତୁ ଯଦି ଏହା ପରବର୍ତ୍ତୀ ସମୟରେ ରାଜସ୍ୱ ଲୋଭ କିମ୍ବା ପ୍ରଶାସନିକ ଢିଲାପଣରେ ପୁଣି ମୁଣ୍ଡ ଉଠାଏ, ତେବେ ଏହା ଆଉ ଏକ ବିଫଳ ଅନୁଭବ ହୋଇ ରହିଯିବ।

ବାସ୍ତବରେ କେବଳ ବିକ୍ରି ଓ ପରିବହନ ଉପରେ କଟକଣା ଲଗାଇଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ଯେପର୍ଯ୍ୟନ୍ତ ଏହି ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦର ଉତ୍ପାଦନ ଚାଲୁ ରହିବ, ସେପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଉପାୟରେ ଏହା ବଜାରରେ ପହଞ୍ଚିଯିବ। ଯଦି ସରକାର ସଂପୂର୍ଣ୍ଣ ଭାବେ ଏହି ଉତ୍ପାଦନ ପ୍ରକ୍ରିୟାକୁ ହିଁ ବନ୍ଦ କରିଦେବାର ସାହସିକ ନିଷ୍ପତ୍ତି ନେଉଥା'ନ୍ତେ, ତେବେ ଅବୈଧ ବେପାର ସୁଯୋଗ ଏବଂ କଟକଣାର ଆବଶ୍ୟକତା ହିଁ ନ ଥା'ନ୍ତା।

ନୀଳଗିରି(ବାଲେଶ୍ୱର)ମୋ: ୯୭୭୭୮୧୪୫୪୧

# ଆମ ବୃକ୍ଷଲତା ଆମ ଜୀବନ

## ଗେଣ୍ଡୁ
(Marigold-Tagetes patula)

ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ମେକ୍ସିକୋ ଓ ଗୁଏଟେମାଲାର ମୂଳ ଜାତ ଏହି ଋତୁକାଳୀନ କ୍ଷୁଦ୍ର ପୁଷ୍ପ ଉଦ୍ଭିଦ ଅନେକ ଯୁଗରୁ ଭାରତ ଏବଂ ବିଶ୍ୱର ବିଭିନ୍ନ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଆକର୍ଷଣୀୟ ମଖମଲ-ଆକୃତି, ଚମତ୍କାର ରଙ୍ଗ ବିରଙ୍ଗ, ଧାର୍ମିକ ଓ ଆଳଙ୍କାରିକ ମୂଲ୍ୟ ପାଇଁ ଏହି ଫୁଲ ଓ ଉଦ୍ଭିଦର ଆଦର ବଢ଼ିବାରେ ଲାଗିଛି।

ଗେଣ୍ଡୁ ପ୍ରାୟ ଏକମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ଏହାର ପତ୍ରଗୁଡ଼ିକ ପତଳା, ଯୌଗିକ, ଇମ୍ପାରିପିନେଟ୍ ବା ଅସମପକ୍ଷଳ, ଲାନ୍ସୋଲେଟ୍ ବା ବର୍ଚ୍ଛାଶୀର୍ଷ ଆକୃତି, ଦନ୍ତଯୁକ୍ତ ଗାଢ଼ ସବୁଜ ଏବଂ ପରସ୍ପର ନିକଟତର ଗଣ୍ଠିରୁ ବିପରୀତ ଦିଗରେ ଉତ୍ପନ୍ନ ହୁଏ। ପୁଷ୍ପୋଦଗମ ହେଉଛି ଏକ କ୍ୟାପିଟୁଲମ୍, ଯାହା ଏକ ଥଳି ଭଳି। ମୁଖ୍ୟ କାଣ୍ଡ ଓ ପାର୍ଶ୍ୱ ଶାଖାଗୁଡ଼ିକର ଅଗ୍ରଭାଗରେ ବିକଶିତ ହୁଏ। ପୁଷ୍ପସ୍ତବକ ପୀତ ବା ସାମାନ୍ୟ ଲୋହିତ। ଫୁଲଗୁଡ଼ିକ କ୍ଷୁଦ୍ର, ଲମ୍ବାଳିଆ, ଦୁଇପ୍ରକାରର, ଯାହା କେନ୍ଦ୍ର ଭାଗରେ ହର୍ମାଫ୍ରୋଡାଇଟ୍ ବା ଉଭୟ ଲିଙ୍ଗୀ ବା ଡିସ୍କ ଫ୍ଲୋରେଟ ଏବଂ ବାହ୍ୟ ଭାଗରେ ଏକଲିଙ୍ଗୀ, ସ୍ତ୍ରୀ ଲିଙ୍ଗୀ ବା ରେ ଫ୍ଲୋରେଟ ଧାରଣ କରିଥାଏ। ଫଳ ବା ବିହନ ଗୁଡ଼ିକ ଛୋଟ, ପତଳା, ଲମ୍ବା, ଗାଢ଼ ରଙ୍ଗର ଏବଂ ପର ଭଳି ଦେଖାଯାଏ, ବାୟୁରେ ସହଜରେ ଉଠିପାରେ। ଏଗୁଡ଼ିକୁ ସଂରକ୍ଷଣ କରି ପରବର୍ତ୍ତୀ ଋତୁରେ ପୁନଃରୋପଣ କରାଯାଇପାରିବ। ଶୀତକାଳରେ, ସାଧାରଣତଃ ସେପ୍ଟେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଫୁଲ ଫୁଟେ।

ଗେଣ୍ଡୁକୁ ଚର୍ମ ଓ ମୁଣ୍ଡର ବ୍ରଣ, ଡ୍ୟାଣ୍ଡ୍ରଫ୍, ଏକଜିମା, ସୋରିଆସିସ୍ ହ୍ରାସ କରିବା ଏବଂ ସୁସ୍ଥ କେଶ ବୃଦ୍ଧି ପାଇଁ ପାରମ୍ପରିକ ଉପଚାରରେ ବ୍ୟବହାର କରାଯାଏ। ଏତଦ୍‌ବ୍ୟତୀତ ରକ୍ତସ୍ରାବ ବନ୍ଦ କରିବା ଏବଂ କ୍ଷତ, କଟା ଘା' ଓ ଅନ୍ୟ ଘା, ପୋଡ଼ାଜଳା ଉପଶମ ପାଇଁ ତାଜା ଗେଣ୍ଡୁ ପତ୍ରର ରସ ପ୍ରୟୋଗ କରାଯାଏ। ଗେଣ୍ଡୁଫୁଲର କ୍ୱାଥକୁ ବାୟୁନାଶକ ରୂପେ ବ୍ୟବହାର କରାଯାଏ। କ୍ୟାଣ୍ଡିଡାଇସିସ୍ ଚିକିତ୍ସା ସମେତ ଏହାର ପ୍ରଦାହ-ବିରୋଧୀ, ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିଫଙ୍ଗାଲ୍ ଗୁଣ ବ୍ରଣ ଚିକିତ୍ସାରେ ସାହାଯ୍ୟ କରେ। ଏହା କେତେକ ହର୍ବାଲ୍ ଚା'ରେ ବ୍ୟବହୃତ ହୁଏ, ଯାହା ହଜମ ପ୍ରକ୍ରିୟାକୁ ସହଜ, ଓଜନ ହ୍ରାସ ଓ ମାଂସପେଶୀ ଯନ୍ତ୍ରଣା ନିବାରଣରେ ସହାୟକ ହୁଏ। ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ସଶକ୍ତ କରିବା ଏବଂ ମାସିକ ଋତୁଚକ୍ର ନିୟନ୍ତ୍ରଣ କରିବା ପାଇଁ ଗେଣ୍ଡୁ ଫୁଲକୁ ପାରମ୍ପରିକ ଭାବରେ ଔଷଧୀୟ ଉପଚାରରେ ବ୍ୟବହାର କରାଯାଏ।

ଗେଣ୍ଡୁ ଫୁଲର ଉଦ୍‌ବାୟୀ ତୈଳକୁ ଚନ୍ଦନ ତେଲ ସହିତ ମିଶାଯାଇ 'ଅତର' ଉତ୍ପାଦନ କରାଯାଏ। ୧ ହେକ୍ଟର ଜମିରେ ଲଗାଯାଇଥିବା ଫୁଲରୁ ପ୍ରାୟ ୩୫ କିଲୋଗ୍ରାମ ପର୍ଯ୍ୟନ୍ତ ତେଲ ଉତ୍ପାଦନ କରାଯାଇପାରିବ। ଏହି ଅତ୍ୟାବଶ୍ୟକ ତେଲ ରୋଗ ପୋକ ବିରୁଦ୍ଧରେ ଅବଶିଷ୍ଟ କୀଟନାଶକ ଭାବରେ ବ୍ୟବହାର କରାଯାଏ। ଏହି ତେଲରେ ୩୦ ରୁ ଅଧିକ ଉପାଦାନ ଥାଏ, ଯେଉଁଥିରେ ଟାଗେଟୋନ୍ ଏବଂ ଗାମା- ଟର୍ପିନେନ୍ ମୁଖ୍ୟ ଉପାଦାନ। ଅନ୍ୟାନ୍ୟ ଯୌଗିକ ଜୈବ ରସାୟନଗୁଡ଼ିକ ହେଉଛି ମାଇରସିନ୍, ଲିମୋନିନ୍, ବିଟା- କ୍ୟାରିଓଫାଇଲିନ୍, ପାଇପିରିଟୋନ୍ ଇତ୍ୟାଦି।

ଜର୍ଜିଆ ଭଳି କିଛି ଦେଶରେ ଗେଣ୍ଡୁ ଫୁଲରୁ ଏକପ୍ରକାର ମସଲା ପ୍ରସ୍ତୁତ କରାଯାଏ। ଫୁଲଗୁଡ଼ିକ ଖାଦ୍ୟଯୋଗ୍ୟ ଏବଂ ପ୍ରାୟ ସାଲାଡରେ ବ୍ୟବହାର କରାଯାଏ। ବସ୍ତ୍ର ଓ ଖାଦ୍ୟକୁ ରଙ୍ଗ କରିବା ପାଇଁ ମଧ୍ୟ ଗେଣ୍ଡୁ ଫୁଲମଚବ୍ୟବହାର କରାଯାଇପାରିବ। ପତ୍ରଗୁଡ଼ିକ ପ୍ରାକୃତିକ କୀଟପତଙ୍ଗ ପ୍ରତିରୋଧକ ଭାବରେ ମଧ୍ୟ କାର୍ଯ୍ୟ କରେ ଏବଂ କେତେକ ଅଞ୍ଚଳରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହାର କରାଯାଇଥାଏ। କୁକୁଡ଼ା ଖାଦ୍ୟରେ ମିଶାଇବା ପାଇଁ ଗେଣ୍ଡୁ ଫୁଲ ଚାଷ କରାଯାଏ, ଯାହା ଦ୍ୱାରା କୁକୁଡ଼ା ଅଣ୍ଡାକୁ ଏକ ସୁବର୍ଣ୍ଣ ରଙ୍ଗ ମିଳିଥାଏ।

ଗେଣ୍ଡୁର ବଂଶବିସ୍ତାର ବିହନ ତଥା କଟା କାଣ୍ଡ ମାଧ୍ୟମରେ ସମ୍ଭବ ହୋଇଥାଏ। ଏହା ବାଲିଆ ଏବଂ ପଟୁ ମାଟି ରେ ବଢ଼ିଥାଏ। ମଧ୍ୟମ ଉର୍ବର, କିନ୍ତୁ ସମାନ ଭାବରେ ଆର୍ଦ୍ର ପରିସ୍ଥିତି ସହିତ ପୂର୍ଣ୍ଣ ସୂର୍ଯ୍ୟାଲୋକରେ ଭଲ ଜଳ ନିଷ୍କାସନ ହୋଇଥିବା ମାଟି ଆବଶ୍ୟକ କରେ। ଗେଣ୍ଡୁର ଶହ ଶହ ଉପଜାତି ବିକଶିତ ହୋଇଛି, ଯାହା ମଧ୍ୟରୁ କିଛି 'ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟି'ର 'ଗାର୍ଡେନ୍ ମେରିଟ୍' ପୁରସ୍କାର ପ୍ରାପ୍ତ। ବାଡ଼ ଭିତରେ ହରିଣମାନଙ୍କ ପ୍ରବେଶକୁ ନିରୁତ୍ସାହିତ କରିବା ପାଇଁ ଉଦ୍ୟାନ ଦାଢ଼ରେ ଗେଣ୍ଡୁ ରୋପଣ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍କୁଲ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ ଶୁଣିଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୫।୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଭୁବନେଶ୍ୱରସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ

■ ଷ୍ଟାର୍ଟଅପ କ୍ଷେତ୍ରରେ ଭାରତର ସଫଳତା ବିଷୟରେ ପିଲାଙ୍କୁ ବୁଝାଇଲେ

■ ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

ବାସିନ୍ଦାଙ୍କ ଗ୍ରହଣରେ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମର ଆଜି ୧୩୦ତମ ଅଧ୍ୟାୟ ଥିଲା। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସ୍କୁଲ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ଭାରତବର୍ଷର ସଫଳତା ବିଷୟରେ ଆଲୋକପାତ କରି ପିଲାମାନଙ୍କୁ ସବୁବେଳେ ନବସୃଜନ ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ଆଜିର ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଥିବା ତାଙ୍କର ପ୍ରତ୍ୟେକ ପ୍ରେରଣାଦାୟୀ ବିଚାର ସମ୍ପର୍କରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ସୁବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ବଡ଼ସାହି, ୨୫।୧(ସମିସ): ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତର ସରପଞ୍ଚ ଭୀମ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଉକ୍ତ ପଞ୍ଚାୟତର ୧୧ଟି ୱାର୍ଡ ଥିବା ବେଳେ ୫ନମ୍ବର ୱାର୍ଡମେମ୍ବର ଶରତ ମୁଖୀଙ୍କ ୨ ମାସ ତଳେ ପରଲୋକ ହୋଇଥିଲା। ଅନ୍ୟ ୧୦ଟି ୱାର୍ଡ ମଧ୍ୟରୁ ୭ଟି ୱାର୍ଡର ସଦସ୍ୟ ସରପଞ୍ଚ ଶ୍ରୀ ସିଂଙ୍କୁ ଗାଦିଚ୍ୟୁତ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ସେମାନେ ଏକତ୍ରିତ ହୋଇ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ସେମାନଙ୍କ ଦାବି ଉପସ୍ଥାପନ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି।

ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ ଯାଞ୍ଚ ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଡିଓ ବନଜା ଦାସଙ୍କୁ ଏନେଇ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନକଲ ନାଏବ ସରପଞ୍ଚ ପୂର୍ଣ୍ଣିମା ବେହେରାଙ୍କ ସହ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଉପଜିଲ୍ଲାପାଳଙ୍କ ଚିଠିକୁ ଆଧାର କରି ବିଡିଓଙ୍କ ନିର୍ଦ୍ଦେଶରେ ଜିପିଓ ଅବିନାଶ ପଣ୍ଡା ସମସ୍ତ ୭ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ବ୍ଲକ୍ କାର୍ଯ୍ୟାଳୟକୁ ଡାକି ସେମାନଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ବୁଝିବା ସହିତ ଦସ୍ତଖତର ଯାଞ୍ଚ କରିଛନ୍ତି। ଏ ସମ୍ପର୍କରେ ଏହି ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାଯାଇଛି।

## ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର,୨୫।୧(ସମିସ): ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଚାଷୀ ପ୍ରଥମେ ସାର ମୁଠାଏ ପାଇବା ପାଇଁ ଦହଗଞ୍ଜ ହୋଇଥିବା ବେଳେ ଏବେ ଧାନ ବିକ୍ରି କରିପାରୁନାହାନ୍ତି। ସେହିପରି ରାଜ୍ୟରେ ଶାସନ କ୍ଷମତା ହାତକୁ ନେବା ପରଠାରୁ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ଏହାର ପ୍ରତିବାଦରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃଆରୀ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାପରେ ୨୪ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରଠାରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଜେଡି କୃଷକ ସେଲ୍‌ର ଆବାହକ ତଥା ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଡ. ଅରୁଣ କୁମାର ସାହୁ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ବଖାଣିବା ସହିତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଥିଲେ। ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ବିଜେପିର ପ୍ରତିଶ୍ରୁତିର ଖିଲାପ ପରେ, ବିଭିନ୍ନ ସ୍ତରରେ ଜନସାଧାରଣଙ୍କ କ୍ଷୋଭ ଦେଖିବାକୁ ମିଳୁଛି। ପ୍ରଥମେ ଚାଷୀମାନଙ୍କୁ ସାର ମୁଠାଏ ଦେବା ପାଇଁ ସରକାର ହନ୍ତସନ୍ତ କଲେ। ଏବେ ଧାନ ଉତ୍ପାଦନ ପରେ ସରକାର ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ହୋଇପାରୁନାହିଁ, ଯେଉଁଥିପାଇଁ ରାଜ୍ୟର କୃଷକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ବିଜେପି ରାଜ୍ୟର ଶାସନ ଭାର ହାତକୁ ନେବା ପରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ମୋତେ ଯେତେ ମାଡ଼ିବୁ ମାଠ; ମୁଁ ସେଇ ଦରପୋଡ଼ା କାଠ, ସଦୃଶ୍ୟ ଯେତେ କୁହାଗଲେ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସୁଧୁରିବାର ନାଁ ନେଉନାହିଁ।

ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ୬୬ ହଜାର ୧୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏବେସୁଧା ମାତ୍ର ୨୯ ପ୍ରତିଶତ ଚାଷୀଙ୍କଠାରୁ ନିର୍ଦ୍ଧାରିତ ୭୩ ଲକ୍ଷ ମେଟ୍ରିକ ଟନ୍‌ରୁ ମାତ୍ର ୨୫ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ୩୪ ପ୍ରତିଶତ ଧାନ କିଣା ଯାଇପାରିଛି। ଏହା ସରକାରଙ୍କ ଚରମ ବିଫଳତାର ନିଦର୍ଶନ। ରାଜ୍ୟର ଜଳସେଚିତ ଅଞ୍ଚଳଗୁଡିକରେ ଏବେ ଡାଲୁଅ ଧାନ ଚାଷ ଆରମ୍ଭ ହୋଇ ଗଲାଣି; ସରକାରଙ୍କର କିନ୍ତୁ ଖରିଫ ଧାନ କିଣା ଶେଷ ହେଲା ନାହିଁ। ଏବେ ସରକାର ଏହି ଧାନ କିଣା ମାର୍ଚ୍ଚ ଯାଏ ଚାଲିବ ବୋଲି କହୁଛନ୍ତି। ଖରିଫ ଧାନ କିଣା ଅଧିକ ବିଳମ୍ବିତ ହେଲେ ଡାଲୁଅ ଧାନ ଚାଷ ପାଇଁ ଚାଷୀମାନେ ଅର୍ଥ ଯୋଗାଡ଼ କରିବାକୁ ଅସମର୍ଥ ହେବେ। ଓଡ଼ିଶା ଧାନ ସଂଗ୍ରହରେ କିପରି ଭାବେ ବିଫଳ ହୋଇଛି ତାହା ପଡୋଶୀ ଛତିଶଗଡ଼ ରାଜ୍ୟର ଧାନ ସଂଗ୍ରହ ତଥ୍ୟ ଦେଖିଲେ ସ୍ପଷ୍ଟ ହେଉଛି। ଛତିଶଗଡ଼ ଓଡ଼ିଶା ତୁଳନାରେ ଛୋଟ ରାଜ୍ୟ ହୋଇଥିବା ବେଳେ ଓଡ଼ିଶା ଠାରୁ କମ ଧାନ ଉତ୍ପାଦନ କରୁଛି। ମାତ୍ର ଏବେ ସୁଦ୍ଧା ଛତିଶଗଡ଼ ୧ ଲକ୍ଷ ୨୬ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରି ସାରିଛି। ତେଣୁ ଓଡ଼ିଶା ସରକାରଙ୍କ ଧାନ କିଣା ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଧାନ କିଣା ବିଫଳ ହେବା କାରଣରୁ ରାଜ୍ୟର ଅର୍ଥନୀତି ଉପରେ କୁପ୍ରଭାବ ପଡିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ।



■ ଫେବ୍ରୁଆରୀ ୨ ତାରିଖରୁ ରାଜରାସ୍ତାକୁ ଓହ୍ଲାଇବ ଦଳ

■ ୨୪ରେ ରାଜଧାନୀରେ ବିଶାଳ ପ୍ରତିବାଦ ସଭା

■ ଧାନକିଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ

■ ବିଜେପି ନେତା-କର୍ମୀଙ୍କ କବ୍‌ଜାରେ ସବୁ ଥାନା

ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ ବିଜେପି ବିନା କଟନୀ ଛଟନୀରେ ଧାନ କିଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ହେଲେ ବ୍ୟାପକ କଟ୍‌ନୀଛଟ୍‌ନୀ ହେଉଛି। ଗତବର୍ଷ କିଣା ଯାଇଥିବା ଖରିଫ ଚାଉଳର ୯ ପ୍ରତିଶତ ଏପର୍ଯ୍ୟନ୍ତ ମିଲର୍‌ମାନଙ୍କଠାରୁ ଉଠା ଯାଇନାହିଁ। ସେହିପରି ଗତ ବର୍ଷର ରବି ଧାନର ଚାଉଳ ରାଜ୍ୟର ୨୨ଟି ଜିଲ୍ଲାରେ ସମଗ୍ର ପରିମାଣ ମିଲର୍‌ଙ୍କଠାରୁ ଉଠାଯାଇ ନାହିଁ। ଏହା ହେଉଛି ରାଜ୍ୟରେ ଧାନ ସଂଗ୍ରହର ସ୍ଥିତି। ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେବାରୁ କ୍ଷୁଦ୍ର ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ସରକାରୀ ତଥ୍ୟ ଅନୁଯାୟୀ ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳା ବିଭିନ୍ନ ପ୍ରକାରର ନିର୍ଯାତନାର ଶିକାର ହୋଇଛନ୍ତି। ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ଦଙ୍ଗା ଇତ୍ୟାଦି ଘଟଣା ଅହେତୁକ ଭାବେ ବୃଦ୍ଧି ପାଇଛି। ରାଜ୍ୟର ପୁଲିସ ଷ୍ଟେସନଗୁଡ଼ିକ ଏବେ ବିଜେପି ନେତା କର୍ମୀଙ୍କ କବ୍‌ଜାରେ ଥିବାରୁ ସାଧାରଣ ଲୋକଟି ଥାନାକୁ ଯିବା ପାଇଁ ଭୟ କରୁଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଆଉ କେହି ନୁହେଁ; କେବଳ ରାଜ୍ୟ ବିଜେପି ସରକାର ଦାୟୀ ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ତଥା ଦଳର ପିଏସି ସଦସ୍ୟ ସଂତୃପ୍ତ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ ଉପସ୍ଥିତ ଥିଲେ।

# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୭ ପୁଲିସ କର୍ମଚାରୀଙ୍କୁ କେନ୍ଦ୍ରୀୟ ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୫।୧(ସମିସ): ପୁଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ରୀୟ ପୁରସ୍କାର ଘୋଷଣା କରାଯାଇଛି। ୨୦୨୬ ମସିହା ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଓଡ଼ିଶା ପୁଲିସର ୧୭ଜଣଙ୍କୁ ପଦକ ପ୍ରଦାନ କରାଯିବ। ଓଡ଼ିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ଦୁଇ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦନ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ମୁଦୁଲି ପଦକ ପାଇବାକୁ ମନୋନୀତ ହୋଇଥିବାବେଳେ ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ସାହସିକତା ପଦକ ପାଇଁ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଥବିର ମାଝୀ ଓ ଘନଶ୍ୟାମ ସାହୁ ମନୋନୀତ ହୋଇଛନ୍ତି। ସେହିପରି ଅଗ୍ନିଶମ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟର ମୋଟ୍ ୪ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୩ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯିବ। ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ କ୍ଷେତ୍ରରେ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଓ ୨ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

**ଅଗ୍ନିଶମରୁ ୪, ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସରୁ ୩ ଜଣଙ୍କୁ ପ୍ରଦାନ କରାଯିବ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶୁଭାଂଶୁ ଶୁକ୍ଲାଙ୍କୁ...

ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି। ୫ ଜଣଙ୍କୁ ପଦ୍ମବିଭୂଷଣ ସହିତ ୧୩ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ରାଜନୀତି, ସମାଜସେବା, କଳା, ସିନେମା, ସାହିତ୍ୟ, କ୍ରୀଡ଼ା, ବିଜ୍ଞାନ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୬ ବର୍ଷ ପାଇଁ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ଦେବାଲାଗି ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ୧୯ ଜଣ ମହିଳା ରହିଥିବା ବେଳେ ୬ ଜଣ ବିଦେଶୀ ରହିଛନ୍ତି। ୧୬ ଜଣଙ୍କୁ (ମରଣୋତ୍ତର) ପଦ୍ମ ପୁରସ୍କାର ଲାଗି ତାଲିକାଭୁକ୍ତ କରାଯାଇଛି। ଏହାସହିତ ଓଡ଼ିଶାର ୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ତେବେ ଏଥର ପଦ୍ମ ପୁରସ୍କାରର ବିଶେଷତ୍ୱ ହେଲା ଯେ ନିରବତା ସହିତ ନିଜନିଜ କ୍ଷେତ୍ରରେ ଜାତୀୟ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୪୫ ଜଣଙ୍କୁ ପଦ୍ମ ପୁରସ୍କାର ମିଳିବ। ସମାଜ ସେବା, ସ୍ୱଦେଶୀ କଳା, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ଐତିହ୍ୟ ସୁରକ୍ଷା କ୍ଷେତ୍ରରେ ଏମାନଙ୍କର ଅବଦାନ ଉଲ୍ଲେଖନୀୟ ରହିଛି।

ପଦ୍ମଭୂଷଣ ପୁରସ୍କାର ପାଇବା ଲାଗି ମନୋନୀତ ୧୩ ଜଣଙ୍କ ମଧ୍ୟରେ ଅଛନ୍ତି ବିଶିଷ୍ଟ ଗାୟିକା ଅଲ୍‌କା ୟାଗ୍ନିକ, ମାଲାୟଲମ୍ ଚଳଚ୍ଚିତ୍ରର ସୁପରଷ୍ଟାର ମାମୁଟ୍ଟୀ (ମହମ୍ମଦ କେପି ଇସ୍ମାଇଲ), ଶିଳ୍ପପତି ଉଦୟ କୋଟାକ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ ସିଂହ କୋଶିଆରୀ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ (ମରଣୋତ୍ତର), ସମାଜସେବୀ ଭି ନାଟେସନ, ଟେନିସ ତାରକା ବିଜୟ ଅମୃତ୍‌ରାଜ, ବିଜ୍ଞାପନ କଳା ବିଶେଷଜ୍ଞ ପୀୟୂଷ ପାଣ୍ଡେ, ମେଡିସିନରେ କେ. ଆର, ପଲାନିସ୍ୱାମୀ ଓ ଡ.ନୋରି ଦତ୍ତାତ୍ରେୟୁଡୁ, ସମାଜସେବୀ ଏସଥେକ ଏମ ମେଇଲାନାନନ୍ଦନ, କଳା ପାଇଁ ଏସ୍ ଆର୍ ଗଣେଶ ଓ ରାଜନେତା ବିଜୟ କୁମାର ମାଲହୋତ୍ରା। ସେହିଭଳି ବିଭିନ୍ନ କ୍ଷେତ୍ର ଲାଗି ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରେ ଅଛନ୍ତି କ୍ରିକେଟର ରୋହିତ ଶର୍ମା, ହରମନପ୍ରୀତ କାଉର ଭୁଲ୍ଲାର, ମହିଳା ହକି ଖେଳାଳି ସବିତା ପୁଣିଆ, ଅଭିନେତା ପ୍ରସନଜିତ ଚାଟାର୍ଜୀ, ଶାସ୍ତ୍ରୀୟ ସଙ୍ଗୀତ ପାଇଁ ତ୍ରିପ୍ତି ମୁଖାର୍ଜୀ, ତରୁଣ ଭଟ୍ଟାଚାର୍ଯ୍ୟ ଏବଂ ସତୀଶ ଶାହ ପ୍ରମୁଖ ରହିଛନ୍ତି।

ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଥାଏ। ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲରେ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ପଦ୍ମ ପୁରସ୍କାର ପ୍ରଦାନ କରିବେ।

### ସେନାର ତିନି ଅଧିକାରୀଙ୍କୁ କୀର୍ତ୍ତି ଚକ୍ର, ୧୩ ଜଣଙ୍କୁ ଶୌର୍ଯ୍ୟ ଚକ୍ର

### ୯୮୨ ପୁଲିସଙ୍କୁ ସେବା ମେଡାଲ୍

ସେହିପରି ସେନାର ତିନି ଅଧିକାରୀଙ୍କୁ କୀର୍ତ୍ତି ଚକ୍ର ଏବଂ ୧୩ ଜଣଙ୍କୁ ଶୌର୍ଯ୍ୟ ଚକ୍ର ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଚଳିତ ଥର ପୁଲିସ, ଅଗ୍ନିଶମ ବାହିନୀ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା (ଏଚଜି ଏବଂ ସିଡି) ଏବଂ ସଂଶୋଧନ ସେବାର ମୋଟ ୯୮୨ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପ୍ରଦାନ କରାଯିବ। ଏହା ମଧ୍ୟରେ ୧୨୫ ବୀରତା ପଦକ ସାମିଲ ରହିଛି। ଜମ୍ମୁ-କଶ୍ମୀର ଅପରେସନ ଥିଏଟରରେ ନିୟୋଜିତ କର୍ମଚାରୀଙ୍କୁ ସର୍ବାଧିକ ୪୫ଟି ସାହସିକତା ପଦକ ଦିଆଯିବ। ସେହିପରି ମାଓବାଦୀ ପ୍ରଭାବିତ ଅଞ୍ଚଳରୁ ୩୫ ଜଣ ଏବଂ ପୂର୍ବୋତ୍ତର କ୍ଷେତ୍ରରେ ମୁତୟନ ୫ ଜଣ ସୁରକ୍ଷାକର୍ମୀଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଅଗ୍ନିଶମ ବାହିନୀର ଉଦ୍ଧାର କାର୍ଯ୍ୟରେ ସାମିଲ ଚାରି ଜଣଙ୍କୁ ମଧ୍ୟ ବୀରତା ପଦକ ପାଇଁ ଚୟନ କରାଯାଇଛି।

### ୪ ଓଡ଼ିଆଙ୍କୁ...

ସମ୍ମାନିତ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ ହଳଦା ଗ୍ରାମପଞ୍ଚାୟତ ନୂଆଗାଁରେ ଜନ୍ମିତ ଚରଣ ହେମ୍ବ୍ରମ୍ ହେଉଛନ୍ତି ଜଣେ ସାନ୍ତାଳି ଭାଷାବିତ୍। ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ଗବେଷକ ତଥା ସଂରକ୍ଷକ। ସୁପରିଚିତ ସାନ୍ତାଳି ଲେଖକ ଏବଂ ଶିକ୍ଷା ସଂସ୍କାରକ। ସେ ୧୫ଶହରୁ ଅଧିକ ଇତୁନ୍ ଅସ୍ରା କେନ୍ଦ୍ର ଜରିଆରେ ଆଦିବାସୀ ପରମ୍ପରାକୁ ସୁରକ୍ଷା ଦେଇଛନ୍ତି। ଆଦିବାସୀ ଯୁବବର୍ଗଙ୍କୁ ସଶକ୍ତ କରିବା ସହିତ ଆଦିବାସୀ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ଯୋଗଦାନ ରଖିଛନ୍ତି। ସେହିପରି ମହେନ୍ଦ୍ର କୁମାର ମିଶ୍ର ଜଣେ ସାହିତ୍ୟିକ ଓ ଶିକ୍ଷାବିତ୍ ଭାବେ ୨୫ରୁ ଅଧିକ ପୁସ୍ତକ ଲେଖିବା ସହ ୧୦୦ରୁ ଅଧିକ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି। ଆଦିବାସୀ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାର ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହିତ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖିବାକୁ କାର୍ଯ୍ୟରତ ଅଛନ୍ତି।

କଳାରେ ପଦ୍ମଶ୍ରୀ ପାଇଁ ମନୋନୀତ ଗଞ୍ଜାମ ଜିଲ୍ଲାର ବୟୋଜ୍ୟେଷ୍ଠ ପ୍ରହ୍ଲାଦ ନାଟକ କଳାକାର ସୀମାଞ୍ଚଳ ପାତ୍ର ଦୀର୍ଘ ୮୦ ବର୍ଷରୁ ଅଧିକ ସମୟ ଧରି ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଲୋକମଞ୍ଚ ପରମ୍ପରା ପ୍ରହ୍ଲାଦ ନାଟକର ପ୍ରଚାରପ୍ରସାର ଏବଂ ସଂରକ୍ଷଣ ଦିଗରେ ନିରନ୍ତର ପ୍ରୟାସ କରୁଛନ୍ତି। ସେ ନିଜର ବ୍ୟକ୍ତିଗତ ସଞ୍ଚିତ ଅର୍ଥରୁ ସିଂହଭାଗ ଏହି କଳାର ସଂରକ୍ଷଣ ପାଇଁ ବିନିଯୋଗ କରିଛନ୍ତି। ସେହିପରି ବୁଣାକାର ଶରତ କୁମାର ପାତ୍ର ଇକ୍କତ ବୟନ ଶୈଳୀ ଏବଂ ନବସୃଜନ ପାଇଁ ପରିଚିତି ହାସଲ କରିଛନ୍ତି। ସେ ୫୦ରୁ ଅଧିକ ପ୍ରାକୃତିକ ରଙ୍ଗ ଉଦ୍ଭାବନ କରିଛନ୍ତି ଏବଂ ପାରମ୍ପରିକ ପ୍ରାକୃତିକ କପଡ଼ା ରଙ୍ଗ ପ୍ରକ୍ରିୟାର ପୁନରୁଦ୍ଧାର କରିଛନ୍ତି। ଶତାଧିକ ଅବହେଳିତ ବୁଣାକାରଙ୍କୁ ତାଲିମ ଦେଇ ବୟନ ଶିଳ୍ପର ପୁନରୁଦ୍ଧାର ଦିଗରେ ଯୋଗଦାନ ଦେଇଛନ୍ତି।

ପଦ୍ମ ବିଜେତାଙ୍କୁ ରାଜ୍ୟପାଳ ଡକ୍ଟର୍ ହରିବାବୁ କମ୍ଭମପାଟି ଅଭିନନ୍ଦନ ଜଣାଇ ଜାତୀୟ ସ୍ତରରେ ଓଡ଼ିଶାର କଳାର ପରିଚୟ ସୁଦୃଢ଼ ହେବା ସହ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ହୋଇଥିବା କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉପଲବ୍ଧ ଓଡ଼ିଶାର କଳା ଓ ସଂସ୍କୃତିକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଥିବା କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇ ସାହିତ୍ୟ, ଶିକ୍ଷା ଓ କଳା ଜଗତକୁ ସମୃଦ୍ଧ କରିବାରେ ଅବଦାନ ଅତୁଳନୀୟ ବୋଲି କହିବା ସହ ସମସ୍ତଙ୍କ ସଫଳତା କାମନା କରିଛନ୍ତି। ଅନୁରୂପ ଭାବେ ଓଡ଼ିଶାର ପ୍ରତିଭାବାନ ବଣମଲ୍ଲିଙ୍କୁ ନିରନ୍ତର ସମ୍ମାନିତ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, କଳା, ସାଧାରଣ ବ୍ୟାପାର, ସାହିତ୍ୟ ଓ ଶିକ୍ଷା, ଔଷଧ, ସମାଜସେବା, ବାଣିଜ୍ୟ ଓ ଉଦ୍ୟୋଗ, କ୍ରୀଡ଼ା, ବିଜ୍ଞାନ ଓ ଇଂଜିନିୟରିଂ, ପ୍ରଶାସନିକ ସେବା ପରି ବିଭିନ୍ନ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

### ନିର୍ଦ୍ଧାରିତ ସମୟରେ...

କରନ୍ତୁ। ଗତ ୪ ବର୍ଷରେ ଯେଉଁ କାମ ଅଧୁରା ରହିଛି, ତାହା ଆସନ୍ତା ୬ ମାସ ମଧ୍ୟରେ ଶେଷ କରନ୍ତୁ। ଆମକୁ ସବୁ ଜିଲ୍ଲା ପରିଷଦ ଆସନ ଜିଣିବାକୁ ପଡ଼ିବ ବୋଲି ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ବିଜେପି ସଭାପତିଙ୍କ ଉପରୋକ୍ତ ବୟାନକୁ ନେଇ ସାଧାରଣରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଥିବା ବେଳେ ରବିବାର ଏନେଇ ପ୍ରତିକ୍ରିୟା ରଖିଛନ୍ତି ନିର୍ବାଚନ କମିସନର। ସେ କହିଛନ୍ତି ଯେ ନିର୍ଦ୍ଧାରିତ ସମୟରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ସବଡିଭିଜନ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଗତ ୧୦ ଦିନ ଭିତରେ ଜିଲ୍ଲପାଳଙ୍କ ସହ ବୈଠକ ହୋଇଛି। ବୁଥ, ବାଲଟ ବକ୍ସ ତଥା ଇଭିଏମ ସହ ଯାହା ଯାହା ଆବଶ୍ୟକ, ତାହାକୁ ମହଜୁଦ ରଖିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଆମେ ନିର୍ଦ୍ଦେଶ ଦେଇଛୁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ଅପରପକ୍ଷେ ମନମୋହନଙ୍କ ବୟାନ ଏବଂ ନିର୍ବାଚନ କମିସନଙ୍କ ଟିପ୍ପଣୀ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ। ପଞ୍ଚାୟତ କି ପୌର ନିର୍ବାଚନ, ରାଜ୍ୟ ସରକାର ଏଥିପାଇଁ ବଜେଟ ଆଣନ୍ତି। ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ବିଧିବଦ୍ଧ ଭାବେ ନିର୍ବାଚନ କମିସନଙ୍କୁ ଜଣାନ୍ତି। ମାତ୍ର ପ୍ରଥମ ଥର ଦେଖାଗଲା ଯେ ନିର୍ବାଚନ କମିସନର ନ କହୁଣୁ ବିଜେପି ଅଫିସରେ ଏହା ଘୋଷଣା ହେଉଛି। ଏହା କି ପ୍ରକାରର ସାମ୍ବିଧାନିକ ବ୍ୟବସ୍ଥା? ନିର୍ବାଚନ ଆଗୁଆ ହେବ ବୋଲି ବିଜେପି କହୁଛି, ମାତ୍ର ଆଜି ନିର୍ବାଚନ କମିସନର ମନା କରିଛନ୍ତି। ଏହା କେତେ ଉଚିତ ତଥା ଅନୁଚିତ ସେନେଇ ସରକାର ଉତ୍ତର ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

### ଅପେରା ରାଇଜରେ...

ସକାଳ ପ୍ରାୟ ୯ଟା ୨ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ପୂରା ସଂଗୀତ ଜଗତ ସ୍ତବ୍ଧ ହୋଇପଡ଼ିଛି। ଓଡ଼ିଆ ଆଲବମ୍, ସିନେମା ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଆଜି ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।

୧୯୭୧ ମସିହାରେ ସମ୍ବଲପୁରରେ ଜନ୍ମିତ ଅଭିଜିତଙ୍କର ପିଲାଟି ଦିନରୁ ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା ରହିଥିଲା। ଏହା ତାଙ୍କୁ ପରବର୍ତ୍ତୀ ସମୟରେ ଓଡ଼ିଶା ସଙ୍ଗୀତ ଜଗତରେ ଏକ ପ୍ରତିଷ୍ଠିତ ସଂଗୀତଜ୍ଞ ଭାବେ ସୁନାମ ଅର୍ଜନ କରିବାରେ ପ୍ରେରଣା ଦେଇଥିଲା। ଓଡ଼ିଆ ସିନେମା ଏବଂ ଆଲବମ୍‌ରେ ତାଙ୍କ ସ୍ୱତନ୍ତ୍ର ଛାପ ଦେଖିବାକୁ ମିଳେ। ମେଲୋଡି-କିଙ୍ଗ୍ ଭାବେ ଅଭିଜିତ ଦର୍ଶକଙ୍କ ପ୍ରିୟ ପାଲଟି ଯାଇଥିଲେ। ଏପରିକି, ସମସ୍ତେ ତାଙ୍କୁ ଆପଣାପଣରେ ଦାଦା ବୋଲି ସମ୍ବୋଧନ କରିଥା'ନ୍ତି। ୩ ଦଶନ୍ଧି ଧରି ଓଡ଼ିଶା ସଙ୍ଗୀତ ଜଗତରେ ସେ ବେଶ୍ ଲୋକପ୍ରିୟ ଓ ଚଳଚଞ୍ଚଳ ଥିଲେ। ଖାଲି ଜଣେ ସଫଳ ସଙ୍ଗୀତଜ୍ଞ ନୁହେଁ, ଜଣେ ଭଲ ମଣିଷ ଭାବେ ମଧ୍ୟ ଓଲିଉଡ୍ ଜଗତରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

୧୯୯୧ମସିହାରେ ପ୍ରଥମଥର ସଙ୍ଗୀତ ଜଗତରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ ଅଭିଜିତ୍। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସମ୍ବଲପୁରୀ ଆଲବମ୍ ଥିଲା ଦକ୍ସି ଗଲା। ଏହାପରେ ସେ ଓଡ଼ିଆ କଥାଚିତ୍ର ଜଗତରେ କାର୍ଯ୍ୟ କରିଥିଲେ। ୨୦୦୦ ମସିହାରେ ସେ ଓଡ଼ିଆ କଥାଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନାରେ ପାଦ ଥାପିଥିଲେ। ତାଙ୍କର ପ୍ରଥମ କଥାଚିତ୍ର କାଣିଆ କପିଳା ତାଙ୍କୁ ଓଡ଼ିଆ ସିନେମା ଜଗତରେ ସ୍ୱତନ୍ତ୍ର ପରିଚୟ ଦେବାରେ ସହାୟକ ହୋଇଥିଲା। ଏହା ପରଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ଭେଟି ଦେଇଥିଲେ। "ରଖିବ ଯଦି ସେ ମାରିବ କିଏ", "ମୋ ସୁନା ପୁଅ, ମୁନ୍ନା: ଏ ଲଭ ଷ୍ଟୋରୀ", "ତୋ ବିନା ଭଲ ଲାଗେନା", "ଶୁଭ ବିବାହ", "ଶଶୁର ଘର ଜିନ୍ଦାବାଦ୍", "ଓମ୍ ନମଃ ଶିବାୟ", "ବାଲୁଙ୍ଗା ଟୋକା", "ତୁ ଥା ମୁଁ ଯାଉଛି ରଷି", "କିଛି ଖଟା କିଛି ମିଠା", "ମାଟ୍ରିକ ଫେଲ୍", "ରଙ୍ଗିଲା ଟୋକା", "ଡାହା ବାଲୁଙ୍ଗା", "ପୁଣି ଦେଖା ହେବ ଆରଜମନମରେ", "ଇସ୍କ ତୁ ହି ତୁ", "ଲଭ ଷ୍ଟେସନ୍" ଆଦି ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ ସିନେମାରେ ତାଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଛି। ଖାଲି ସେତିକି ନୁହେଁ, ଓଡ଼ିଆ ଆଧୁନିକ ଆଲବମ୍, ଭଜନ, ସମ୍ବଲପୁରୀ ଆଲବମ୍, ଓଡ଼ିଆ ଧାରାବାହିକ ଆଦିରେ ସେ ୭୦୦ରୁ ଅଧିକ ଗୀତ ତିଆରି କରିଛନ୍ତି। କଥାଚିତ୍ର ଓ ଆଲବମ୍ ବ୍ୟତୀତ ଅଭିଜିତ ଦୂରଦର୍ଶନରେ ମଧ୍ୟ କାର୍ଯ୍ୟ କରିଛନ୍ତି।

■ **ଓଡ଼ିଆ ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି**

ବିଶିଷ୍ଟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗ ଓଡ଼ିଆ ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା।

- ହରିବାବୁ କମ୍ଭମପାଟି, ରାଜ୍ୟପାଳ

■ **ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି**

ବିଶିଷ୍ଟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଆମ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି।

- ମୋହନ ଚରଣ ମାଝୀ , ମୁଖ୍ୟମନ୍ତ୍ରୀ

■ **ଅଭିଜିତଙ୍କ ଅବଦାନ ସ୍ମରଣୀୟ**

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ଅଭିଜିତ୍ ମଜୁମ୍‌ଦାରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରୁଛି।

- ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା

■ **ଓଡ଼ିଆ ଶ୍ରୋତାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ**

ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ନିଜର ନିଆରା ସଙ୍ଗୀତ ଶୈଳୀ ମାଧ୍ୟମରେ ସେ ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ତାଙ୍କର ଅକାଳ ବିୟୋଗ ଓଡ଼ିଆ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

**AFFIDAVIT**

By virtue of an affidavit sworn before Executive Magistrate, Nuapada, Date: 04.09.2025, I, Smt. Damayanti Chandrakar, At-Moulimunda, P.O/P.S. Komakhan, Dist.-Mahasamund (C.G.) hereby declare that my son's name has been wrongly recorded as "FAISAL CHANDRAKAR" in his Birth Certificate instead of the correct name "RUDRA CHANDRAKAR". Henceforth he shall be known as "RUDRA CHANDRAKAR" for all purposes.

Sd/- Damayanti Chandrakar

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 22.01.2026, I, Gomia Soy, Address Village-Kasia, PO-Singada, PS-Raruan, Dist-Mayurbhanj, Pin-757039 declare that I have changed my name from Gamian Saye to Gomia Soy. Henceforth, I shall be known as **Gomia Soy** for all purposes.

### ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ନିରନ୍ତର ପ୍ରୟାସ ଓ କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ'

ରାଜନଗର,୨୫।୧(ସମିସ)

ଯେଉଁ ଯୌବନ ଭୁଲ କରିବାକୁ ଅଧିକାର ଦିଏ ନାହିଁ, ତାହା ପ୍ରକୃତ ପକ୍ଷେ ଯୌବନ ନୁହେଁ। ଭୁଲ କରିବା ଯୁବବର୍ଗର ଅଧିକାର ହେଉ। କିନ୍ତୁ ଏହି ଭୁଲରୁ ଜୀବନ ଗଢିବାର ରାଷ୍ଟ୍ର ନିର୍ମାଣର ଅଭିଜ୍ଞତା ସଂଗ୍ରହ କରୁ। ଏହି ବୟସରେ ଅନେକ ସମୟରେ ଯୁବବର୍ଗଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ। କିନ୍ତୁ ଏହା ମଣିଷର ଦୁର୍ବଳ ମାନସିକତା ଅଟେ। ନିରନ୍ତର ପ୍ରୟାସ ଓ କଠିନ ପରିଶ୍ରମ ଜୀବନକୁ ଉନ୍ନତ ଲକ୍ଷ୍ୟରେ ପହଞ୍ଚାଇପାରେ। ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଓ ଶିଷ୍ଟାଚାର ଆବଶ୍ୟକ ବୋଲି ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସ କହିଛନ୍ତି।



ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଶିକ୍ଷା କେବଳ ପାଠ୍ୟକ୍ରମରେ ସୀମିତ ନୁହେଁ, ଏହାର ବ୍ୟାପ୍ତି ଅନନ୍ତ। ଛାତ୍ରଛାତ୍ରୀଙ୍କୁ ଏହା ନବଚିନ୍ତନ, ଗବେଷଣା ଓ ସମାଜସେବା ପ୍ରତି ପ୍ରେରିତ କରେ ବୋଲି କହିଛନ୍ତି। ମହାବିଦ୍ୟାଳୟର ଜୀବ ବିଜ୍ଞାନ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ପ୍ରଣୟ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରତାପ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଶ୍ରୀ ମହାନ୍ତି ଶିକ୍ଷାକୁ ଜୀବନ ଗଢ଼ିବାର ଏକ ଶକ୍ତିଶାଳୀ ଉପାୟ ଭାବେ ଉଲ୍ଲେଖ କରି ଛାତ୍ରଛାତ୍ରୀ ପାଠ୍ୟକ୍ରମ ସହିତ ଗବେଷଣା, ସୃଜନଶୀଳତା ଓ ସାମାଜିକ ସେବାରେ ନିଜକୁ ନିଯୁକ୍ତ କରିବା ଆବଶ୍ୟକ। ଏହା ମାଧ୍ୟମରେ ସେମାନେ ଜାତି ଓ ଦେଶର ଉନ୍ନତିରେ ସହାୟ ହୋଇପାରିବେ ବୋଲି ତାତ୍ତ୍ୱିକ ଆଲୋଚନା କରିଥିଲେ। ଇଂରାଜୀ ଅଧ୍ୟାପକ ପର୍ଶୁରାମ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରଦର୍ଶିତ ହୋଇଥିଲା। ଶେଷରେ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ୍, ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ନିମନ୍ତ୍ରିତ ଅତିଥି, ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। +୨ ବାଳକ ବିଭାଗରେ ଦ୍ୱିତୀୟ ବର୍ଷ ବାଣିଜ୍ୟ ଛାତ୍ର ସିଦ୍ଧାର୍ଥ ସାହୁ , ବାଳିକା ବିଭାଗରେ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଜ୍ୟୋତିର୍ମୟୀ ଲେଙ୍କା, +୩ ବାଳକ ବିଭାଗରେ ତୃତୀୟ ବର୍ଷ ବିଜ୍ଞାନ ଛାତ୍ର ଅଭିଷେକ ପରିଡ଼ା, ବାଳିକା ବିଭାଗରେ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ପୁଷ୍ପାଞ୍ଜଳି ମଲ୍ଲିକ ଚାମ୍ପିଅନ୍ ହୋଇ ପୁରସ୍କୃତ ହୋଇଥିଲେ।

## ବ୍ରାଉନସୁଗର, କାର୍, ଟଙ୍କା ଜବତ; ୨ ଗିରଫ

**ଜଗତସିଂହପୁର,୨୫।୧(ସମିସ):** ଜଗତସିଂହପୁର ସଦର ଥାନା ପୁଲିସ ଦୁଇଜଣ ପେଶାଦାର ଅପରାଧୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୫୯.୬ ଗ୍ରାମ ବ୍ରାଉନସୁଗର, ଏକ ମାରୁତି କାର୍ ଏବଂ ନଗଦ ୯୫ ହଜାର ଟଙ୍କା ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତ ୨୪ ତାରିଖରେ ସଦର ଥାନା ପୋଲିସ ଦେଉଳିଗ୍ରାମେଶ୍ୱର ଛକରେ ଚଢ଼ଉ କରିଥିଲା। ସେଠାରୁ ଏକ ମାରୁତି କାରରେ ବ୍ରାଉନସୁଗର ବିକ୍ରି ପାଇଁ ନେଇ ଯାଉଥିବା ଦୀପକ ମଲ୍ଲିକ ଏବଂ ଇମ୍ରାନ ଖାଁ ନାମକ ଦୁଇ ଯୁବକଙ୍କୁ ପୁଲିସ ନିଜ ହେପାଜତକୁ ନେଇଥିଲା। ଏମାନଙ୍କ ଠାରୁ ନଗଦ ୯୫ ହଜାର ଟଙ୍କା ଏବଂ ୫୯.୬ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲା ପୋଲିସ। ପରେ ଉଭୟଙ୍କୁ ଗିରଫ କରାଯାଇଥିବା ଆଜି ସନ୍ଧ୍ୟାରେ ଜୀଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଦୀପକ ମଲ୍ଲିକର ଘର କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ସୁଜନପୁର ଗ୍ରାମରେ ହୋଇଥିବା ବେଳେ ସେ ପାରାଦୀପର ଅଠରବାଙ୍କିରେ ରହୁଥିଲା। ପୂର୍ବରୁ ଦୀପକ ନାମରେ ୧୪ଟି ଡକାୟତି, ବୋମାମାଡ, ଚୋରି ଏବଂ ୪ ଟି ଏନଡିପିଏସ ମାମଲା ରହିଥିବା ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ସେହିପରି ଇମ୍ରାନ ଖାଁ ର ଘର ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ଗ୍ରାମରେ ଏବଂ ପୂର୍ବରୁ ତା ନାମରେ ୪ ଟି ଡକାୟତି, ଅପହରଣ ଓ ହତ୍ୟା ଉଦ୍ୟମ ମାମଲା ରହିଥିବା ଏସପି ସୂଚନା ଦେଇଥିଲେ। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ବ୍ରାହ୍ମଣୀ ନଦୀକୂଳ ଜଙ୍ଗଲରେ ଚାଲିଛି ଅବାଧ ବାର୍‌ହା ଶିକାର

ରାଜକନିକା,୨୫।୧(ସମିସ)

ରାଜକନିକା ବ୍ଲକ୍ ଜୟନଗର ପଞ୍ଚାୟତସ୍ଥ ବ୍ରାହ୍ମଣୀ ନଦୀ କୂଳେ କୂଳେ ସୃଷ୍ଟି ହୋଇଥିବା ଘଞ୍ଚ ଜଙ୍ଗଲ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏ ଅଞ୍ଚଳରେ ଶିକାରୀ ଅବାଧରେ ବାର୍‌ହା ଶିକାର କରୁଛନ୍ତି। ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାର୍‌ହାଙ୍କ ନିରାପତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିକାରୀ ବାର୍‌ହା ମାରି ବାହାରକୁ ମାଂସ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଧାନ କଟା ସମୟରୁ ଏହି ଶିକାରୀ ଦଳ ଆଜି ପର୍ଯ୍ୟନ୍ତ ସକ୍ରିୟ ଥିବାବେଳେ କେତେକ ଚିଙ୍ଗୁଡ଼ି ଚାଷୀ ଶିକାରୀଙ୍କୁ ଭିତିରି ସହଯୋଗ କରୁଥିବା ଅଭିଯୋଗ ହେଉଛି।

ଏହି ଅଞ୍ଚଳରେ କେଉଟି, ବେରୁହାଁ, ମୁଥା ଜାତୀୟ ଘାସ ବହୁ ପରିମାଣରେ ଥିବାରୁ ଏହାର ମୂଳ ଖାଇବାକୁ ବାର୍‌ହା ଆସୁଛନ୍ତି। ବାର୍‌ହା ଖୋଳୁ ଥିବା ସ୍ଥାନକୁ ଚିହ୍ନଟ କରି ଶିକାରୀ ଫାଶ ବସାଇ ଧରୁଛନ୍ତି। ବନ ବିଭାଗ କର୍ମଚାରୀ ଏହି ବନାଞ୍ଚଳ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ବାରହା ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଶିକାରୀ ଭୟରେ କେତେକ ବାର୍‌ହା ପ୍ରାଣ ବିକଳରେ ନଦୀ ପାର ହୋଇ ଆର ପଟକୁ ଯିବା ସମୟରେ କୁମ୍ଭୀରର ଶିକାର ହେଉଛନ୍ତି। ଏହି ବେଆଇନ ଶିକାର ବନ୍ଦ ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ସଚ୍ଚିଦାନନ୍ଦ ସ୍ମାରକୀ ସାଂସ୍କୃତିକ ପ୍ରତିଭା ବିକାଶ ପରିଷଦର ପ୍ରତିଯୋଗିତା

**ଡେରାବିଶ, ୨୫। ୧(ସମିସ):** ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳୋସ୍ଥ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ ସ୍ଥାନୀୟ ସାହିତ୍ୟ ଅନୁଷ୍ଠାନ ସଚ୍ଚିଦାନନ୍ଦ ସ୍ମାରକୀ କଳା ସଂସ୍କୃତି ପ୍ରତିଭା ବିକାଶ ପରିଷଦ ଆନୁକୂଲ୍ୟରେ ଲିଖିତ ଓ ମୌଖିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷା ରିନା ମିଶ୍ର ସଭାପତିତ୍ୱ କରିଥିବାବେଳେ ପ୍ରତିଷ୍ଠାତା ସଭାପତି ଅଧ୍ୟାପକ ରମେଶ ଶତପଥୀ ଶିଶୁର ବିକାଶ ପାଇଁ ମାଥ୍ ଅଲିମ୍ପିଆଡ୍, ପ୍ରବନ୍ଧ ରଚନା, ଚିତ୍ରାଙ୍କନ, ଗୀତ ଆବୃତ୍ତି ଭଳି ପ୍ରତିଯୋଗିତାର ଆବଶ୍ୟକତା ଅଛି ବୋଲି କହିଥିଲେ।



ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭାବେ ଚାରିଭାଗରେ ଆୟୋଜିତ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା, ଡେରାବିଶ, ନିଶ୍ଚିନ୍ତକୋଇଲି ଓ ଗରଦପୁର ବ୍ଲକର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଅଧ୍ୟାପକ ନିଶିକାନ୍ତ ପଣ୍ଡା, ଡଃ ମନୋରଞ୍ଜନ ନାୟକ, କୈଳାସ ରଥ ଓ ପ୍ରଦୀପ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ୨୫ ତାରିଖରେ ପୁରସ୍କୃତ କରାଯିବ ବୋଲି ସଭାପତି ଶ୍ରୀ ଶତପଥୀ ସୂଚନା ଦେଇଥିଲେ। ଅଧ୍ୟାପିକା ପ୍ରଭାତୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



**ଡେରାବିଶ,୨୫।୧(ସମସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଚିଣା-ବଳଭଦ୍ରପୁର ଗ୍ରାମର ନେତାଜୀ ଯୁବକ ସଂଘ ପରିସରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ ସେବା ସାଂସ୍କୃତିକ ସଂଗଠନର ସଭାପତି ଅନନ୍ତ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର, ସମ୍ପାଦକ କୃତ୍ତିବାସ ଦାସ, ମଦନମୋହନ ମହାନ୍ତି, ବସନ୍ତ ଭୂୟାଁ, ଶୁକଦେବ ବେହେରା, ଆଦିକନ୍ଦ ବଳ ଓ ବାସୁଦେବ ରାଉତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦେଶ, ଜାତି ଓ ସମାଜର ବିକାଶ ସହିତ ରାଷ୍ଟ୍ର ଗଠନରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବରିଷ୍ଠ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଯୋଗଦେଇ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ନେଇଥିଲେ। ସମ୍ପାଦକ ବସନ୍ତ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଗ୍ରେଡ୍ ସୈନିକ ସ୍କୁଲର ରଜତ ଜୟନ୍ତୀ

**ପାରାଦୀପ,୨୫।୧(ସମିସ):** ପାରାଦୀପ ଉପକଣ୍ଠ ଅଞ୍ଚଳର ଅଗ୍ରଣୀ ଆବାସିକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବ୍ରିଗ୍ରେଡ ସୈନିକ ସ୍କୁଲର ରଜତ ଜୟନ୍ତୀ ଉତ୍ସବ ମହାସମାରୋରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମି, ଛାତ୍ରଛାତ୍ରୀମାନଙ୍କ ବିକଶିତ ଜ୍ଞାନକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମମତା ରଥଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ର, ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ଭବାନୀକାନ୍ତ ନନ୍ଦ, ଅଧ୍ୟାପକ ମମତା ରଥ, ଚନ୍ଦ୍ର ଶେଖର ଚୌଧୁରୀ, ଉପାଧ୍ୟକ୍ଷା ସସ୍ମିତା କର ପ୍ରମୁଖ ଯୋଗଦେଇଥିବା ବେଳେ ବେବିନା ସ୍ୱାଇଁ, ସନ୍ଧ୍ୟାରାଣୀ ସାମଲ, ପ୍ରୀତିଶ୍ରୀ ପରିଡ଼ା, ପ୍ରିୟଙ୍କା ମଲ୍ଲିକ, ସସ୍ମିତା ମହାପାତ୍ର ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

## ଏବିଭିପି ପକ୍ଷରୁ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



**ରାଜନଗର, ୨୫।୧(ସମିସ):** ରାଜନଗରସ୍ଥ ଭାରତ ମାତା କୋଚିଂ ସେଣ୍ଟରରେ ଦେଶର ଦୁଇ ମହାନ୍ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାର୍ଥୀ ପରିଷଦର ରାଜନଗର ନଗର ସମ୍ପାଦକ ସୁକୁମାର ମାନ୍ନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚର ପୂର୍ଣ୍ଣକାଳୀନ ସଭ୍ୟ ରଶ୍ମିରଂଜନ ସେଠୀ, ମୁଖ୍ୟବକ୍ତା ରୂପେ ଅଧ୍ୟାପକ ସଞ୍ଜୟ ବାଗ୍ ଯୋଗ ଦେଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଦୃଢ଼ ନେତୃତ୍ୱ ଓ ସୁରେନ୍ଦ୍ର ସାଏଙ୍କ ଆନ୍ଦୋଳନ ଦେଶବାସୀ ସବୁବେଳେ ମନେ ରଖିବେ। ସେଥିପାଇଁ ନେତାଜୀଙ୍କ ଆଦର୍ଶ, ବିଚାର ଓ ନେତୃତ୍ୱ ବର୍ତ୍ତମାନ ପ୍ରାସଙ୍ଗିକ ହୋଇଛି ବୋଲି ଅତିଥିମାନେ ମତପୋଷଣ କରି ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସିଦ୍ଧାନ୍ତ ସାହୁ, ସୁରେନ୍ଦ୍ର ପରିଡ଼ା, ପିୟୁଷ ଗୁପ୍ତା, ଲକ୍ଷ୍ମୀକାନ୍ତ ସେଠୀ, ଶୁଭଶ୍ରୀ ବାଗ୍ ଓ ଶୁଭ୍ରାରାଣୀ ପାତ୍ର ପରିଚାଳନା କରିଥିଲେ।

## କାଠିଆପଡ଼ା ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ,୨୫।୧(ସମିସ):** କାଠିଆପରା ଦକ୍ଷିଣେଶ୍ୱର ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ସୁରେଶ ସାହୁ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କାଠିଆପଡ଼ା ହାଇସ୍କୁଲ ୧୯୮୭ ବ୍ୟାଚ୍ ଛାତ୍ରଛାତ୍ରୀ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ ବ୍ରହ୍ମାନନ୍ଦ ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ ପ୍ରଫୁଲ୍ଲ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଦାସ, ପ୍ରାକ୍ତନ ଶିକ୍ଷକ ଗୋବର୍ଦ୍ଧନ ଦାସ, ସରପଞ୍ଚ ପ୍ରତିନିଧି ପାରେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ଦିବଂଗତ ଶିକ୍ଷକ ସୁରେଶ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ୧୯୮୭ ବ୍ୟାଚ୍ ଛାତ୍ରଛାତ୍ରୀ ବଳରାମ ସାହୁ, ଦୁର୍ଗେଶ ନନ୍ଦିନୀ ସାମନ୍ତରାୟ, ମନୋଜ ନନ୍ଦ, ଅରବିନ୍ଦ ପଣ୍ଡା, ସରୋଜ ନାୟକ, ପ୍ରମୋଦ ସୂତାର, ଶରତ ଦାସ, ଯାଜ୍ଞସେନୀ ନନ୍ଦ, ନମିତା ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବୟିତ୍ରୀ ଚାରୁଲତା ଭୂୟାଁ ପରଲୋକଗତ ଶିକ୍ଷକ ଉପରେ କବିତା ପାଠ କରିଥିଲେ। କିଶୋର ଜେନା ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜେଜେବାପା ଓ ଜେଜେମାଆ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ,୨୫।୧(ସମିସ):** ସାନମୂଳବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା, ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସମ୍ପାଦକ ସଂଗ୍ରାମ ସ୍ୱାଇଁଙ୍କ ପୌରୋହିତ୍ୟ ଓ ପ୍ରଧାନଆଚାର୍ଯ୍ୟ ବିକ୍ରମଜିତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ ସିଆରସିସି ସଞ୍ଜୟ ସାହୁ ମୁଖ୍ୟଅତିଥି, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାଙ୍କ ଚରିତ୍ର ଗଠନରେ ଜେଜେବାପା ଓ ଜେଜେମାଆଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସହକାରୀ ଆଚାର୍ଯ୍ୟା ସୁଚିସ୍ମିତା ଦାଶ ସ୍ୱାଗତ ଭାଷଣ ଓ ଶିବାନୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଝରଣା ସେଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସବିତା ପ୍ରଧାନ, ଭାଗ୍ୟଶ୍ରୀ ଦାଶ, ସୁଶ୍ରୀ ସ୍ୱାଗତିକା ଜେନା, ମାନସୀ ଦାସ, ମଧୁସ୍ମିତା ଦାସ ପରିଚାଳନା କରିଥିବାବେଳେ ଦୀପ୍ତିମୟୀ ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ବେହେରା, ଜାନକୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



● ସାରଳା ରୋଡ୍ ୱାଇଏମ୍‌ସିସି ଚାମ୍ପିଅନ ଟ୍ରଫି

## ପିସିସି ପାରାଦୀପ ଚାମ୍ପିଅନ

**ତିର୍ତ୍ତୋଲ,୨୫।୧(ସମିସ):** ତିର୍ତ୍ତୋଲ ନିକଟ ସାରଳା ରୋଡ୍ ମିନି ଷ୍ଟାଡିୟମରେ ଆୟୋଜିତ ୱାଇଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ୍ ମ୍ୟାଚ୍‌ରେ ପିସିସି ପାରାଦୀପ ଟିମ୍ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଜଗତସିଂହପୁର ୨୩ ରନରେ ହରାଇ ଚାମ୍ପିଅନ ହୋଇଛି। ପ୍ରଥମେ ପିସିସି ପାରାଦୀପ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୫୦ରନ୍ ସଂଗ୍ରହ କରିଥିଲା। ଜବାବରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ୧୯.୨ ଓଭାର ସମସ୍ତ ୱିକେଟ ହରାଇ ୧୨୭ ସଂଗ୍ରହ କରି ପରାଜିତ ହୋଇଥିଲା। ମୁଖ୍ୟଅତିଥି ସମାଜସେବୀ ଦେବୀଦତ୍ତ ରଥ, ସମ୍ମାନୀତ ସ୍ଥାନୀୟ ସରପଞ୍ଚ ସରୋଜିନୀ ପରିଜା, ଶିକ୍ଷାବିତ୍ କମଳାକାନ୍ତ ପରିଜା ପ୍ରମୁଖ ଯୋଗଦେଇଥିଲେ। ଅମ୍ପାୟାର୍ ଭାବେ ଗୁରୁଦତ୍ତ ପରିଜା ଓ ସଂଗ୍ରାମ ରାୟ ଖେଳ ପରିଚାଳନା କରିଥିଲେ। ପିସିସି ପାରାଦୀପର ଜମଲା ମହାପାତ୍ରଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ହିନ୍ଦୁସ୍ଥାନ ସ୍ପୋର୍ଟିଂର ସୌଭାଗ୍ୟ ମିଶ୍ର ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସଞ୍ଜୟ ପରିଜା, ସଞ୍ଜିବ ପରିଜା, ଆର୍ଶୀବାଦ ପରିଜା, ଜିତ ପରିଜା, ବିଶାଳ ମହାପାତ୍ର, ତପୁ, ରାହୁଲ, ବାପି ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡି ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ



**ବାଲିକୁଦା,୨୫।୧(ସମିସ):** ବାଲିକୁଦା ବ୍ଲକ ୪ ନଂ. ଜୋନ ବିଜେଡି ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱ ରେ ମରିଚପୁର ସ୍ଥିତ ମା' ମରିଚାଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ତଟିନା ସ୍ୱାଇଁ, ଯୁବ ସଂଗଠକ କମଳାକାନ୍ତ ମହାପାତ୍ର, ଜୋନ ଅଧୀନରେ ଥିବା ସମସ୍ତ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟା, ବିଜେଡି ନେତା ସରୋଜ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସଭାପତି ଙ୍କୁ ସାହାଯ୍ୟ କରିବା ପାଇଁ ୪ଟି ଉପସଭାପତି ନିଯୁକ୍ତି ସହ ସମସ୍ତ ଜୋନରେ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଜୋନ ସ୍ତରୀୟ କମିଟି ଗଠନ କରି ତୁରନ୍ତ ସମସ୍ତ ପଞ୍ଚାୟତରେ କର୍ମୀ ସମ୍ମିଳନୀ କରିବା ପାଇଁ ବିଧାୟକ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ। ଯାହାର ଦାୟିତ୍ୱ ପଞ୍ଚାୟତ ସମିତି ଅଧକ୍ଷ, ଜିଲ୍ଲାପରିଷଦ ଓ ବ୍ଲକ ବିଜେଡି ସଭାପତି ଙ୍କୁ ନ୍ୟସ୍ତ କରାଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ ୮ଟି ସଭ୍ୟ ସରପଞ୍ଚ ସମେତ ଜିଲ୍ଲାପରିଷଦ ଓ ପଞ୍ଚାୟତ ସମିତି ଗଠନ କରିବା ପାଇଁ କର୍ମୀ ଦୃଢ଼ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମ ରେ ଓଷକଣା, ଖାଲଗାଁ, ଅପଣ୍ଡରା, କୁସୁପୁର, ମରିଚପୁର, ଅନନ୍ତପୁର, ବରମୁଣ୍ଡଳୀ ଆଦି ୮ ପଞ୍ଚାୟତର ବହୁ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ସାରଳା ମେଳା ଓ କଳସ ଯାତ୍ରା

**କୁଜଙ୍ଗ,୨୫।୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ବଉଳାଙ୍ଗ ସ୍ଥିତ ସୁରବାଳା ହାଇସ୍କୁଲରେ ଉନବିଂଶ ସାରଳା ମେଳା ଓ କଳସ ଶୋଭାଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ମାଘ ସପ୍ତମୀ ରବିବାର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ରାଉତଙ୍କ ପୌରୋହିତ୍ୟରେ ଏହି ପୂଜାରେ ପାଟପୁର ସମିତି ସଭ୍ୟ ଜ୍ୟୋତିପ୍ରକାଶ ପାଣି, ସ୍କୁଲ ପରିଚାଳନା କମିଟି ସଭାପତି ସୁକାନ୍ତ କୁମାର ନାୟକ, ଶିକ୍ଷାବିତ ପ୍ରମୋଦ କୁମାର ମହାନ୍ତି, ବର୍ଷୀୟାନ ଶିକ୍ଷକ ନେତା ନିଶାକର ମୁଦୁଲି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଂଶୀଧର ନାୟକ, ପ୍ରଦୋଷ କୁମାର ସୂତାର, ସୌରୀ ସ୍ୱାଇଁ , ପୂର୍ବ ଛାତ୍ର ଛାତ୍ରୀ ବିକାଶ ଦଳାଇଙ୍କ ସହ ବହୁ ପ୍ରାକ୍ତନ ବିଦ୍ୟାର୍ଥୀ ଓ ଅଧ୍ୟୟନ ରତ ଛାତ୍ର ଛାତ୍ରୀ, ଗ୍ରାମ ମୂରବୀ କମିଟି ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ବରିଷ୍ଠ ପଣ୍ଡିତ କିଶୋର ଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ଦାଶ, କୃତିବାସ ଦାଶ ଆଚାର୍ଯ୍ୟ ପୌରହିତ୍ୟରେ ଘଟ ସ୍ଥାପନ, ଷୋଡ଼ଶ ଉପଚାର, ଚଣ୍ଡୀ ପାଠ, ଚଣ୍ଡୀ ଆହୁତି, ଗୀତା ଆହୁତି, ପଞ୍ଚ ଦେବତା ପୂଜା ଓ ଆଦ୍ୟହୁତି ଆଦି କାର୍ଯ୍ୟକ୍ରମ ସମ୍ପାଦନ ହୋଇ ଥିଲା। ସନ୍ଧ୍ୟାରେ ଜଗନ୍ନାଥ ଭଜନ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ରୂପେ ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ସ୍ୱାଇଁ ଓ ପତ୍ନୀ ସୁବାଣି ଖଟୁଆ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ନୃସିଂହ ଚରଣ ବାହାଲିଆ, ପ୍ରମୋଦ କୁମାର ସାମନ୍ତରାୟ, ଅତିଥି ଶିକ୍ଷକ ଝରେନ୍ଦ୍ରେ କୁମାର ପ୍ରଧାନ, ନିତ୍ୟାନନ୍ଦ ଜେନା, ଦିବାକର ମହକି ପ୍ରମୁଖ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥଲେ।

## ଗୋଟିଏ ଦିନରେ ୩ଟି ଜିଲ୍ଲାରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

**ଜଗତସିଂହପୁର,୨୫।୧(ସମିସ):** ଗୋଟିଏ ଦିନରେ ୩ଟି ଜିଲ୍ଲାରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ହେବାକୁ ଯାଉଛି। ଜଗତସିଂହପୁର ଜିଲ୍ଲାରୁ ଆରମ୍ଭ କରି କଟକ, କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏପରି କାର୍ଯ୍ୟକ୍ରମ କରି ଏକ ଆଲୋଚନା ପରିସରକୁ ଆସିଛନ୍ତି ଯୁବ ସଂସ୍କାରକ ସେବକ ଗୋପାଳ ଦାସ। ସେ କହିଛନ୍ତି ସଂସ୍କାର ବିନା ଶିକ୍ଷା ଦିଗହରା ତେଣୁ ସମସ୍ତ ବାପା ମା' ମନେରଖିବା ଉଚିତ୍ ଆଜିର ଶିଶୁ କାଲିର ଭବିଷ୍ୟତ। ଧନସମ୍ପତ୍ତି ଅପେକ୍ଷା ପ୍ରତିଟି ବାପା ମା' ମାନେ ପିଲାମାନଙ୍କୁ ଆଗ ସଂସ୍କାର ଦିଅନ୍ତୁ, ବ୍ୟବହାର ଶିଖାନ୍ତୁ ଓ ନିଜେ ନୈମିତ୍ୟ ଜୀବନରେ ଯୋଗ ଓ ପ୍ରାଣାୟାମକୁ ଜୀବନରେ ଜଡ଼ିତ କରନ୍ତୁ। ମାତୃ ସମ୍ମିଳନୀରେ ଶତାଧିକ ମା'ଙ୍କ ଠାରୁ ସେବକ ଗୋପାଳ ଦାସ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରତିଟି ପରିବାର ପାଇଁ ଆଗାମୀ ଦିନରେ ଯୁବ ସଂସ୍କାର ମାଧ୍ୟମରେ ସେବକ ଗୋପାଳ ଦାସ ପ୍ରତି ପରିବାରର ଜୀବନ ଚର୍ଯ୍ୟା ସହିତ ଯୋଗକୁ ଜଡ଼ିତ କରାଇବା ପାଇଁ ପରାମର୍ଶ ଦେଇଥିଲେ।



# ନିକିରାଇ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ପଞ୍ଚୁପାଣ୍ଡବ,୨୫।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ନିକିରାଇ ଥାନା ଅଧୀନରେ ଥିବା ବିଭିନ୍ନ ମଠ ମନ୍ଦିରରୁ ଲୁଟ ହେଉ କି ହତ୍ୟା ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି ନିକିରାଇ ଥାନା ପୁଲିସ। ବେଆଇନ ବାଲି ଚାଲାଣ ହେଉଥିବା ଟ୍ରାକ୍ଟର ସହ ଚାଳକଙ୍କୁ ଦିନରେ ଧରି ରାତିରେ ଛାଡ଼ି ଦେଇଥିବା ଅଭିଯୋଗ ହେଉଛି। କେତେକ ବେଆଇନ ବାଲିଘାଟରୁ ରାତି ସାରା ଶହ ଶହ ହାଇୱାରେ ବାଲି ଚାଲାଣ ହେଉଥିବାବେଳେ ଦେଖି ବି ଅଜଣା ହେଉଛି ନିକିରାଇ ପୁଲିସ। ଦୁଇ ମାସ ତଳେ ୪ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗାଡ଼ି ମାଲିକଙ୍କ କହିବା କଥା ଆମେ ଲାଞ୍ଚ ଦେଇ ନ ଥିବାରୁ କୋର୍ଟ ଚାଲାଣ କରାଯାଇଥିଲା।



ଗତ ମଙ୍ଗଳବାର ଦିନ ବେଣୀପୁର ଗ୍ରାମରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଧରି ଜୋର୍ ଜବରଦସ୍ତ ଲୋକଦେଖାଣିଆ ନିକିରାଇ ଥାନା ପୁଲିସ ଅଧିକାରୀ ଥାନାକୁ ନେଇ ରାତି ପ୍ରାୟ ୧୦ଟା ବେଳକୁ ଗାଡ଼ି ସହ ମାଲିକକୁ ଛାଡ଼ି ଦେଇଥିବା ଅଭିଯୋଗ ହେଉଛି। ବେଣୀପୁର ପଞ୍ଚାୟତ ବଜାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୁଇଟି ମୋବାଇଲ ଚୋରିକୁ ପ୍ରାୟ ପାଞ୍ଚ ମାସ ପୂରିଲା, ତେବେ ଏ ସମ୍ପର୍କରେ ନିକିରାଇ ଥାନା ପକ୍ଷରୁ ତଦନ୍ତକାରୀ ଅଧିକାରୀ ଙ୍କ ନେତୃତ୍ୱରେ ଏକ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି। ନିକିରାଇ ଥାନା ଅଞ୍ଚଳରେ ଚୋରି, ଗଣ୍ଡଗୋଳ ଓ ହତ୍ୟା ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଧିକାଂଶ ଅଭିଯୋଗ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଶ୍ରୀଜଗନ୍ନାଥ ମହୋତ୍ସବ ପ୍ରସ୍ତୁତି ବୈଠକ

**ପାରାଦୀପ, ୨୫।୧(ସମିସ):** ଆଜି ପାରାଦୀପ ଉଦୟବଟ ଧାମର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଶ୍ରମର ସନ୍ୟାସୀ ଭାବସାଗର ଦାସ ମହାରାଜଙ୍କ ସଭାପତିତ୍ୱରେ ଆଇନଜୀବୀ ଦେବବ୍ରତ ସାହୁଙ୍କ ପରିଚାଳନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଚରିତ୍ର, ମହାପ୍ରଭୁଙ୍କ ୩୨ ବେଶ, ପଞ୍ଚସଖାଙ୍କ ବିଗ୍ରହ ସହିତ ବିଭିନ୍ନ ଗୁରୁବର୍ଗ ବିଗ୍ରହ, ବିଶ୍ୱଶାନ୍ତି ମହାଯଜ୍ଞ, ଅନ୍ନଯଜ୍ଞ ସହ ଛପନଭୋଗ, ଶ୍ରୀଜଗନ୍ନାଥଙ୍କ ପୁସ୍ତକ ମେଳା ପ୍ରଭୃତିକୁ ନେଇ ଏକ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଶ୍ରୀଜଗନ୍ନାଥ ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଯୋଗଗୁରୁ ଶ୍ରୀରବିଶଙ୍କରଙ୍କ ଶିଷ୍ୟ ତାପସ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଧୃତିଧର ଦାଶ, ପ୍ରାନ୍ତ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଜ୍ୟୋତିର୍ବିଦ ଡ. ଅରୁଣ ପାଣି, ସମାଜସେବୀ ବସନ୍ତ କୁମାର ନାୟକ, ସୁଲଚନା ସେନାପତି, ପଦ୍ମଲାଭ ରାଉତ, ରବୀନ୍ଦ୍ର ନାଥ ଦଳାଇ, ନିରଞ୍ଜନ ସ୍ୱାଇଁ, ଚିନ୍ମୟ ଦାସ, ଭବେନ୍ଦ୍ର କୁମାର ଦାଶ, ବିଭୁ ପ୍ରସାଦ ନାୟକ, ବିଷ୍ଣୁ ଚରଣ ଚୌଧୁରୀ, ଚିତ୍ତରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ସାହୁ, ମନୋରଞ୍ଜନ ମହାନ୍ତି, ବାବା ରାମଚନ୍ଦ୍ର ଦାସ, ଅଧିକାରୀ ପ୍ରଶନାନନ୍ଦ ଦାସ, ବାବାଜୀ ନରୋତ୍ତମ ଦାସ, ବିଶ୍ୱଜିତ ବେହେରା, ସୁନୀଲ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ପାରାଦୀପରେ ରଜତ ଜୟନ୍ତୀ ଓଡ଼ିଆ ନାଟ୍ୟ ଉତ୍ସବ




**ପାରାଦୀପ, ୨୫।୧(ସମିସ)**

ବନ୍ଦର ନଗରୀ ପାରାଦୀପର ଅଗ୍ରଣୀ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ କାନମାସ ଦ୍ୱାରା ସ୍ଥାନୀୟ ବାଣୀପୀଠ ଜୟଦେବ ସଦନ ଠାରେ ପାରାଦୀପ ବନ୍ଦର ଓ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ନୂଆଦିଲ୍ଲୀର ସହଯୋଗରେ ରଜତ ଜୟନ୍ତୀ ଓଡ଼ିଆ ନାଟ୍ୟ ଉତ୍ସବ ଆୟୋଜିତ ହୋଇଯାଇଛି। କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଧ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ।

ବନ୍ଦର ସିଏମ୍‌ଇ ସୁଶିଲ ନାହାକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାନମାସର ସମ୍ପାଦକ ଶ୍ରୀମନ ମିଶ୍ର ବିବରଣୀ ରଖିଥିଲେ। କାନମାସର ଉପସଭାପତି ସନ୍ତୋଷ ସାମଲ ସମ୍ମାନିତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ସାଗରିକା କଳା ନିକେତନର ଗୁରୁ ପ୍ରଫୁଲ୍ଲ ବଳ, ବ୍ରଜ ମଲ୍ଲିକ, କେଦାର ପରିଡ଼ା, ଶୁଭଶ୍ରୀ ବେଉରା, ସ୍ମୃତି କାନ୍ତ ଶର୍ମାଙ୍କୁ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ପାରାଦୀପର ମୂର୍ଚ୍ଛନା ମିଶ୍ର, ସଞ୍ଜୀତ ସାନୁ, ନିରଞ୍ଜନ ଗାନ, ମିଲୁ ଖୁଣ୍ଟିଆ ଆଦି କଳାକାରମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଉତ୍କଳି ସାଂସ୍କୃତିକ ଶିଳ୍ପୀ, ରାଉରକେଲା ବିଲୋଚନ ପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ କମ୍ପାନୀ 'ସରକାର' ମଞ୍ଚସ୍ଥ କରିଥିଲେ।। ୨ୟ ସନ୍ଧ୍ୟାରେ ହୃଦୟ, ଭୁବନେଶ୍ୱରର ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ବୈଷ୍ଣବ ପାଣି' ମଞ୍ଚସ୍ଥ କରିଥିଲେ। ୩ୟ ସନ୍ଧ୍ୟାରେ ଶ୍ରୀକଲଚରାଲ ଆସୋସିଏସନ୍, ସମ୍ବଲପୁର ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ 'ସାଧନା' ମଞ୍ଚସ୍ଥ କରିଥିଲେ। ରଜତ ଜୟନ୍ତୀ ଅବସରରେ ଅଫିସର୍ସ କ୍ଲବ ଠାରେ ୮ମ ଓଡ଼ିଆ ନାଟ୍ୟକାର ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ନାଟ୍ୟକାର ସମ୍ମିଳନୀକୁ ବିଶିଷ୍ଟ ଔପନାସିକ ଓ ନାଟ୍ୟକାର ଭାଗୀରଥି ଦାସ ଉଦଘାଟନ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକର, ନିର୍ଦ୍ଦେଶକ ପ୍ରଫେସର ସତ୍ୟବ୍ରତ ରାଉତ, ନାଟ୍ୟକାର ପ୍ରଫେସର ରମାକାନ୍ତ ମିଶ୍ର, ବନ୍ଦର ଡିସି ଅଲେଖ ସାହୁ, ସିଏମ୍‌ଇ ସୁଶିଲ ନାହାକ ଅତିଥି ଭାବେ ଯୋଗଦେଇଥିଲେ। କାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷାକୁ ନେଇ ମିନି ମାରାଥନ




**ପାରାଦୀପ, ୨୫।୧(ସମିସ):** କିଟ୍ ଓ କିସ୍ ପକ୍ଷରୁ ପାରାଦୀପରେ ଆୟୋଜିତ ହୋଇଯାଇଛି ଅଷ୍ଟମ ମିନି ମାରାଥନ। ସମସ୍ତଙ୍କ ପାଇଁ ଶିକ୍ଷାକୁ ନେଇ ଆୟୋଜିତ ହୋଇଥିବା ଏହି ମିନି ମାରାଥନ୍ ମଧୁବନସ୍ଥିତ ମାଉସୀ ମା' ଛକ ନିକଟରୁ ବାହାରି ପ୍ରାୟ ୩ କିଲୋମିଟର ସହର ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା। ଏହାକୁ ପତକା ଦେଖାଇ ଉଦଘାଟନ କରିଥିଲେ ପୂର୍ବତନ ଭଲିବଲ୍ କୋଚ ତଥା ଜାତୀୟ ଭଲିବଲ୍ ଖେଳାଳି ସଞ୍ଜୟ କୁମାର ଦାସ। ଅନ୍ୟତମ ଅତିଥି ଭାବେ ଏସି କମର୍ସିଆଲର ବ୍ରାଞ୍ଚ ହେଡ୍ ଅକ୍ଷୟ ଚନ୍ଦ୍ର ସୁତାର, ବରିଷ୍ଠ କ୍ରୀଡାବିତ୍ ଶାଶ୍ୱତ ଭାରତୀୟ, ସୁଶାନ୍ତ ଦାସ, ଗଲଫର ହରିହର ଦାସ, ବବଲୁ ସିକଦାର, ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକ ଧ୍ରୁବଚନ୍ଦ୍ର ତରେଇ, ଗୋପବନ୍ଧୁ କ୍ରୀଡ଼ା ସଂସଦର ସଦସ୍ୟ ବିପ୍ଳବ କୁମାର ଯେନା ପ୍ରମୁଖ ଯୋଗଦେଇଥିଲେ। ଏହି ମିନି ମାରାଥନ୍‌ର ଉଦଯାପନୀ ଉତ୍ସବ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ଭଲିବଲ୍ କୋଚ ସଞ୍ଜୟ ଦାସ ଯୋଗ ଦେଇଥିବା ବେଳେ ପୂର୍ବତନ ଗୋପବନ୍ଧୁ କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ଗୋପବନ୍ଧୁ କ୍ରୀଡା ସଂସଦର ସଦସ୍ୟ ବିପ୍ଳବ ଯେନା, ବରିଷ୍ଟ କ୍ରୀଡାବିତ୍ ଶାଶ୍ୱତ ଭାରତୀୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ହରିଶ୍ଚନ୍ଦ୍ର ଲେଙ୍କା ଏବଂ କିଟ୍‌ର ସଦସ୍ୟ ପ୍ରଦୀପ୍ତ ପଲେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପାରାଦୀପରେ ଗୁଟ୍‌ଖା କଳାବଜାରୀ

**ପାରାଦୀପ, ୨୫।୧(ସମିସ):** ପାରାଦୀପ ବଡପଡ଼ିଆ ମାର୍କେଟରେ ଗୁଟଖାର ଅଭାବୀ ଦେଖାଦେଇଛି। ସରକାରଙ୍କ ତରଫରୁ ଗୁଟ୍‌ଖା ଓ ପାନମସଲା ବ୍ୟାନ କରିବାକୁ ପ୍ରଚାର ହେବା ପରେ ପାରାଦୀପ ମାର୍କେଟରେ ଗୁଟଖା ଓ ପାନମସଲାର ଭାଉ ଆକାଶ ଛୁଆଁ, ଗୁଟଖା, ପାନମସଲା ହୋଲସେଲର ବିପୁଳ ପରିମାଣର ଷ୍ଟକ ରଖିବା ସହିତ ମନଇଚ୍ଛା ରେଟ ନେଉଛନ୍ତି। ଯାହାର ପ୍ରତିଫଳନ ଦେଖିବାକୁ ମିଳିଛି ଛୋଟ ଛୋଟ ପାନ ଦୋକାନରେ। ଏଭଳି ଘଟଣା ଦେଖି ଗ୍ରହକଙ୍କର ପୁଣି ଥରେ କୋଭିଡ ସମୟର କଥା ମନେ ପଡ଼ିଯାଉଛି।

## ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ



**ଜଗତସିଂହପୁର, ୨୫।୧(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ଚଳିତ ବର୍ଷର ଥିମ୍ 'ମୋ ଭାରତ, ମୋ ଭୋଟ, ସିଟିଜେନ୍ ଆଟ ଦ ହାର୍ଟ ଅଫ ଡେମୋକ୍ରାସି' ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ. ସୋନାଲ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିରଞ୍ଜନ ବେହେରା, ଡେପୁଟି କଲେକ୍ଟର ନିର୍ବାଚନ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ସାମିଲ ହୋଇଥିବା ମତଦାତାଙ୍କୁ ଭୋଟର କାର୍ଡ ବା ଇପିଆଇସି କାର୍ଡ ବଣ୍ଟନ କରିଥିଲେ। ଭୋଟର ତାଲିକା ପ୍ରସ୍ତୁତିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମସ୍ତ ଏଇଆରଓ, ବିଏଲଓ, ସୁପରଭାଇଜର, ବୁଥ ସ୍ତରୀୟ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ମତଦାତା ଦିବସ ଉପଲକ୍ଷେ ଆୟୋଜିତ ମହାବିଦ୍ୟାଳୟ ସ୍ତରୀୟ ନିର୍ବାଚନ ସମ୍ବନ୍ଧୀୟ ବକ୍ତୃତା, ପ୍ରବନ୍ଧ, ସ୍ଲୋଗାନ ଲିଖନ, ରିଲ୍ ମେକିଙ୍ଗ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟ ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ଏକ ମତଦାତା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଏହାକୁ ଉଦଘାଟନ କରିଥିଲେ। କଲେଜ ଛକ ଠାରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏହି ପଦଯାତ୍ରା ଶେଷ ହୋଇଥିଲା।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପାରାଦୀପ, ୨୫।୧(ସମିସ):** ପାରାଦୀପ ଉପକଣ୍ଠ ଜଗତି ଗ୍ରାମରେ ମା' ବୁଢ଼ି ଜାଡୁଆଣୀ ସମୀରସୁଶୀଳ ମେମୋରିଆଲ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ପ୍ରଥମେ ନିମପୁର କଟକ ଟସ୍ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୧୩ ରନ୍ ସଂଗ୍ରହ କରିଥିଲା। ଜାବାବରେ ଆମ୍ବେଦକର ଜଗତସିଂହପୁର ଦଳ ୧୯.୧ ଓଭରରେ ୯ ୱିକେଟ ହରାଇ ୨୧୬ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଜଗତସିଂହପୁର ଦଳର ରୋହନ ସାହୁ ୨୧ ବଲରେ ୫୨ ରନ୍ କରି 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଭାବେ ମନୋନୀତ ହୋଇଥିଲେ। ଓସିଏର ପ୍ୟାନେଲ ଅମ୍ପାୟାର ପ୍ଳାବନ ସ୍ୱାଇଁ ଓ ଅନୁପ୍ ରାଉତ ଖେଳ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଧାରା ବିବରଣୀ ପ୍ରଦାନ କରୁଥିଲେ ଲକ୍ଷ୍ମୀକାନ୍ତ ଦାସ। ଉଦ୍‌ଘାଟନୀ ଟୁର୍ଣ୍ଣାମେଣ୍ଟ ଅବସରରେ ମୁଖ୍ୟଅତିଥି ଭାବେ ସମାଜସେବୀ ବାଳକୃଷ୍ଣ ଜେନା ଓ ସମାଜସେବୀ ଇଂ. ବିପିନ ବିହାରୀ ପରିଡ଼ା ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରୋପାଇଟର ମହାପାତ୍ର ଇଣ୍ଡିଆନ ଭୁତମୁଣ୍ଡାଇର ସୌମେନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ସ୍ୱାଇଁ ଓ ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମା' ବୁଢ଼ି ଜାଡୁଆଣୀ କ୍ଲବ ପକ୍ଷରୁ କେବିସି ଯାଦବ, ଜୀବନ ସ୍ୱାଇଁ, ମାନସ ପରିଡ଼ା, ତପନ ଦାସ, ଦିନେଶ ପରିଡ଼ା, ସୌରଭଲିଙ୍କନ ଚୌଧୁରୀ ଓ ସରୋଜ ମହୋନ୍ତି ସଫଳ ଭାବେ ଆୟୋଜନ କରିଥିଲେ। କ୍ଲବର ମୁଖ୍ୟ ସଂଯୋଜକ ମନୋଜ କୁମାର ମହାନ୍ତି ଖେଳର ସବିଶେଷ ବିବରଣୀ ପ୍ରଦାନ କରିଥିଲେ।





## ପଙ୍କପାଳ ଧାନ ମଣ୍ଡି ଉଦ୍‌ଘାଟିତ



**କୁଜଙ୍ଗ, ୨୫।୧(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ସମବାୟ ସମିତି ପକ୍ଷରୁ ଚଳିତ ଖରିଫ ଋତୁ ପାଇଁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ଫକୀର ଦାସଙ୍କ ସଭାପତିତ୍ୱରେ ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ସମ୍ପାଦକ କିଶୋର କୁମାର ବେହେରା, ବରିଷ୍ଠ ଚାଷୀ ସୁଦାମ ଚରଣ ମଲ୍ଲ, କୈଳାଶ ଚନ୍ଦ୍ର ଷଡ଼ଙ୍ଗୀ, ନାରାୟଣ ପ୍ରସାଦ ଦାସ, ପ୍ରଦୀପ୍ତ ପ୍ରଧାନ, ଅମରେଶ ପାତ୍ର, ସରୋଜ ରାଉତ, ସନ୍ତୋଷ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତି ରେ ପୂଜା ପାଠ ହୋଇ ମଣ୍ଡି ର ଶୁଭାରମ୍ଭ ହୋଇ ଥିଲା। ଝୋଟ ଅଖାରେ ପ୍ରଥାମ ଦିନରେ ମୋଟ ୮୨୯ଟି ଅଖାରେ ମା' ସାରଳା ମିଲ ୧୦ ଜଣଙ୍କ ଚାଷୀଙ୍କ ଠାରୁ ୩୭୯.୯୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲା।

## ପର୍ଯ୍ୟଟକ ସ୍ଥଳ ସଫେଇ କଲେ ସ୍ୱେଚ୍ଛାସେବୀ

**ପାରାଦୀପ, ୨୫।୧(ସମିସ):** ନେହେରୁବଙ୍ଗଳା ମୁହାଣ ନିକଟରେ ବଣଭୋଜି କରିବା ସହିତ ପଥର ବନ୍ଧରେ ମହାନଦୀ ଓ ବଙ୍ଗୋପସାଗରର ମିଳନ ସ୍ଥଳୀ ମୁହାଣର ପ୍ରାକୃତିକ ଶୋଭା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ମାତ୍ର ଏଠାରେ ବଣଭୋଜି ଓ ହଜାର ହଜାର ଲୋକଙ୍କ ଦ୍ୱାରା ସୃଷ୍ଟି ହେଉଥିବା ବର୍ଜ୍ୟ ଯୋଗୁଁ ସ୍ଥାନୀୟ ଅଞ୍ଚଳ ପ୍ରଦୁଷିତ ହେଉଛି। ଯାହାକୁ ଲକ୍ଷ୍ୟ ରଖି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ୍ ଟ୍ରଷ୍ଟ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଛି। ଯୁବ ପରିବେଶବିତ୍ ତଥା ସଂଗଠନର ଅଧ୍ୟକ୍ଷ ଦେବ ମଣ୍ଡଳଙ୍କ ନେତୃତ୍ୱରେ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟ ମୁନି ଛାଟୋଇ, ରାକେଶ କୁମାର ସାହୁ, ବଳରାମ ରାଉତ, ପ୍ରକାଶ ବାରିକ, ପରମ ବେହେରା, ସାମସୁନ୍ଦର ଦାସ, ସତ୍ୟବ୍ରତ ଡାକୁଆ, ରାଜେଶ କୁମାର ସାହୁ, ରାଜୁ ମାଝୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ସ୍ଥାନୀୟ ଅଞ୍ଚଳରେ ପଡ଼ିଥିବା ପ୍ଲାଷ୍ଟିକ, ଜରି ଓ ଆବର୍ଜନାକୁ ସଫା କରିବା ସହିତ ଉପସ୍ଥିତ ପର୍ଯ୍ୟଟକ ଓ ସ୍ଥାନୀୟ ଯୁବକ ଓ ମହିଳା ମାନଙ୍କୁ ପ୍ଲାଷ୍ଟିକ ବ୍ୟବହାରର ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ହେଉଥିବା କ୍ଷତି ଓ ପଲିଥିନ ଦ୍ୱାରା ମାଟିର ଗୁଣାବାତା ହ୍ରାସ ସମ୍ପର୍କରେ ସଚେତନ କରାଇଥିଲେ।




## 'ପରମ୍ପରା, ସଂସ୍କୃତି ଓ ଭାଇଚାରା ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ସମ୍ଭବ'



**ଜଗତସିଂହପୁର/ଏରସମା, ୨୫।୧(ସମିସ):** ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ସୋମପୁର ପଞ୍ଚାୟତର ବାନ୍ଧବପୁର ଗ୍ରାମରେ ମା' ବାଗଦେବୀ ସରସ୍ୱତୀ ପୂଜା ଉପଲକ୍ଷେ ୫ ଦିନ ବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ ଶତାଧିକ ଭକ୍ତ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାନ୍ଧବପୁର ଗ୍ରାମରେ ଏକ ଆକର୍ଷଣୀୟ ପ୍ରବଚନ ମଣ୍ଡପକୁ ତିହୁଡା ଗୁରୁକୃପା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଶ୍ରୀଜଗନ୍ନାଥ ରାଷ୍ଟ୍ରୀୟ ପଞ୍ଚରାତ୍ର ପ୍ରବଚକ ବାବାଜୀ ସତ୍ୟାନନ୍ଦ ଦାସ ଉଦ୍‌ଘାଟନ କରିଥିଲେ। ପରେ ଏକ ପ୍ରବଚନ କାର୍ଯ୍ୟକ୍ରମରେ ବାବା ଶ୍ରୀ ଦାସ ଆଜିର ସମାଜରେ ମାନବୀୟ ମୂଲ୍ୟବୋଧ ବୃଦ୍ଧି ଏବଂ ଗ୍ରାମାଞ୍ଚଳରେ ଯୁବକ ମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ସହିତ ଆଧ୍ୟାତ୍ମିକବାଦର ବ୍ୟାପକ ପ୍ରଚାର, ପ୍ରସାର ଦ୍ୱାରା ସାରା ଦୁନିଆରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ବାନ୍ଧବପୁର ଗ୍ରାମବାସୀ ଓ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ପ୍ରତିଦିନ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ବୀର ନାରାୟଣ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ପ୍ରବଚକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଧାନକୁଦ ମଠର ମଠାଧିସ ବାବା ଅରକ୍ଷିତ ଦାସ ଏଥିରେ ଯୋଗଦେଇ ଆଧ୍ୟାତ୍ମିକ ଆଶ୍ରୀବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେଶ ସାହୁ, ସଂଗ୍ରାମ ବାରିକ, ଚିତ୍ତରଞ୍ଜନ ସ୍ୱାଇଁ, ଅନନ୍ତ ସାହୁ, ଶରତ ସାହୁ, ବାପି ସାହୁ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।



ପବିତ୍ର ମାଘ ସପ୍ତମୀରେ ଶ୍ରୀବିଗ୍ରହଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ (ଫଟୋ-ଅନିଲ)

# ଦର୍ଶନ ପାଇଁ ଆସି ଶ୍ରୀମନ୍ଦିରରେ ମାଡ଼ ଖାଇଲେ

## ମହିଳାଙ୍କ ହାତ ଭାଙ୍ଗିଲେ, ପୁଅକୁ ବି ଛେଚିଲେ

ପୁରୀ, ୨୫।୧ (ସମିସ): ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ ଶୃଙ୍ଖଳା ଆସିପାରୁନି। ଠେଲାପେଲା ଭିଡ଼ ଭିତରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଏମିତିକି, ଭକ୍ତଙ୍କ ମଧ୍ୟରେ ବି ଗଣ୍ଡଗୋଳ ହେଉଛି। ଶନିବାର ଦର୍ଶନକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଦୁଇପକ୍ଷ ଭକ୍ତଙ୍କ ଭିତରେ ଯୁକ୍ତିତର୍କରୁ ହାତାହାତି ପର୍ଯ୍ୟନ୍ତ କଥା ଯାଇଛି। ଗୋଟିଏ ପକ୍ଷର ମାଡ଼ରେ ଜଣେ ମହିଳା ଭକ୍ତଙ୍କ ହାତ ଭାଙ୍ଗିଥିବା ବେଳେ ସାଥିରେ ଥିବା ତାଙ୍କ ପୁଅ ଦୀପକଙ୍କ ହାତ ଆଙ୍ଗୁଠି ଭାଙ୍ଗିଯାଇଛି ବୋଲି ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ପ୍ରତିପକ୍ଷ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି।

ଚତୁର୍ଥ ଶନିବାର ଯୋଗୁଁ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ଥିଲା। ବ୍ରହ୍ମପୁରରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ସପରିବାର ଆସିଥିଲେ ସୁନୀତା ନାୟକ। ସାତ ପାହାଚ ନିକଟ ବ୍ୟାରିକେଡ୍ ଭିତରେ ସେମାନେ ପ୍ରାୟ ଘଣ୍ଟାଏ ଧରି ଅପେକ୍ଷା କରିଥିଲେ। ଏହି ସମୟରେ ୪/୫ ଜଣ ଯୁବକ ଲାଇନ୍ ଭାଙ୍ଗି ତାଙ୍କ ଆଗରେ ଆସି ଛିଡ଼ା ହୋଇଥିଲେ। ଏହାକୁ ସୁନୀତା ବିରୋଧ କରିଥିଲେ। ଏହାକୁ ନେଇ ଯୁବକମାନେ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ସୁନୀତା ଏବଂ ତାଙ୍କ ପୁଅଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ସୁନୀତାଙ୍କ ଡାହଣ ହାତ ଭାଙ୍ଗି ଯାଇଥିବା ବେଳେ ପୁଅ ଦୀପକର ଆଙ୍ଗୁଠି ଭାଙ୍ଗିଯାଇଥିବା ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ସୁନୀତା କହିଛନ୍ତି, ୪/୫ ଜଣ ଯୁବକ ମୋ ଆଗକୁ ପଳାଇ ଆସିବାରୁ ବାରଣ କରିଥିଲି। ସେମାନେ ଯୁକ୍ତିତର୍କ କରିଥିଲେ। ମୋ ହାତ ମୋଡି ଭାଙ୍ଗି ଦେଇଥିଲେ। ପୁଅ ପ୍ରତିବାଦ କରିବାରୁ ତା' ଆଙ୍ଗୁଠିକୁ ମୋଡ଼ି ଦେଇଥିଲେ। ଏପରିକି, ବାହାରକୁ ଗଲେ ମାରିଦେବାକୁ ଧମକ ଦେଇଥିଲେ ବୋଲି ସୁନୀତ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ କହିଛନ୍ତି, ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପ୍ରତିପକ୍ଷଙ୍କୁ ଠେଲାପେଲା ଓ ଗାଳିଗୁଲଜ କରାଯାଇଥିବା ଦର୍ଶାଇଛନ୍ତି। ଦୁଇ ଅଭିଯୋଗକୁ ଆଧାର କରି ପୃଥକ୍ ପୃଥକ୍ (ନଂ. ୨୪/୨୬ ଓ ୨୫/୨୬) ରୁଜୁ କରାଯାଇଛି।

## କଳାହାଣ୍ଡିରୁ ହାତୀର ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ଘଟଣା

# ୩୨ ଖଣ୍ଡ କରି ପୋତିଥିଲେ ଡେପୁଟି ରେଞ୍ଜର୍

ବାଲିଗୁଡ଼ା, ୨୫।୧ (ସମିସ): ହାତୀର ଶବକୁ ୩୨ଖଣ୍ଡ କରି ପ୍ରଥମେ ନର୍ସରିରେ ପୋତିଥିଲେ। ପରେ ପୁଣି ଧରା ପଡ଼ିଯିବା ଆଶଙ୍କାରେ ସେଠାରୁ ଖଣ୍ଡବିଖଣ୍ଡିତ ଶବକୁ ନେଇ ନିଜ ଗାଁରେ ପୋତି ଦେଇଥିଲେ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଞ୍ଚଳରୁ ଖଣ୍ଡବିଖଣ୍ଡିତ ହାତୀ ଶବ ଜବତ ଘଟଣାରେ ଏପରି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁ ଘଟଣାକୁ ଚପାଇବା ତଥା ବିଭାଗୀୟ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଫେରାର୍ ଡେପୁଟି ରେଞ୍ଜର ବିନୟ କୁମାର ବିଶି ଏପରି କାରନାମା କରିଥିଲେ। ବ୍ରହ୍ମପୁର ସର୍କଲ ଆରସିସିଏଫ୍ ବିଶ୍ୱନାଥନ ନୀଳାମ୍ବର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ୧୯ ତାରିଖରେ ଡେପୁଟି ରେଞ୍ଜର ଶ୍ରୀ ବିଶି ନିଲମ୍ବିତ ହେବା ପରଠାରୁ ଫେରାର୍ ଅଛନ୍ତି। ତାଙ୍କ ନାମରେ ବନ୍ୟପ୍ରାଣୀ ଅପରାଧ ଆଇନ ଅନୁଯାୟୀ ମାମଲା ମଧ୍ୟ ରୁଜୁ ହୋଇଛି। ଘଟଣାରେ ବ୍ୟବହୃତ ଗୋଟିଏ ଜେସିବି, ସରକାରୀ ବୋଲେରୋ ସମେତ ପିକ୍‌ଅପ ଭ୍ୟାନ ଜବତ





କରିଛି ବନ ବିଭାଗ। ଅପରପକ୍ଷେ, ଡେପୁଟି ରେଞ୍ଜରଙ୍କ ଡ୍ରାଇଭର୍ ହୃଷୀକେଶ ପଣ୍ଡାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଜେସବି ମାଲିକ, ୨୦୭ ପିକଅପ ଭ୍ୟାନ ଡ୍ରାଇଭର୍ ଓ ଛଅଜଣ ସ୍କ୍ୱାଡ୍ କର୍ମଚାରୀଙ୍କ ସମେତ ମୋଟ ୮ ଜଣକୁ ନୋଟିସରେ ରଖାଯାଇଛି। ଏବେ ବି ଅଧିକ ତଦନ୍ତ ଜାରି ରହିଥିବା ଆର୍‌ସିସିଏଫ କହିଛନ୍ତି।

ସୂଚନାନୁଯାୟୀ, କନ୍ଧମାଳ ଜିଲ୍ଲା ବେଲଘର ରେଞ୍ଜ ଝିରିପାଣି ସେକ୍ସନ୍‌ର ମୁଣ୍ଡୁଟି ଜଙ୍ଗଲରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ହାତୀର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟରେ ଡେପୁଟି ରେଞ୍ଜର୍ ବିନୟ କୁମାର ବିଶି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ପ୍ରମାଣ ନଷ୍ଟ କରିବା ସହ ଅନଧିକୃତ ପରିଚାଳନା କରି ହାତୀର ମୃତଦେହକୁ ୩୨ଖଣ୍ଡ କରି ପ୍ରଥମେ ବେଲଘର କାଡାପାନା ନର୍ସରୀ ମଧ୍ୟରେ ପୋତି ଦେଇଥିଲେ। ହାତୀ ମୃତ୍ୟୁ ପରେ ସ୍କ୍ୱାଡ୍ କର୍ମଚାରୀଙ୍କୁ ଉପରିସ୍ଥ ଅଧିକାରୀଙ୍କ ଜାଣତରେ ପୋତା ଯାଉଥିବା କହି ଏପରି କରିଥିଲେ ଡେପୁଟି ରେଞ୍ଜର। କିନ୍ତୁ ଘଟଣା ପ୍ରଘଟ ଭୟରେ କାଡାପାନା ନର୍ସରୀରୁ ମୃତଦେହକୁ ପୁଣିଥରେ ନେଇ ନିଜ ଗାଁ କେସିଙ୍ଗା ଥାନା କଣ୍ଟେଶର ପଞ୍ଚାୟତର ତହଂସୀର କେନାଲ ନିକଟରେ ପୋତି ଦେଇଥିଲେ। ମୃତ ହାତୀ ଏକ ମାଈ ହାତୀ ହୋଇଥିବା ଅନୁମାନ କରାଯାଉଛି। ଫୋରେନସିକ ଲାବରୁ ରିପୋର୍ଟ ଆସିବା ପରେ ଅଧିକ ସ୍ପଷ୍ଟ ହେବ ବୋଲି ଆରସିସିଏଫ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ୨ ମୃତ

ରାଇରଙ୍ଗପୁର,୨୫।୧ (ସମିସ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅଞ୍ଚଳରେ ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଗୋଟିଏ ବାଇକ୍‌ରେ ୩ ଜଣ ଯାଉଥିବା ବେଳେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଘାଗି ପାହାଡ଼ଭଙ୍ଗା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ୩ଜଣ ଯାକ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ପୁଲିସ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି କରଞ୍ଜିଆ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା।

# ଶ୍ରୀମନ୍ଦିରରେ ଖାକି ପୋଷାକଧାରୀଙ୍କୁ ନେଇ ଦ୍ୱନ୍ଦ୍ୱ

## ଓଡ଼ିଶା ପୁଲିସ ନା ଜଗନ୍ନାଥ ଟେମ୍ପୁଲ ପୁଲିସ ଭକ୍ତ ଜାଣିପାରୁ ନାହାନ୍ତି

ପୁରୀ,୨୫।୧(ସମିସ): ସାଧାରଣତଃ ଖାକି ପୋଷାକ କଥା ଉଠିଲେ ସମସ୍ତଙ୍କ ଆଖି ସାମ୍ନାକୁ ପୁଲିସଙ୍କ ଚିତ୍ର ଚାଲିଆସେ। ଅର୍ଥାତ୍ ଖାକି ମାନେହିଁ ପୁଲିସ ବୋଲି ସମସ୍ତଙ୍କର ଧାରଣା ରହିଛି। ଏହା ବି ଠିକ୍। ଏହାଛଡ଼ା ଆଉ କିଛି ବର୍ଗର କର୍ମଚାରୀଙ୍କୁ ମଧ ଖାକି ପୋଷାରେ ଦେଖିବାକୁ ମିଳେ। ହେଲେ ଶ୍ରୀମନ୍ଦିର ପରିସରରେ ଓଡ଼ିଶା ପୁଲିସଙ୍କ ବ୍ୟତୀତ ଜେଟିପି (ଜଗନ୍ନାଥ ଟେମ୍ପୁଲ ପୁଲିସ) ମାନେ ମଧ ଏହି ଖାକି ପୋଷାକ ପରିଧାନ କରୁଛନ୍ତି। ବାସ୍ତବରେ ଜେଟିପିମାନେ ଖାକି ପୋଷାକ ପିନ୍ଧିବା କଥା କି ନୁହେଁ, ସେନେଇ କୌଣସି ନିର୍ଦ୍ଦିଷ୍ଟ ନିୟମ ନ ଥିଲେ ମଧ ଜେଟିପି କିନ୍ତୁ ପିନ୍ଧୁଛନ୍ତି। ହେଲେ ସେମାନଙ୍କୁ ନେଇ ମନ୍ଦିର ଭିତରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିଥିଲେ ଦୋଷ ପୁଲିସଙ୍କୁ ହିଁ ଦିଆଯାଉଛି। ଅର୍ଥାତ୍ ସେଠି ବଦ୍‌ନାମ ହେଉଛି ଓଡ଼ିଶା ପୁଲିସ। ବାହାରୁ ଆସୁଥିବା ଭକ୍ତ ଓଡ଼ିଶା ପୁଲିସ ଏବଂ ଜେଟିପିଙ୍କ ମଧ୍ୟରେ ଫରକ୍ ଜାଣିବା ସମ୍ଭବ ନୁହେଁ। ଫଳରେ ଜେଟିପିଙ୍କ ଖାକି ପୋଷାକ ପରିଧାନକୁ ନେଇ ଏମିତି ଦ୍ୱନ୍ଦ୍ୱ ଉପୁଜୁଛି।

ଗତ ଶୁକ୍ରବାର ରାତିରେ ନାଟମଣ୍ଡପରେ ଜଣେ ନାବାଳକଙ୍କୁ ମାଡ଼ ମାରିବା ଫଳରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୁଲିସ ପୁଅର କାନମୁଣ୍ଡାକୁ ବାଡ଼େଇଥିଲା ବୋଲି କହିଥିଲେ। ଯେହେତୁ ଶ୍ରୀମନ୍ଦିର ଭିତରେ ଓଡ଼ିଶା ପୁଲିସ ଏବଂ ଜେଟିପି ଉଭୟ ମାଟିଆ ବା ଖାକି ପୋଷକ ପିନ୍ଧୁଛନ୍ତି, ବାସ୍ତବରେ କିଏ ବାଡେଇଥିଲା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମନ୍ଦିର ଭିତରେ ଖାକି ପୋଷାକଧାରୀଙ୍କୁ ନେଇ ଏମିତି ଏକାଧିକ ଅପ୍ରୀତିକର ଘଟଣା ଘଟିଛି। ଭକ୍ତମାନେ ହଠାତ୍ ସେମାନଙ୍କୁ ଜାଣିବା ସମ୍ଭବ ହେଉନାହିଁ। ତେଣୁ ଜେଟିପିଙ୍କୁ ଖାକି ପୋଷାକ ନୁହେଁ, ସେମାନଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ଡ୍ରେସକୋଡ୍ କରିବାକୁ ପୁଲିସଙ୍କ ମଧ୍ୟରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି।

ଜେଟିପି ବା ଜଗନ୍ନାଥ ଟେମ୍ପୁଲ ପୁଲିସ ଶ୍ରୀମନ୍ଦିର ଭିତରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ କାମ କରୁଛନ୍ତି। ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବେ କିପରି ସମ୍ପାଦନ ହେବ, ପରୋକ୍ଷରେ ମଧ ସେମାନଙ୍କର ସହଯୋଗ ରହିଥାଏ। ଓଡ଼ିଶା ପୁଲିସ ମନ୍ଦିର ଭିତରେ ଓ ବାହାରେ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥାଏ। ଏଥିସହ ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ, ଭକ୍ତ କିପରି ଲୁଟ୍‌ର ଶିକାର ନ ହେବେ, କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ତାହାର ସମାଧାନ ସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ ଡ୍ୟୁଟି କରିଥାନ୍ତି। ହେଲେ ଉଭୟ ଖାକି ପୋଷାକ ପରିଧାନ କରୁଥିବାରୁ ସେମାନଙ୍କୁ ଚିହ୍ନଟ କରିବାରେ ବେଳେ ବେଳେ ଦ୍ୱନ୍ଦ୍ୱ ଉପୁଜିଥାଏ।

ଶୁକ୍ରବାର ରାତିରେ ନାବାଳକଙ୍କୁ ମାଡ଼ ମରାଯିବା ଅଭିଯୋଗକୁ ନେଇ ଏମିତି ଦ୍ୱନ୍ଦ୍ୱ ରହିଛି। ବାସ୍ତବରେ ତାଙ୍କୁ କିଏ ବାଡେଇଥିଲା ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିନାହିଁ। ସେହିପରି କିଛି ମାସ ପୂର୍ବରୁ ଆଉ ଏକ ଘଟଣା ସାମ୍ନାକୁ ଆସିଥିଲା। ନବ ନିଯୁକ୍ତ ଜଣେ ଜେଟିପି ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଭିଡିଓ ଭାଇରାଲ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଜଣେ ଗୁମାସ୍ତାଠାରୁ ସେ ଲାଞ୍ଚ ନେଉଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି।

# ସମ୍ବଲପୁର ପୁସ୍ତକ ମେଳାରେ ପୁଲିସର ଲାଠିଚାର୍ଜ

ସମ୍ବଲପୁର, ୨୫।୧ (ସମିସ): ପୁସ୍ତକ ମେଳାରେ ପୁଲିସର ଲାଠିଚାର୍ଜ। ଶୁଣିବାକୁ ଅସହଜ ଲାଗୁଥିଲେ ବି କଥାଟା ସତ। ଶନିବାର ସମ୍ବଲପୁର ପୁସ୍ତକ ମେଳା ପଡ଼ିଆରେ ଏପରି ଏକ ଅପ୍ରୀତିକର ଘଟଣା ଘଟିଛି। ଅସମ୍ଭାଳ ଭିଡ଼କୁ ପୁଲିସ ନିୟନ୍ତ୍ରଣ କରିନପାରି ଲାଠିଚାର୍ଜ କରିଛି।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାସନାଲ ବୁକ୍ ଅଫ୍ ଟ୍ରଷ୍ଟ (ଏନ୍‌ବିଟି) ଓ ସେତୁ ମିଳିତ ଉଦ୍ୟମରେ ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ୨୬ତମ ପୁସ୍ତକ ମେଳା ଆୟୋଜିତ ହୋଇଛି। ଏହି ମେଳା ଶନିବାର ଦିନ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଦିନ ପଶ୍ଚିମାଞ୍ଚଳର ଜଣେ କଣ୍ଠଶିଳ୍ପୀ ଆସିଥିଲେ। ତାଙ୍କର ଗୀତ ଶୁଣିବାକୁ ବହୁ ସଂଖ୍ୟାରେ ଯୁବପିଢ଼ି ସେଠାକୁ ଆସିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବାର କିଛି ସମୟ ପରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଉପସ୍ଥିତ ଦର୍ଶକ ନିଜ ସ୍ଥାନରେ ନାଚିବା ସହ ଚେୟାର୍ ଉପରେ ଚଢ଼ିଥିଲେ। ପରେ ଚେୟାର୍ ଫିଙ୍ଗାଫିଙ୍ଗି ମଧ୍ୟ ହୋଇଥିଲା। ଏହାକୁ ରୋକିବାକୁ ପୁଲିସ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ବାଧ୍ୟ ହୋଇ ପୁଲିସ ଲାଠିଚାର୍ଜ କରି ପୁସ୍ତକ ମେଳାକୁ ରଣକ୍ଷେତ୍ର ସଜାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ପୁଲିସ କାହିଁକି ଭିଡ଼ ନିୟନ୍ତ୍ରଣ କରିପାରିଲା ନାହିଁ। ଉଦ୍‌ଘାଟନୀ ଦିନ ଆସିଥିବା କଣ୍ଠଶିଳ୍ପୀ କିଛି ଦିନ ପୂର୍ବରୁ ଭେଡେନ ରାମଲିଳା କାର୍ଯ୍ୟକ୍ରମକୁ ଯାଇଥିଲେ। ସେଠାରେ ମଧ୍ୟ ଏହି ସମାନ ଘଟଣା ଘଟିଥିଲା। କଣ୍ଠଶିଳ୍ପୀଙ୍କ ଗୀତରେ ଦର୍ଶକ ଅଧିକ ଉତ୍ତେଜିତ ହେଉଛନ୍ତି, ଏପରିକି ନାଚିବାକୁ ମଧ୍ୟ କୁହାଯାଉଛି। ଫଳରେ ଏପରି ସମସ୍ୟା ଦେଖାଯାଉଛି। ଭେଡେନ ଏହି ସମାନ ଘଟଣା ଘଟିଥିଲା। ଭିଡ଼ ନିୟନ୍ତ୍ରଣ କରି ନପାରି ପୁଲିସ ଲାଠିଚାର୍ଜ କରିଥିଲା। ଉଦ୍‌ଘାଟନୀ ଦିନ ସେହି କଣ୍ଠଶିଳ୍ପୀ ସମ୍ବଲପୁର ଆସିବେ ବୋଲି ପୁଲିସ ପାଖରେ ଖବର ରହିଥିଲା। ଏତେ ବଡ଼ କାର୍ଯ୍ୟକ୍ରମରେ ଏଭଳି ଏଘଟଣକୁ ସାଧାରଣରେ ନିନ୍ଦା କରାଯାଇଛି। ଉପଯୁକ୍ତ ପୁଲିସ କର୍ମଚାରୀ ଥାଇ ମଧ୍ୟ ଏପରି ଘଟଣା କିପରି ଘଟିଲା ତାହା ପ୍ରଶ୍ନ ଘେରରେ। ସେପଟେ ଜିଲ୍ଲା ଲୋକ ମହୋତ୍ସବ ବେଳେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦିଆଯାଉଛି। ତେଣୁ ପୁସ୍ତକ ମେଳାରେ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ। ପୁସ୍ତକ ମେଳାରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ।

**ମୀନ:** ଦିନଟି ଉତ୍ସାହଜନକ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ପାରିବାରିକ ଜୀବନ ସୁଖମୟ ହେବ।

## ଓଲିଉଡ୍ ଦେଲା ଅଭିଜିତ୍‌ଙ୍କୁ ଅଶ୍ରୁଳ ବିଦାୟ

# ଦାଦା'ଙ୍କ ଛୁଟି ଦରଖାସ୍ତ ମଞ୍ଜୁର

"ମାନନୀୟ ଜଗନ୍ନାଥ, ଆହେ ମାନ୍ୟବର...ମଞ୍ଜୁର କରହେ' ଛୁଟି ଦରଖାସ୍ତ ମୋର.., ଜଞ୍ଜାଳ ଜାଲରେ' ହେଲାଣି ଘାଣ୍ଟି, ଏଥର ମଣିମା ଦିଅ ହେ'ଛୁଟି.... ଆହେ ଥକା ନେବି ସ୍ୱର୍ଗଦ୍ୱାରେ ଏହି ଦୟା କର...

ଦୀର୍ଘ ୫ ମାସର ଜୀବନ ଯୁଦ୍ଧରେ ଶେଷରେ ହାରିଯାଇ କୋଟି କୈବଲ୍ୟନାଥ ତଥା କୋଟି ଓଡ଼ିଆର ମଉଡ଼ମଣି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ଚିରଦିନ ପାଇଁ ଛୁଟି ଦରଖାସ୍ତ ମଞ୍ଜୁର କରି ନେଲେ ଓଲିଉଡ୍‌ର ମେଲୋଡି-କିଙ୍ଗ୍ ଅଭିଜିତ୍ ମଜୁମଦାର୍। ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ଦେହାନ୍ତ ହୋଇଛି। ଅକାଳରେ ଦାଦାଙ୍କ ବିୟୋଗରେ ଝୁରି ହେଉଛନ୍ତି ସମସ୍ତେ। ହତବାକ୍ ହୋଇଯାଇଛି ଓଲିଉଡ୍। ଲୁହରେ ଦେଇଛି ଶେଷ ଶ୍ରଦ୍ଧାଞ୍ଜଳି..ଆଉ ପୁରୀ ସ୍ୱର୍ଗଦ୍ୱାରରେ ଚିରଦିନ ପାଇଁ ଥକା ନେଇଛନ୍ତି ଅଭିଜିତ୍ ଦାଦା'"





କଟକ,୨୫।୧(ସମିସ): ଓଲିଉଡ୍‌ର ମେଲୋଡି-କିଙ୍ଗ୍ ତଥା ସଂଗୀତ ଜଗତର ବେତାଜ୍ ବାଦ୍‌ଶାହ ଅଭିଜିତ ମଜୁମ୍‌ଦାରଙ୍କ ଦୀର୍ଘ ୫ ମାସର ଜୀବନ ଯୁଦ୍ଧରେ ଆଜି ସକାଳୁ ସକାଳୁ ପଡ଼ିଥିଲା ଦୁଃଖ'ର କୋହଭରା ଯବନିକା। ସକାଳ ୯ଟା ୨ ମିନିଟରେ ସମସ୍ତଙ୍କୁ ପର କରିଦେଇ ଆରପାରିକୁ ଚାଲି ଯାଇଥିଲେ ଅଭିଜିତ ଦାଦା'। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ୫୪ବର୍ଷ ବୟସରେ ଆଖି ବୁଜିଦେଇଥିଲେ ସାଢ଼େ ଚାରି କୋଟି ଓଡ଼ିଆଙ୍କର ଅତିପ୍ରିୟର' ଦାଦା। ଡାକ୍ତରଙ୍କ ସୂଚନା ଅନୁସାରେ, ଧୀରେଧୀରେ ସୁସ୍ଥ ହେଉଥିବା ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା, ଗତ ୨୩ ତାରିଖରେ ଅଧିକ ବିଗିଡ଼ିଯାଇଥିଲା। ଆଜି ସକାଳେ ହୃଦ୍‌ଘାତ ଆସିବା ପରେ ଡାକ୍ତରଙ୍କ ସବୁ ଚେଷ୍ଟା ସତ୍ତ୍ୱେ ଆଉ ବଞ୍ଚାଇବା ସମ୍ଭବପର ହୋଇନଥିଲା। ଅଭିଜିତଙ୍କ ଦେହାନ୍ତ ଖବର ଶୁଣୁଶୁଣୁ ଡାକ୍ତରଖାନାକୁ ଛୁଟିଥିଲା ଆତ୍ମୀୟ, ସହକର୍ମୀ ଓ ପ୍ରଶଂସକଙ୍କ ସୁଅ। ସମସ୍ତଙ୍କ ଆଖିରେ ଲୁହ, ଆଉ ମନରେ ଗୋଟିଏ ପ୍ରଶ୍ନ- ଦାଦା, ଏମିତି କଣ ଚାଲିଯିବାର ଥିଲା? ସତରେ ପର' କରି ଅଫେରା ରାଇଜର ଅତିଥି ହୋଇଗଲେ ଅଭିଜିତ୍।

ଏମ୍ସରୁ ସିଧା ଅଭିଜିତ୍‌ଙ୍କ ମରଶରୀରକୁ ନିଆଯାଇଥିଲା କଟକର ଏମ୍‌ଆର୍‌ଆର୍ ଷ୍ଟୁଡିଓକୁ। ଏଇଠୁ ଜୀବନର ସଂଗୀତ ଯାତ୍ରା ଆରମ୍ଭ କରିଥିଲେ

- ଝାଞ୍ଜିର ମଙ୍ଗଳା ମନ୍ଦିରରୁ ସିନ୍ଦୂର ଓ ଲୁଗା ଦାଦା'ଙ୍କ ମରଶରୀରରେ ଲାଗିଲା
- ଅନ୍ତରା, ସତ୍ୟଜିତ, ତାରିକ୍ ଓ ସ୍ୱୟମ୍ ଗୀତରେ ଦେଲେ ଶ୍ରଦ୍ଧାଞ୍ଜଳି
- ଏମ୍‌ଆର୍‌ଆର୍ ଷ୍ଟୁଡିଓରେ ଦାଦା'ଙ୍କୁ ସଂଗୀତ ପ୍ରେମୀ କଲେ ଶେଷ ଦର୍ଶନ

ଅଭିଜିତ୍। ଷ୍ଟୁଡିଓ ପରିସରରେ ଅନେକ କଣ୍ଠଶିଳ୍ପୀ, ସଂଗୀତ ନିର୍ଦ୍ଦେଶକ, କଳାକାର ଓ ପ୍ରଶଂସକ ଅଭିଜିତଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦାଦାଙ୍କୁ ମନେ ପକାଇଥିଲେ ଆଉ ତାଙ୍କରି ଗୀତରେ ଗୁଣୁଗୁଣୁ ହୋଇ ଲୁହ ଢାଳିଥିଲେ। କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ ଏବଂ ସ୍ୱୟଂମ୍ ପାଢ଼ୀ ଅଭିଜିତ୍‌ଙ୍କ ମରଶରୀର ନିକଟରେ 'ମାନନୀୟ ଜଗନ୍ନାଥ' ସଂଗୀତ ଗାଇ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ଏମ୍‌ଆରଆର୍ ଷ୍ଟୁଡିଓରୁ ଦାଦା'ଙ୍କ ମରଶରୀର ନିଆଯାଇ ବକ୍ସିବଜାରସ୍ଥିତ ବାସଭବନରେ ପହଞ୍ଚିଥିଲା। ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ଲାଗିଥିଲା ଅଭିଜିତ୍ ପ୍ରେମୀଙ୍କ ସମାଗମ। ପଡୋଶୀଙ୍କଠୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ, ସମସ୍ତେ ଆଧୁନିକ ସଂଗୀତ ଯାଦୁଗରଙ୍କ ଶେଷଦର୍ଶନ କରି ଅଲ୍‌ବିଦା ଜଣାଇଥିଲେ। ଛଳଛଳ ଆଖିରେ ଆଜି ସାରା ଓଡ଼ିଶା କହୁଛି, ଦାଦା-ତମେ ପରା କହୁଥିଲ, ରାତି ଛୋଟକୁ ଏଠି ସପନ ବେଶି? ସତରେ ଓଡ଼ିଆ ସଂଗୀତ ପ୍ରେମୀଙ୍କ ସପନ ବେଶି ହୋଇଗଲା। ପୁଣି କହୁଥିଲ ପରା' ଲଭ୍ ପାଇଁ କୁଛ ଭି କରେଗା। ହେଲେ କେମିତି ଓଡ଼ିଆଙ୍କ ଭଲପାଇବାକୁ ଭାଙ୍ଗିଦେଇ ଚାଲିଗଲ ? ତୁମେ ଶରୀରରେ ସିନା ଓଡ଼ିଆଙ୍କ ପାଖରେ ନାହିଁ, ହେଲେ ତୁମର ଅକ୍ଷୟ, ଅମର ସ୍ୱର'ରେ ବଞ୍ଚିରହିବ ଏ ସଂଗୀତ ଥିବା ଯାଏଁ। ପ୍ରତି ହୃଦୟରେ, ପ୍ରତି ନିଃଶ୍ୱାସରେ ସ୍ୱରର ଚିରଞ୍ଜୀବୀ ସାଜି ସାଇତା ହୋଇରହିବ ଏ ପୃଥିବୀ ଥିବା ପର୍ଯ୍ୟନ୍ତ। ଅଲ୍‌ବିଦା ଅଭିଜିତ୍ ଦାଦା...ଅଲବିଦା....। ଏତେ ଅଳ୍ପ ବୟସରେ ଅଭିଜିତ୍ ଆଖି ବୁଜିଦେଲେ। ସମ୍ବଲପୁରରୁ ସଂଗୀତ କରିବା ପାଇଁ କଟକ ସହରର ଝାଞ୍ଜରୀ ମଙ୍ଗଳାକୁ ପ୍ରଥମେ ବାସସ୍ଥାନ ଭାବେ ବାଛି ନେଇଥିଲେ। ଆରାଧ୍ୟଦେବୀ ଝାଞ୍ଜିରୀ ମଙ୍ଗଳା ମା'ଙ୍କୁ ପ୍ରତି କ୍ଷଣରେ ମନେପକାଉଥିବା ଅଭିଜିତ୍‌ଙ୍କ ପାର୍ଥିବ ଶରୀର ପୁରୀ ସ୍ୱର୍ଗଦ୍ୱାର ଯିବା ପୂର୍ବରୁ ମା'ଙ୍କ ସିନ୍ଦୂର ଓ ଲୁଗା ତାଙ୍କ ଦେହରେ ଘୋଡାଯାଇଥିଲା। ନିସ୍ତବ୍ଧ ଆମ୍ବୁଲାନ୍ସ ଭିତରୁ ଶୁଭୁଥିଲା, ତୁ ଥା' ମୁଁ ଯାଉଛି ରଷି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୧.୯୬ ● ପାଉଣ୍ଡ ୧୨୩.୩୯
- ୟୁରୋ ୧୦୭.୪୬ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୬୦,୨୬୦ (ନୂଆଦିଲ୍ଲୀ)
- ରୁପା : ୩,୩୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୫୩୭.୦୦
- ନିଫ୍ଟି ୨୫,୦୪୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)


- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବଜେଟ ପରେ କମିବ ସୁନା, ରୁପା ଦର

**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି):** ସମ୍ପ୍ରତି ସୁନା ଏବଂ ରୂପା ମୂଲ୍ୟ ସର୍ବକାଳୀନ ଉଚ୍ଚ ସ୍ତରରେ ରହିଛି। ଶୁକ୍ରବାର ସୁନାର ମୂଲ୍ୟ ୧୦ ଗ୍ରାମ ୧,୫୫,୯୬୩ ଟଙ୍କା ଏବଂ ରୁପା ମୂଲ୍ୟ କିଲୋ ପିଛା ୩,୩୪,୬୦୦ ଟଙ୍କା ରହିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। କରଦାତା ଏବଂ ସାଧାରଣ ଜନତା ଉଭୟ ଏହି ବଜେଟ ଉପରେ ଉଚ୍ଚ ଆଶା ରଖିଛନ୍ତି। ଏହା ବିଶ୍ୱାସ କରାଯାଉଛି ଯେ ବଜେଟ୍ ପରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇପାରେ। କମୋଡିଟି ବଜାର ଅଂଶଗ୍ରହଣକାରୀମାନେ ବଜେଟରେ ପରିବର୍ତ୍ତନ ପାଇଁ ଡାକୁଛନ୍ତି, ଯାହା ରପ୍ତାନି ବୃଦ୍ଧି କରି ସୁନା ଏବଂ ରୂପା ମୂଲ୍ୟ ହ୍ରାସ କରିବ। ଗ୍ରୀନଲ୍ୟାଣ୍ଡ ଉତ୍ତେଜନା, ଡଲାରର ଦୁର୍ବଳତା ଏବଂ ଆମେରିକା ଫେଡେରାଲ୍ ରିଜର୍ଭ ଉପରେ ବଢ଼ୁଥିବା ଚାପ ସମେତ ଅନେକ ବିଶ୍ୱସ୍ତରୀୟ ଉତ୍ତେଜନା ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପଛରେ ରହିଛି। ଏହି କାରଣଗୁଡ଼ିକ ବଜାରରେ ଅନିଶ୍ଚିତତା ବୃଦ୍ଧି କରୁଛନ୍ତି। ଏହା ବ୍ୟତୀତ, ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ସ୍ୱର୍ଣ୍ଣ ଅଳଙ୍କାର ଉପରେ ଜିଏସ୍‌ଟି ମଧ୍ୟ ହ୍ରାସ କରାଯିବା ଉଚିତ। ବର୍ତ୍ତମାନ, ଦେଶରେ ସ୍ୱର୍ଣ୍ଣ ଅଳଙ୍କାର ୩% ଜିଏସ୍‌ଟି ଲାଗୁଛି। ତଥାପି, ଏହି ଜଏସ୍‌ଟି ହାର ହ୍ରାସ କରିବାକୁ ଦାବି ହେଉଛି, ଯାହା ଦ୍ୱାରା ସାଧାରଣ ଜନତା ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧିରେ ଆଶ୍ୱସ୍ତି ପାଇପାରିବେ। ଜିଏସ୍‌ଟି ହାର ହ୍ରାସ କରିବା ଦ୍ୱାରା ଅଳଙ୍କାର ମୂଲ୍ୟ ମଧ୍ୟ ହ୍ରାସ ପାଇବ।

**ସ୍ୱର୍ଣ୍ଣ ଅଳଙ୍କାର ଉପରୁ କମିପାରେ ଜିଏସ୍‌ଟି**




# ଜାତୀୟ ବିଦ୍ୟୁତ୍ ମାନ୍ୟତାରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ର ସଫଳତା

**ଭୁବନେଶ୍ୱର, ୨୫ା୧(ସମିସ):** ଶକ୍ତି କ୍ଷେତ୍ରରେ ଓଡ଼ିଶାର ସଫଳତା ପୁଣି ଥରେ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ ଆର୍ଥିକବର୍ଷର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଙ୍ଗ୍ ରିପୋର୍ଟ ରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସାରା ଦେଶର ୬୫ଟି ବିଦ୍ୟୁତ ବିତରଣ ସଂସ୍ଥାକୁ ନେଇ କରାଯାଇଥିବା ଏହି ସର୍ଭେରେ ଓଡ଼ିଶାର ଡିସକମ୍ ଗୁଡ଼ିକ ଉତ୍ତମ ପ୍ରଦର୍ଶନ କରି ନିଜର ସ୍ଥିତିକୁ ସୁଦୃଢ଼ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଟାଟା ପାୱାର ପରିଚାଳିତ ଏହି ସଂସ୍ଥାଗୁଡ଼ିକ ଲଗାତାର ତୃତୀୟ ବର୍ଷ ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଜାତୀୟ ସ୍ତରରେ ଓଡ଼ିଶାର ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ଚମତ୍କାର ପ୍ରଦର୍ଶନ କରି ଦେଶର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ୯ମ ସ୍ଥାନ ହାସଲ କରିଛି। ଓଡ଼ିଶା ପାଇଁ ଏହା ଏକ ଗୌରବର ବିଷୟ ଯେ, ଟିପିଏନ୍‌ଓଡିଏଲ୍ ଏବଂ ଟିପିସିଓଡିଏଲ୍ ଉଭୟ ସେମାନଙ୍କର ସମ୍ମାନଜନକ 'ଏ+' ଗ୍ରେଡ୍ ବଜାୟ ରଖିବାରେ ସଫଳ ହୋଇଥିବା ବେଳେ ଟିପିଡବ୍ଲୁଓଡିଏଲ୍ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ 'ଏ' ଗ୍ରେଡ୍ ହାସଲ କରିଛି।

## ଭାରତରେ ୟୁରୋପ କମିସନ ଅଧ୍ୟକ୍ଷ

# ମୁକ୍ତ ବାଣିଜ୍ୟ ଓ ପ୍ରତିରକ୍ଷା ଚୁକ୍ତିରେ ଲାଗିବ ମୋହର

**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି)**



ଭାରତ ଏବଂ ଆମେରିକା ମଧ୍ୟରେ ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତି ଉପରେ ସହମତି ହୋଇପାରିଲାନାହିଁ। ଜାନୁଆରୀ ୨୭ ତଥା ସୋମବାର ସ୍ୱାକ୍ଷର ହେବ 'ମଦର ଅଫ୍ ଅଲ୍ ଡିଲ୍'। ଏହି ଚୁକ୍ତି ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ସ୍ୱାକ୍ଷର କରାଯିବ। ଆମେରିକାର ଉଚ୍ଚ ଶୁଳ୍କ ଯୋଗୁଁ ବିଶ୍ୱ ବାଣିଜ୍ୟରେ ଚାଲିଥିବା ବାଧା ମଧ୍ୟରେ ଏହି ଚୁକ୍ତିନାମା ଦୁଇ କ୍ଷେତ୍ର ମଧ୍ୟରେ ଆର୍ଥିକ ସମ୍ପର୍କକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଦୀର୍ଘ ୧୮ ବର୍ଷର ଅପେକ୍ଷା ପରେ ଭାରତ-ଇୟୁ ଚୁକ୍ତିନାମା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦୭ରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଆରମ୍ଭ ହୋଇଥିଲା। ଏଠାରେ ଅନୁଷ୍ଠିତ ହେଉଥିବା ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ସମୟରେ ଆଲୋଚନାର ସମାପ୍ତି ଘୋଷଣା କରାଯିବ।

**୧୮ ବର୍ଷ ପରେ ସ୍ୱାକ୍ଷର ହେବ 'ମଦର ଅଫ୍ ଅଲ୍ ଡିଲ୍'**


ୟୁରୋପୀୟ କମିଶନ୍ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଜାନୁଆରୀ ୨୪ଠାରୁ ଚାରି ଦିନିଆ ଗସ୍ତରେ ଭାରତ ଆସିଛନ୍ତି। ସେ ଜାନୁଆରୀ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ସହ ଶିଖର ଆଲୋଚନା କରିବେ। ଏହି ସପ୍ତାହରେ ଆଲୋଚନା ସମାପ୍ତ ହେବାର ଘୋଷଣା କରାଯିବାବେଳେ, ଆଇନଗତ ସମୀକ୍ଷା ପରେ ଚିଠା ଚୁକ୍ତିନାମା ପାରସ୍ପରିକ ସହମତିରେ ସ୍ୱାକ୍ଷରିତ ହେବ।

ଏହି ଚୁକ୍ତିନାମା ଅନୁଯାୟୀ, ଉଭୟ ପକ୍ଷ ସେମାନଙ୍କ ମଧ୍ୟରେ ବାଣିଜ୍ୟ ହେଉଥିବା ୯୦ ପ୍ରତିଶତରୁ ଅଧିକ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କିମ୍ବା ସମାପ୍ତ କରିବେ। କପଡ଼ା ଏବଂ ଫୁଟ୍‌ୱେର ଭଳି ଶ୍ରମ-ସଘନ କ୍ଷେତ୍ରର ଉତ୍ପାଦ ଉପରେ ଶୁଳ୍କ ପ୍ରଥମ ଦିନରୁ ଉଚ୍ଛେଦ କରାଯାଇପାରେ, ଯେତେବେଳେ କି ଅନ୍ୟ କିଛି ସାମଗ୍ରୀ ଉପରେ ଶୁଳ୍କ ୫ରୁ ୧୦ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରାଯିବ। ଏହି ଚୁକ୍ତିନାମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ ବିଶ୍ୱ ବାଣିଜ୍ୟ ପ୍ରବାହକୁ ପ୍ରଭାବିତ କରିଛି। ଭାରତ ବର୍ତ୍ତମାନ ସେଠାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ଶୁଳ୍କ ସମ୍ମୁଖୀନ ହେଉଛି। ଏହି ଏଫ୍‌ଟିଏ ଭାରତୀୟ ରପ୍ତାନିକାରୀମାନଙ୍କୁ ସେମାନଙ୍କର ବଜାରକୁ ବିବିଧ କରିବା ଏବଂ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

ଏହି ଚୁକ୍ତିନାମା ମାଧ୍ୟମରେ ଭାରତ ବୟନଶିଳ୍ପ, ଚମଡା ଏବଂ ହସ୍ତତନ୍ତ ଭଳି କ୍ଷେତ୍ର ପାଇଁ ଶୂନ୍ୟ-ଶୁଳ୍କ ବଜାର ପ୍ରବେଶ ଚାହୁଁଛି। ଏହି ସମୟରେ, ଇୟୁ ଏହାର ଅଟୋମୋବାଇଲ୍ ରପ୍ତାନି, ମଦ ଏବଂ ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନ କ୍ଷେତ୍ର ପାଇଁ ଭାରତୀୟ ବଜାରକୁ ଅଧିକ ପ୍ରବେଶ ଚାହୁଁଛି। କ୍ଷୁଦ୍ର ଏବଂ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ବର୍ତ୍ତମାନ ଏହି ଚୁକ୍ତିନାମାରୁ ବାଦ୍ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଇୟୁ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ୨୦୨୪-୨୫ ଆର୍ଥିକବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୩୬.୫୩ ବିଲିୟନ ଡଲାର ଆକଳନ କରାଯାଇଥିଲା, ଯେଉଁଥିରେ ଭାରତର ରପ୍ତାନି ୭୫.୮୫ ବିଲିୟନ ଡଲାର ଏବଂ ଆମଦାନୀ ୬୦.୬୮ ବିଲିୟନ ଡଲାର ରହିଛି। ଏହା ବ୍ୟତୀତ, ଇୟୁ ମଧ୍ୟ ଭାରତରେ ଏକ ପ୍ରମୁଖ ନିବେଶକ। ଏପ୍ରିଲ ୨୦୦୦ ରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ଇୟୁରୁ ଭାରତକୁ ୧୧୭.୪ ବିଲିୟନ ଡଲାରର ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଆସିଛି।

# ହ୍ୱାଟ୍ସଆପ୍‌ର ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ୍ ଉପରେ ପ୍ରଶ୍ନ

**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି):** ବିଶ୍ୱର ସବୁଠାରୁ ଲୋକପ୍ରିୟ ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ର ମୂଳ କମ୍ପାନୀ ମେଟା ପୁଣି ଥରେ ଗୋପନୀୟତା ସମ୍ବନ୍ଧୀୟ ଅଭିଯୋଗର ସମ୍ମୁଖୀନ ହେଉଛି। ସାନ ଫ୍ରାନ୍ସିସ୍କୋର ଏକ ଫେଡେରାଲ୍ କୋର୍ଟରେ ଦାୟର ଏକ ନୂତନ ମାମଲା ଦାବି କରିଛି ଯେ କମ୍ପାନୀ ବ୍ୟବହାରକାରୀଙ୍କ ଚାଟ୍ ମଧ୍ୟ ଆକ୍ସେସ୍ କରିପାରିବ, ଯାହାକୁ ସେ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ଟେଡ୍ (ଇ୨ଇ) ବୋଲି କହି ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଦାବି କରୁଛି। ଅଷ୍ଟ୍ରେଲିଆ, ବ୍ରାଜିଲ୍, ଭାରତ, ମେକ୍ସିକୋ ଏବଂ ଦକ୍ଷିଣ ଆଫ୍ରିକାର ଏକ ଗୋଷ୍ଠୀ ଏହି କ୍ଲାସ୍-ଆକ୍ସନ୍ ମାମଲା ଦାୟର କରିଛନ୍ତି। ଆମେରିକାର ଏକ କୋର୍ଟରେ ଦାୟର ହୋଇଥିବା ମାମଲା ଅଭିଯୋଗ କରିଛି ଯେ ମେଟା ଏବଂ ହ୍ୱାଟ୍ସଆପ୍ ସୁରକ୍ଷା ନାମରେ ସେମାନଙ୍କର କୋଟି କୋଟି ବ୍ୟବହାରକାରୀଙ୍କୁ ଭ୍ରମିତ କରୁଛନ୍ତି। ଏହି ମାମଲାରେ ବାଦୀମାନେ ଦାବି କରିଛନ୍ତି ଯେ କମ୍ପାନୀ ପ୍ରାୟ ସମସ୍ତ ବ୍ୟକ୍ତିଗତ କଥାବାର୍ତ୍ତା ସଂରକ୍ଷଣ, ବିଶ୍ଳେଷଣ ଏବଂ ପ୍ରବେଶ କରିବାର କ୍ଷମତା ରଖିଛି।





## ଗଣତନ୍ତ୍ର ଦିବସ ଖର୍ଚ୍ଚ

# ୧୯୫୦ରେ ୧୧ ହଜାର, ୨୦୧୫ରେ ୩୨୦ କୋଟି

**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି)**

ଭାରତ ଏହାର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି। ପ୍ରଥମ ଗଣତନ୍ତ୍ର ଦିବସରେ ରାଜଧାନୀ ନୂଆଦିଲ୍ଲୀରେ ଏକ ସାଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ପ୍ଲେଟ୍ ଏବଂ କଏଦୀମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା। ସେତେବେଳେ ଖର୍ଚ୍ଚ ବହୁତ କମ୍ ଥିଲା। ଏହା ଆଜିର ଜାକଜମକ ଆୟୋଜନ ତୁଳନାରେ ବହୁତ କମ୍ ଖର୍ଚ୍ଚ।

ପ୍ରତିବର୍ଷ ପରି, ଚଳିତଥର ପରେଡ୍‌ରେ ଦେଶର ସାମରିକ ଶକ୍ତି, ସାଂସ୍କୃତିକ ବିବିଧତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ପ୍ରଦର୍ଶନ କରାଯିବ। ସ୍ୱାଧୀନତା ପରଠାରୁ ପ୍ରତିବର୍ଷ ଗଣତନ୍ତ୍ର ଦିବସ ପରେଡ୍ ଅନୁଷ୍ଠିତ ହୋଇଆସୁଛି। ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ୨୦୧୫ ମସିହାରେ ସରକାର ଏଥିପାଇଁ ୩୨୦ କୋଟି ଖର୍ଚ୍ଚ କରିଛନ୍ତି। ତଥାପି, ପ୍ରାରମ୍ଭିକ ଦିନଗୁଡିକରେ ଏହି ଖର୍ଚ୍ଚ ବହୁତ କମ୍ ଥିଲା। ଯେତେବେଳେ ଭାରତ ୧୯୫୦ ମସିହାରେ ପ୍ରଥମ ଗଣତନ୍ତ୍ର ଦିବସ ପାଳନ କରିଥିଲା ସେତେବେଳେ ଏହାର ଆୟୋଜନରେ ମୋଟ ଖର୍ଚ୍ଚ ପ୍ରାୟ ୧୧,୦୯୩ ଟଙ୍କା ଥିଲା। ଏହି ପରିମାଣ ଆଜିର ଏକ ଶସ୍ତା ସ୍ମାର୍ଟଫୋନର ମୂଲ୍ୟ ସହିତ ସମାନ। ତଥାପି, ସମୟ ସହିତ ଏହି ଖର୍ଚ୍ଚ ବହୁ ଗୁଣ ବୃଦ୍ଧି ପାଇଛି। ୧୯୫୬ ରେ ଗଣତନ୍ତ୍ର ଦିବସ ଆୟୋଜନ ଖର୍ଚ୍ଚ ୫,୭୫,୦୦୦ ଟଙ୍କା, ୧୯୭୧ରେ ୧୭,୧୨,୦୦୦ ଟଙ୍କା, ୧୯୭୩ରେ ୨୩,୩୮,୦୦୦ ଏବଂ ୧୯୮୮ରେ ଏ ବାବଦ ଖର୍ଚ୍ଚ ୬୯,୬୯,୧୫୯ ଟଙ୍କା ରେ ପହଞ୍ଚିଥିଲା।








# ନବନିର୍ମିତ ରେଳ ଲାଇନ୍‌ର ଯାଞ୍ଚ କଲେ ରେଳ ସୁରକ୍ଷା କମିସନର



**ଭୁବନେଶ୍ୱର,୨୫ା୧(ସମିସ):** ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ବ୍ରିଜେଶ କୁମାର ମିଶ୍ର ଲାଣ୍ଡା -ଜେମାଦେଇପେଣ୍ଟ ଷ୍ଟେସନ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଛନ୍ତି। ପୂର୍ବତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ୭ .୧୮୧ କିମିର ଦୈର୍ଘ୍ୟ ବିଶିଷ୍ଟ ଏହି ଲାଇନ୍ ଟିଟଲାଗଡ଼-ବିଜିଆନଗରମ୍ ତୃତୀୟ ଲାଇନ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଏକ ପ୍ରମୁଖ ସେତୁ ରହିଛି। ବୈଧାନିକ ଯାଞ୍ଚ ସଫଳତାର ସହ ସମାପ୍ତ ହୋଇଛି, କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ପାସ୍ କରିଛି , ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି ।ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନର ସିଭିଲ୍ ଇଞ୍ଜିନିୟରିଂ, ରେଳ ବିକାଶ ନିଗମ ଲିମିଟେଡ୍, ସଂକେତ ଏବଂ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଏବଂ ଟ୍ରାଫିକ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି ,ଯାହା ଫଳରେ ଏହି ସଫଳତା ହାସଲ ହୋଇପାରିଛି । ୱାଲ୍ଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏବଂ ନିର୍ମାଣ ସଂଗଠନ, ରେଳ ବିକାଶ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ୱାଲ୍ଟେୟାର ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଯାଞ୍ଚରେ ଅଂଶଗ୍ରହଣ କରିଥିଲେ।




## ବୁମ୍‌ରାଙ୍କ ଘାତକ ବୋଲିଂ ପରେ ଅଭିଷେକ, ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ

# ହ୍ୟାଟ୍ରିକ୍ ଜିତ୍ ସହ ଭାରତର ଟି-୨୦ ସିରିଜ୍ କବ୍‌ଜା

ବର୍ଷାପଡ଼ା, ଗୌହାଟୀ, ୨୫।୧(ଏଜେନ୍ସି): ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ପରେ ଅଭିଷେକ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨ଟି ମ୍ୟାଚ୍ ବାକିଥାଇ ଭାରତ ଆଗୁଆ ସିରିଜ୍ ଜିତିନେଇଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଦୁଇଟି ଟି-୨୦ରେ ଭାରତ ଯଥାକ୍ରମେ ୪୮ ରନ୍‌ରେ ୭ ୱିକେଟରେ ଜିତିଥିଲା। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ବିଶାଖାପାଟଣାରେ ଜାନୁଆରୀ ୨୮ ତାରିଖରେ ଖେଳାଯିବ। ଏଠାରେ ୧୪ଟି ବଲ୍‌ରୁ ୫୦ ରନ୍ ପୂରଣ କରି ଅଭିଷେକ ଦ୍ୱିତୀୟ ଦ୍ରୁତତମ ଭାରତୀୟ ଅର୍ଦ୍ଧଶତକ ହାସଲକାରୀ ବିବେଚିତ ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଯୁବରାଜ ସିଂହ ୧୨ଟି ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରି ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୩ ରନ୍ କରିଥିଲା। ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୪୮, ମାର୍କ ଚାପ୍‌ମ୍ୟାନ୍ ୩୨ ଓ ମିଚେଲ ସାଣ୍ଟନର ୨୭ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ଇନିଂସରେ ଚତୁର୍ଥ ବୋଲର ଭାବେ ବୋଲିଂ କରିବାକୁ ଆସିଥିବା ଯଶପ୍ରୀତ୍ ବୁମ୍‌ରା ଘାତକ ବୋଲିଂ କରି ୧୭ ରନ୍‌ରେ ୩ଟି, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବି ବିଷ୍ଣୋଇ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୧୦ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଯୁବ ଓପନର ଅଭିଷେକ ଶର୍ମା ମାତ୍ର ୨୦ ବଲରେ ୭ ଚୌକା ଓ ୫ଛକା ସହ ୬୮ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୬ ବଲ୍‌ରେ ୬ ଚୌକା ଓ ୩ଛକା ସହ ୫୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ତୃତୀୟ ୱିକେଟ ଯୋଡିରେ ୪୦ ବଲ୍‌ରୁ ୧୦୨ ରନ୍ ଉଠାଇ ଭାରତର ବିଜୟ ସହଜ କରିଦେଇଥିଲେ।



ମାତ୍ର ୧୪ ବଲ୍‌ରେ ୫୦ ରନ୍ ପୂରଣ କରିଥିବା ଅଭିଷେକ ୯ମଥର ଲାଗି ୨୫ରୁ କମ୍ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ସୂର୍ଯ୍ୟକୁମାର ଯାଦବଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ସଞ୍ଜୁ ସାମସନ ଖାତା ଖୋଲି ପାରି ନ ଥିଲେ। ସେ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଫେଲ୍ ମାରିଛନ୍ତି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ୧୦ ଓ ୬ ରନ୍ କରିଥିଲେ। ଦ୍ୱିତୀୟ ଖେଳାଳି ଇଶାନ କିସାନ ୧୩ ବଲ୍‌ରେ ୩ ଚୌକା ଓ ୨ଛକା ସହ ୨୮ ରନ୍‌ରେ ଆଉଟ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ଦ୍ୱିତୀୟ ୱିକେଟରେ ଅଭିଷେକଙ୍କ ସହ ୧୯ ବଲରୁ ୫୩ ରନ୍ ଉଠାଇଥିଲେ। ମ୍ୟାଟ ହେନରୀ ଓ ଇସ୍ ସୋଧି ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ୧୫୩/୯, ୨୦ ଓଭର (ଫିଲିପ୍ସ-୪୮, ଚାପ୍‌ମ୍ୟାନ୍-୩୨, ବୁମ୍‌ରା-୩/୧୭, ବିଷ୍ଣୋଇ-୨/୧୮, ପାଣ୍ଡ୍ୟା-୨/୨୩)।

**ଭାରତ:** ୧୫୫/୨, ୧୦ ଓଭର (ଅଭିଷେକ ଶର୍ମା-୬୮*, ସୂର୍ଯ୍ୟକୁମାର- ୫୭*, ଇଶାନ-୨୮, ସାମସନ-୦, ମ୍ୟାଟ୍ ହେନରୀ-୧/୨୮)।

## ୯ କ୍ରୀଡ଼ାବିତ୍‌ଙ୍କୁ ପଦ୍ମ ପୁରସ୍କାର

### ଅମୃତରାଜଙ୍କୁ ପଦ୍ମବିଭୂଷଣ; ରୋହିତ, ହରମନପ୍ରୀତ୍‌ଙ୍କୁ ପଦ୍ମଶ୍ରୀ

ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ବର୍ଷ ୨୦୨୬ ଲାଗି ୧୩୧ଜଣଙ୍କୁ ସମ୍ମାନଜନକ 'ପଦ୍ମ' ପୁରସ୍କାର ପ୍ରଦାନ କରାଯିବ। ୭୭ତମ ସାଧାରଣତନ୍ତ୍ରର ପୂର୍ବ ସନ୍ଧ୍ୟାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୩୧ଜଣ ପୁରସ୍କାର ବିଜେତାଙ୍କ ତାଲିକା ପ୍ରକାଶ କରାଯାଇଥିଲା। ଯେଉଁଥିରେ ୯ଜଣ ବର୍ତ୍ତମାନ ଓ ପୂର୍ବତନ କ୍ରୀଡ଼ାବିତ୍ ରହିଛନ୍ତି। ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ନେତୃତ୍ୱ ନେଉଥିବା ରୋହିତ ଶର୍ମା ଓ ହରମନପ୍ରୀତ୍ କୌରଙ୍କୁ 'ପଦ୍ମଶ୍ରୀ' ସମ୍ମାନ ଲାଗି ମନୋନୀତ କରାଯାଇଛି। ସେହିଭଳି 'ପଦ୍ମଶ୍ରୀ' ଲାଗି ମନୋନୀତ ହୋଇଥିବା ଅନ୍ୟ କ୍ରୀଡ଼ାବିତ୍ ହେଲେ ପାରାଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ପ୍ରବୀଣ କୁମାର, ଭାରତୀୟ ମହିଳା ହକି ଖେଳାଳି ସବିତା ପୁନିଆ, ଭେଟେରାନ ହକି କୋଚ୍ ବଳଦେବ ସିଂହ, କେ ପଜନିଭେଲ ଓ ମାର୍ଶାଲ ଆର୍ଟ୍ସରେ ଭଗବାନଦାସ ରାଇକୱାର। ଗତବର୍ଷ ଇହଲୀଳା ସମ୍ବରଣ କରିଥିବା ଜର୍ଜିଆର ମହାନ ରେସଲିଂ କୋଚ୍ ଭ୍ଲାଦିମିର ମେଷ୍ଟଭିରିଶିଭିଲଙ୍କୁ ମରୋଣୋତ୍ତୋର ଭାବେ 'ପଦ୍ମଶ୍ରୀ' ପ୍ରଦାନ କରାଯିବ। ଦୁଇ ଦଶନ୍ଧି ଧରି ଭାରତୀୟ କୁସ୍ତି ଦଳର ପ୍ରଶିକ୍ଷକ ରହିଥିବା ଭ୍ଲାଦିମିରଙ୍କ ସମୟରେ ଯୋଗେଶ୍ୱର ଦତ୍ତ, ବଜରଙ୍ଗ ପୁନିଆ, ସୁଶୀଲ କୁମାର (୨ଟି) ଅଲିମ୍ପିକ୍ସ ପଦକ ବିଜୟୀ ହୋଇଥିଲେ। ଏକମାତ୍ର କ୍ରୀଡ଼ାବିତ୍‌ଭାବେ ଲିଜେଣ୍ଡ ଟେନିସ ଖେଳାଳି ବିଜୟ ଅମୃତରାଜ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଭୂଷଣ' ପାଇବାକୁ ମନୋନୀତ ହୋଇଛନ୍ତି।


## ପର୍ଥ ସ୍କର୍ଚର୍ସଙ୍କୁ ରେକର୍ଡ ୬ଷ୍ଠ ବିବିଏଲ୍ ଟ୍ରଫି

ପର୍ଥ, ୨୫ ।୧ (ଏଜେନ୍ସି): ପର୍ଥ ସ୍କର୍ଚର୍ସ ରେକର୍ଡ ୬ଷ୍ଠଥର ଲାଗି ବିଗ୍ ବାସ୍ ଲିଗ୍ (ବିବିଏଲ୍) ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ୧୫ତମ ସଂସ୍କରଣର ଫାଇନାଲ୍‌ରେ ପର୍ଥ ୬ ୱିକେଟ୍‌ରେ ସିଡ୍‌ନୀ ସିକ୍ସର୍ସଙ୍କୁ ହରାଇ ଚାମ୍ପିଅନ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଡ୍‌ନୀ ୨୦ ଓଭରରେ ମାତ୍ର ୧୩୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପର୍ଥ ସ୍କର୍ଚର୍ସ ୧୭.୩ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପର୍ଥ ଦଳ ଏଥିପୂର୍ବରୁ ୨୦୧୩, ୨୦୧୪, ୨୦୧୬, ୨୦୨୧ ଓ ୨୦୨୨ରେ ଟାଇଟଲ୍ ଜିତିଥିଲା।

## ଅଷ୍ଟ୍ରେଲିଆନ୍ ଓପନ ଟେନିସ

# କ୍ୱାର୍ଟରରେ ସାବାଲେଙ୍କା, ଆଲ୍‌କାରାଜ

ମେଲବୋର୍ଣ୍ଣ, ୨୫।୧ (ଏଜେନ୍ସି): ଦୁଇ ଟପ୍ ସିଡ ଯଥା ମହିଳା ବିଭାଗର ଆରିନା ସାବାଲେଙ୍କା ଓ ପୁରୁଷ ବିଭାଗରେ କାର୍ଲୋସ ଆଲକାରାଜ ଏଠାରେ ରବିବାର ଖେଳାଯାଇଥିବା ଅଷ୍ଟ୍ରେଲିଆନ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।






ମହିଳା ବିଭାଗରେ ଆଜି ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ସାବାଲେଙ୍କା ୧୭ତମ ସିଡ୍ କନାଡାର ଭିକ୍ଟୋରିଆ ଏମ୍‌ବକୋଙ୍କୁ ୨-୦ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲେ। କ୍ୱାର୍ଟରରେ ତାଙ୍କର ଆମେରିକୀୟ ଖେଳାଳି ଇଭା ଜୋଭିଚ୍‌ଙ୍କ ସହ ମୁକାବିଲା ହେବ। ଜୋଭିଚ୍ ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ୬-୦, ୬-୧ ସିଧାସଳଖ ସେଟ୍‌ରେ କାଜାଖସ୍ଥାନର ୟୁଲିଆ ପୁଟିନ ସୋଭାଙ୍କୁ ପରାସ୍ତ କରିଥିଲେ। ମହିଳା ବିଭାଗର ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର କୋକୋ ଗଫ୍‌ଙ୍କ ସହ ୟୁକ୍ରେନର ଏଲିନା ଭିଟୋଲିନାଙ୍କ ସହ ହେବ। ଆଜି ଖେଳାଯାଇଥିବା ପ୍ରି-କ୍ୱାଟରରେ ଗଫ୍ ୨-୧ରେ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ହରାଇଥିଲେ। ସେହିପରି ପୁରୁଷ ବିଭାଗ କ୍ୱାର୍ଟରରେ ବିଶ୍ୱର ନଂ-୧ ଖେଳାଳି କାର୍ଲୋସ ଆଲକାରାଜଙ୍କ ସହ ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରଙ୍କର ମୁକାବିଲା ହେବ। ସେହିପରି ଗତବର୍ଷର ରନର୍ସ ଅପ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କ ସହ ନଂ-୨୫ ସିଡ୍ ଆମେରିକାର ଲର୍ନର ଟିଏନ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଜ୍ୱେରେଭ୍ ଗତବର୍ଷ ଏଠାରେ ପୁରୁଷ ଏକକରେ ରନର୍ସ ଅପ୍ ହୋଇଥିଲେ। ସେହିପରି ଚତୁର୍ଥ ସିଡ ନୋଭାକ ଜୋକୋଭିଚ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ହକି ଇଣ୍ଡିଆ ଲିଗ୍ ଫାଇନାଲ ଆଜି

### ଟାଇଟଲ୍ ପାଇଁ କଳିଙ୍ଗ ଲାନ୍ସର୍ସ-ରାଞ୍ଚି ରୟାଲ୍ସ ଲଢ଼େଇ

ଭୁବନେଶ୍ୱର, ୨୫।୧ (ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣ ଫାଇନାଲ ମ୍ୟାଚ୍ ସୋମବାର ଖେଳାଯିବ। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ଗ୍ରାଣ୍ଡଫାଇନାଲ ମ୍ୟାଚ୍ ରାତି ୭ଟା ୩୦ରେ ଆରମ୍ଭ ହେବ। ଭୁବନେଶ୍ୱରଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ପ୍ରଥମ ଓ ଶେଷଥର ଲାଗି ୨୦୧୭ରେ ଏହି ସମ୍ମାନଜନକ ଟ୍ରଫି ଜିତିଥିଲା। ଫଳରେ କଳିଙ୍ଗ ନିକଟରେ ଦ୍ୱିତୀୟଥର ଲାଗି ଚାମ୍ପିଅନ ହେବାର ସୁଯୋଗ ରହିଛି। ନେଦରଲାଣ୍ଡ୍ସର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଚଳିତ ଲିଗ୍‌ରେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଛି। ଲିଗ୍ ପର୍ଯ୍ୟାୟରେ ୭ଟି ମ୍ୟାଚରୁ କ୍ରମାଗତ ୬ ବିଜୟ ଓ ଗୋଟିଏ ପରାଜୟ ସହ ଲାନ୍ସର୍ସ ୧୬ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିଥିଲା। ଏହାପରେ ପ୍ରଥମ କ୍ୱାଲିଫାୟରରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ସିଧାସଳଖ ଫାଇନାଲକୁ ପ୍ରବେଶ କରିଥିଲା। ସେହିଭଳି ସୋମବାର ସନ୍ଧ୍ୟା ୫ଟାରେ ଏଚ୍‌ଆଇଏଲ୍ ଜିସି ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ କାଂସ୍ୟ ପଦକ ଲାଗି ଲଢ଼େଇ ହେବ।




## ପୂର୍ବତନ ବିସିସିଆଇ ସଭାପତି ଆଇଏସ୍ ବିନ୍ଦ୍ରାଙ୍କ ପରଲୋକ

ନୂଆଦିଲ୍ଲୀ, ୨୫ ।୧ (ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ବତନ ସଭାପତି ଇନ୍ଦ୍ରଜିତ୍ ସିଂହ ବିନ୍ଦ୍ରାଙ୍କ ରବିବାର ନୂଆଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ଆଇଏସ୍ ଭାବେ ପରିଚିତ ଇନ୍ଦ୍ରଜିତ୍ ୧୯୯୩ରୁ ୧୯୯୬ ପର୍ଯ୍ୟନ୍ତ ବିସିସିଆଇର ସଭାପତି ଦାୟିତ୍ୱ ତୁଲାଇଥିଲେ। ସେହିଭଳି ୧୯୭୮ରୁ ୨୦୧୪ ପର୍ଯ୍ୟନ୍ତ ଦୀର୍ଘ ୩୬ ବର୍ଷ ଧରି ସେ ପଞ୍ଜାବ କ୍ରିକେଟ୍ ଆସୋସିଏସନ (ପିସିଏ)ର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୨୦୧୫ରେ ସେ କ୍ରୀଡ଼ା ପ୍ରଶାସକ ଦାୟିତ୍ୱରୁ ଅବସର ନେଇଥିଲେ। ତାଙ୍କ ସମ୍ମାନାର୍ଥେ ମୋହାଲିସ୍ଥିତ ପିସିଏ ଷ୍ଟାଡିୟମର ନାମକୁ ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ ଭାବେ ପୁନଃନାମିତ କରାଯାଇଥିଲା।

## ସିକେ ନାଇଡୁ ଟ୍ରଫି

# ଇନିଂସ ବିଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୨୫ ।୧ (ସମିସ): ବଲାଙ୍ଗିରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହରିୟାଣା ବିପକ୍ଷରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଇନିଂସ ବିଜୟ ସମ୍ଭାବନା ସୃଷ୍ଟି କରିଛି।


ସାଇଦୀପ୍ ମହାପାତ୍ର


ଆଶୀର୍ବାଦ ସ୍ୱାଇଁ

୩୩୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ହରିୟାଣା ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍‌ରେ ୧୨୬ ରନ ସଂଗ୍ରହ କରିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ୬ ୱିକେଟ୍ ବଳକା ଥାଇ ହରିୟାଣା ପାଳି ପରାଜୟ ଏଡ଼ାଇବା ଲାଗି ଆହୁରି ୨୧୨ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ହରିୟାଣାର ବଳକା ୬ଟି ୱିକେଟ୍ ଶୀଘ୍ର ନେଇ ଘରୋଇ ଓଡ଼ିଶା ଇନିଂସ ବିଜୟ ସହ ବୋନସ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ପୂର୍ବରୁ ହରିୟାଣାର ପ୍ରଥମ ପାଳି ସ୍କୋର ୨୭୬ ରନ ଜବାବରେ ଓଡ଼ିଶା ୯ ୱିକେଟ୍‌ରେ ୬୧୪ ରନର ବିଶାଳ ସ୍କୋର କରି ଘୋଷଣା କରିଥିଲା। ଓଡ଼ିଶା ପକ୍ଷରୁ ସୂଜଳ ସିଂ ୧୫୬, ଶ୍ରେୟାଂଶ ଭରଦ୍ୱାଜ ୧୨୧, ଆଶୀର୍ବାଦ ସ୍ୱାଇଁ ୮୨, ସାଇଦୀପ୍ ମହାପାତ୍ର ୬୫ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ।





## ରଣଜୀ ଟ୍ରଫି କ୍ରିକେଟ

# ତାମିଲନାଡୁଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୫।୧ (ସମିସ): ପ୍ରତ୍ୟାବର୍ତ୍ତନ ଖେଳାଳି ସୋନୁ ଯାଦବଙ୍କ ଅଲରାଉଣ୍ଡ ସଫଳତା ବଳରେ କିଟ୍ ଷ୍ଟାଡିୟମ୍‌ରେ ଆଜି ଶେଷ ହୋଇଥିବା ୬ଷ୍ଠ ରାଉଣ୍ଡ ଗ୍ରୁପ୍-ଏ' ଏଲିଟ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ୨୦୭ ରନ୍‌ର ବଡ଼ ବ୍ୟବଧାନରେ ତାମିଲନାଡୁ ଠାରୁ ପରାଜିତ ହୋଇଛି। ଏହା ଫଳରେ ଚଳିତ ସିଜନରେ ଓଡ଼ିଶା ୬ଷ୍ଠ ପରାଜୟ ସହ ୭ ପଏଣ୍ଟ ପାଇ ଟେବଲର ୭ମ ସ୍ଥାନରେ ରହିଛି। ଅପରପକ୍ଷରେ ତାମିଲନାଡୁ ସିଜନ୍‌ର ପ୍ରଥମ ବିଜୟ ହାସଲ କରିଛି। ଓଡ଼ିଶା ତାହାର ଶେଷ ଲିଗ୍ ମ୍ୟାଚ୍ ଝାଡଖଣ୍ଡ ସହ କିନାନ ଷ୍ଟାଡିୟମ୍‌ରେ ଜାନୁଆରୀ ୨୯ରୁ ଖେଳିବ। ଏହି ମ୍ୟାଚ୍‌ରେ ପରାଜିତ ହେଲେ ଓଡ଼ିଶା ପ୍ଲେଟ୍ ଲିଗ୍‌କୁ ଖସିଯିବାର ଆଶଙ୍କା ରହିଛି। ଏହି ମ୍ୟାଚ୍‌ରେ ୭ଟି ୱିକେଟ ନେବା ସହ ୮୨ ରନ୍ କରିଥିବା ତାମିଲନାଡୁର ପେସ୍ ବୋଲିଂ ଅଲରାଉଣ୍ଡର ସୋନୁ ଯାଦବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ୨୮୬ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୪୮ ରନ୍‌ରେ ଆଉଟ ହୋଇଯାଇଥିଲା। ୧୩୮ ରନ୍‌ରେ ଆଗୁଆ ଥିବା ତାମିଲନାଡୁ ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିବା ପରେ ଓଡ଼ିଶା ଆଗରେ ୪୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଦଳ ଅନିଲ ପରିଡ଼ାଙ୍କ ୯୮ ଓ ଶଭ୍ରାଂଶୁ ସେନାପତିଙ୍କ ୫୫ ରନ୍ ସହାୟତାରେ ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫାଷ୍ଟ ବୋଲର ରାଜେଶ ମହାନ୍ତି ୩୦ ଗୋବିନ୍ଦ ପୋଦ୍ଦାର ୨୭ ରନ୍‌ର ଯୋଗଦାନ ଦେଇଥିଲେ।


ଅନିଲ ପରିଡ଼ା




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS